# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 44 ◆ISSUE-12 ◆MONDAY ◆06 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୨ ◆ସୋମବାର ◆୦୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




୬୦ ବର୍ଷରେ ଅମିର୍‌ଙ୍କ ତୃତୀୟ ବିବାହ

▶ପୃଷ୍ଠା ୨ ଦେଖନ୍ତୁ...

## ପ୍ରକାଶ ପାଇଲା ଏସ୍‌ଆଇଆର୍ ଚିଠା ଭୋଟର ତାଲିକା

# ରାଜ୍ୟରେ ବାଦ୍ ପଡ଼ିଲେ ୨୦ ଲକ୍ଷ ୧୨ ହଜାର

■ ଭୁବନେଶ୍ୱର, ୫।୭ (ସମିସ): ଗତ ୨୮ ତାରିଖରେ ରାଜ୍ୟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଚିଠା ତାଲିକାରେ ମୃତକ କୁହାଯାଉଥିବା ୮.୩୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି ଏବଂ ସ୍ଥାନାନ୍ତର ଓ ଦୀର୍ଘ ଅନୁପସ୍ଥିତି ପାଇଁ ୧୦.୦୭ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଛି। ଏକାଧିକ ସ୍ଥାନରେ ପଞ୍ଜୀକୃତ କରାଣରୁ ୧.୫୮ ଲକ୍ଷ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଲୋକଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଠା ଭୋଟର ତାଲିକା ପ୍ରକାଶ ପରେ ରାଜ୍ୟର ୭୫ଟି ବିଧାନସଭା କ୍ଷେତ୍ର ଅଞ୍ଚଳରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କଟାଯାଇଛି। କେବଳ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦୨୪୦ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ଜଣାପଡ଼ିଛି।



**୭୫ ନିର୍ବାଚନମଣ୍ଡଳୀରେ ୧୦ ହଜାର ଲେଖାଏଁ କଟିଲେ**

**ମୃତ ଓ ସ୍ଥାନାନ୍ତରିତଙ୍କୁ ଗଣନା ଫର୍ମ ବଣ୍ଟନକୁ ନେଇ ପ୍ରଶ୍ନ**

**ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କରିହେବ ଆପତ୍ତି-ଅଭିଯୋଗ**

ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚିଠା ତାଲିକା ଅନୁସାରେ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୭ ଓ ମହିଳା ଭୋଟର ସଂଖ୍ୟା ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ । ସେହିପରି ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭୋଟର ତାଲିକାରେ ନାମଥିବା ସମସ୍ତ ବ୍ୟକ୍ତିଙ୍କୁ ପରିଗଣନା ଫର୍ମ ଦିଆଯାଇଥିଲା ଏବଂ ଏହାମଧ୍ୟରୁ ଦାଖଲ ହୋଇଥିବା ପରିଗଣନା ଫର୍ମ ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଓ ଏହା ମୋଟ ଭୋଟର ସଂଖ୍ୟାର ୯୩.୯୭ ପ୍ରତିଶତ। ବଳକା ୨୦ ଲକ୍ଷ ୧୨ହଜାର ୫୫୭ ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଏମାନଙ୍କ ମଧ୍ୟରେ ୮.୩୨ ଲକ୍ଷ ମୃତକ, ୧୦.୦୭ ଲକ୍ଷ ସ୍ଥାନାନ୍ତରିତ ବା ଅନୁପସ୍ଥିତ ଅଛନ୍ତି। ଏହି କାର୍ଯ୍ୟରେ ରାଜ୍ୟରେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିୟୋଜିତ ହୋଇଥିଲେ। ଏହି ପ୍ରକ୍ରିୟାରେ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୮୪ ହଜାର ୫୯୪ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ(ବିଏଲଏ) ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଗତ ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ ବୋଲି ଶ୍ରୀ ଗୋପାଳନ ସୂଚନା ▶ପୃଷ୍ଠା-୭

## ୩ ରାଜ୍ୟରେ କଟିଲେ ୨୨.୫୫ ଲକ୍ଷ; ଓଡ଼ିଶାରୁ ସର୍ବାଧିକ

| ରାଜ୍ୟ | ମୋଟ ଭୋଟର | ଚିଠା ଭୋଟର ତାଲିକା | ବାଦ ପଡ଼ିଥିବା ନାମ |
|---|---|---|---|
| ଓଡ଼ିଶା | ୩,୩୩,୯୯,୫୯୧ | ୩,୧୩,୮୭,୦୩୪ | ୨୦,୧୨,୫୫୭ (୬.୦୨%) |
| ମଣିପୁର | ୨୦,୯୩,୦୭୬ | ୧୯,୩୪,୩୯୯ | ୧,୫୮,୬୭୭ (୭.୫%) |
| ମିଜୋରାମ | ୮,୭୫,୦୬୮ | ୮,୨୮,୯୦୬ | ୪୬,୧୬୨ (୫.୨%) |

■ ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଚାଲିଥିବା ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କ୍ରମରେ ୪ ରାଜ୍ୟରେ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମର ଭୋଟର ତାଲିକା ସଂଶୋଧନ ପରେ ଚାରି ରାଜ୍ୟରୁ ୬.୧୨% ଭୋଟର ଅର୍ଥାତ୍ ୨୨.୫୫ ଲକ୍ଷ ଭୋଟର ଚିଠା ତାଲିକାରୁ ବାଦ ପଡ଼ିଛନ୍ତି। ଏହା ମଧ୍ୟରୁ କେବଳ ଓଡ଼ିଶାରେ ୨୦,୧୨,୫୫୭ ଭୋଟର କଟିଛନ୍ତି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଭୋଟର ଥିବାବେଳେ ଚିଠା ତାଲିକାରେ ଏହି ସଂଖ୍ୟା ୩,୧୩,୮୭,୦୩୪କୁ ହ୍ରାସ ପାଇଛି। ଭୋଟର ତାଲିକାରୁ ୬.୦୨ ପ୍ରତିଶତ ମତଦାତାଙ୍କ ନାମ ବାଦ ଦିଆଯାଇଛି। ସେହିପରି ମଣିପୁରରେ ସଂଶୋଧନ ପୂର୍ବରୁ ୨୦,୯୩,୦୭୬ ଜଣ ଭୋଟର ଥିବାବେଳେ ଚିଠା ତାଲିକାରେ ଏହା ୧୯,୩୪,୩୯୯କୁ ହ୍ରାସ ପାଇଛି। ଏହି ରାଜ୍ୟରେ ୧,୫୮,୬୭୭ ଜଣ (୭.୫ ପ୍ରତିଶତ) ବାଦ ପଡ଼ିଛନ୍ତି।


ଅନ୍ୟପକ୍ଷରେ ମିଜୋରାମରେ ପୂର୍ବରୁ ୮,୭୫,୦୬୮ ଜଣ ଭୋଟର ଥିବାବେଳେ ସଂଶୋଧିତ ଖସଡ଼ା ତାଲିକାରେ ୮,୨୮,୯୦୬ ଜଣଙ୍କ ନାମ ରହିଛି। ଏଠାରେ ୪୬,୧୬୨ ଜଣ (୫.୨ ପ୍ରତିଶତ) ଭୋଟରଙ୍କ ନାମ ବାଦ ଦିଆଯାଇଛି।

# ରାମ ମନ୍ଦିରରୁ ଲୁଟିନେଲେ ପାଞ୍ଚ କୋଟିର ସୁନା 'ରାମଚରିତମାନସ'

■ ଅଯୋଧ୍ୟା, ୫।୭ (ଏଜେନ୍ସି): ଅଯୋଧ୍ୟା ଶ୍ରୀରାମ ମନ୍ଦିରରୁ ଏକ ବହୁମୂଲ୍ୟ ସୁନା ଛାଉଣି ରାମଚରିତମାନସ ଗ୍ରନ୍ଥକୁ ହଟାଯାଇଥିବା ନେଇ ଜଣେ ପୂର୍ବତନ ଆଇଏଏସ ଅଧିକାରୀ ଗୁରୁତର ଅଭିଯୋଗ କରିଛନ୍ତି। ପୂର୍ବତନ କେନ୍ଦ୍ର ଗୃହ ସଚିବ ଆଇଏଏସ ଏସ୍. ଲକ୍ଷ୍ମୀନାରାୟଣନ କହିଛନ୍ତି ଯେ, ତାଙ୍କ ପରିବାର ପକ୍ଷରୁ ମନ୍ଦିରକୁ ଦାନ କରାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ଏହି ସୁନା ଛାଉଣି ଧର୍ମଗ୍ରନ୍ଥଟିକୁ ମନ୍ଦିର ପରିସରରୁ ଗାଏବ କରିଦିଆଯାଇଛି। ତାଙ୍କ ପରିବାର ଏହି ବହୁମୂଲ୍ୟ ରାମଚରିତମାନସକୁ ଏପ୍ରିଲ ୨୦୨୪ରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରନ୍ଥଟି ମନ୍ଦିରର ମୁଖ୍ୟ ପରିସରରେ ଦେଖିବାକୁ ନ ମିଳିବାରୁ ସେ ପ୍ରଶ୍ନ ଉଠାଇଛନ୍ତି।

**ଆଇଏଏସ୍ ଅଧିକାରୀଙ୍କ ଅଭିଯୋଗ ପରେ ହଟଚମଟ**

**ମୁହଁ ଖୋଲୁ ନାହାନ୍ତି ଟ୍ରଷ୍ଟ କର୍ମକର୍ତ୍ତା**



ଏସଂପର୍କରେ ସେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଜଣାଇଥିଲେ ମଧ୍ୟ ଫଳ ଶୂନ। ତେବେ କେବଳ ସୁନା ଛାଉଣି ଗ୍ରନ୍ଥ ନୁହେଁ, ବରଂ ମନ୍ଦିରକୁ ମିଳିଥିବା ବହୁ ପରିମାଣର ରୁପା ଇଟା ଏବଂ ଅଳଙ୍କାର ନିଖୋଜ ▶ପୃଷ୍ଠା-୭

## ଦିନକୁ ଚୋରି ହେଉଥଲା ୬ରୁ ୮ ଲକ୍ଷ ଟଙ୍କା

ଲକ୍ଷ୍ନୌ, ୫।୭ (ଏଜେନ୍ସି): ରାମ ମନ୍ଦିରର ଦାନ ଅର୍ଥ ହରିଲୁଟ୍ ମାମଲା ଏବେ ତୀବ୍ର ରୂପ ଧାରଣ କରିଛି। ଏସଆଇଟିର ପ୍ରାଥମିକ ତଦନ୍ତ ଅନୁଯାୟୀ, ମନ୍ଦିରରୁ ଦୈନିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିବା ସନ୍ଦେହ କରାଯାଉଛି। ବିଶେଷ କରି ୨୦୨୫ ମହାକୁମ୍ଭ ସମୟରେ ଅତ୍ୟଧିକ ଭିଡ଼ର ସୁଯୋଗ ନେଇ ଏହି ଚୋରି ବୃଦ୍ଧି ପାଇଥିଲା। ଏସଆଇଟିର ପ୍ରାଥମିକ ରିପୋର୍ଟ ପ୍ରକାଶ କରାଯାଇନଥିଲେ ମଧ୍ୟ କେତେକ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ଲୁଟ୍‌ର ପର୍ଦ୍ଦାଫାସ ହେବା ପୂର୍ବରୁ ଦାନ ବାକ୍ସରେ ଦୈନିକ ୧୬ରୁ ୧୮ ଲକ୍ଷ ଟଙ୍କା ପଡୁଥିଲା ଏବଂ ବ୍ୟାଙ୍କ ଖାତାରେ ଏହା ଜମା ହେଉଥିଲା। କିନ୍ତୁ ଲୁଟ୍‌ର ପର୍ଦ୍ଦାଫାସ ହେବାପରେ ଏବେ ଦିନକୁ ଦାନ ଅର୍ଥ ୨୪ରୁ ୨୬ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ହୋଉଛି। ଏହାକୁ ଆଧାର କରି ସେମାନେ କହିଛନ୍ତି ଯେ ୨୦୨୫ ▶ପୃଷ୍ଠା-୭

# ଅବପାତ ଝାଡ଼ଖଣ୍ଡମୁହାଁ

## ଓଡ଼ିଶାରେ ଭରିଲା ମାସକର ନିଅଣ୍ଟିଆ ବର୍ଷା



**ଆଖୁଆପଦାଠାରେ ସତର୍କ ସଂକେତ ନିକଟତର**

■ ଭୁବନେଶ୍ୱର, ୫।୭ (ସମିସ): ଗୋଟିଏ ଲଘୁଚାପ ଭରଣା କରିଦେଲା ମାସକର ନିଅଣ୍ଟିଆ ବର୍ଷା। ଜୁନ୍ ମାସରେ ମୌସୁମୀ ଛୁଇଁଥିଲେ ମଧ୍ୟ ସାରା ରାଜ୍ୟରେ ବର୍ଷାର ଅଭାବ ଲାଗି ରହିଥିଲା। ମାସ ଶେଷ ସୁଦ୍ଧା ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ମାତ୍ର ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଅବପାତ ପ୍ରଭାବରେ ୫ ଦିନରେ ୪୫ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଏଥିସହ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ▶ପୃଷ୍ଠା-୭

**୨୪ ଘଣ୍ଟାରେ ୬୪୯ ପ୍ରତିଶତ ଅଧିକ ବର୍ଷା**

**ପ୍ରଥମ ୫ ଦିନରେ ମାସକର ୪୫ ପ୍ରତିଶତ ଭରଣା**

## ଫୁଲୁଛି ବୈତରଣୀ

■ ବାରିକପୁର, ୫।୭ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ ନଦୀ ଫୁଲି ଉଠିଛି। ଯଦିଓ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଆଶଙ୍କା ନାହିଁ; ତଥାପି ଲଗାଣ ବର୍ଷା କାରଣରୁ ନଦୀ ଗର୍ଭ ଜଳପୂର୍ଣ୍ଣ ହୋଇଛି। ଆଖୁଆପଦା ଆନିକଟଠାରେ ରବିବାର ଅପରାହ୍ଣ ୩ଟା ସୁଦ୍ଧା ୧୬.୭୬ ମିଟରରେ ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୧୭.୮୩ ମିଟର ଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ୮ଟା ୩୦ ସୁଦ୍ଧା ▶ପୃଷ୍ଠା-୭


# ଡିଏସ୍‌ପିଙ୍କ ସମ୍ପତ୍ତି ୨୦୦ କୋଟି

■ ହାଇଦ୍ରାବାଦ, ୫।୭ (ଏଜେନ୍ସି): ତେଲଙ୍ଗାନାରେ ଦୁର୍ନୀତି ନିରୋଧୀ ସଂସ୍ଥା (ଏସିବି) ଚଢ଼ଉ ବେଳେ ଜଣେ ପୁଲିସ ଉପ ଅଧୀକ୍ଷକ (ଡ଼ିଏସ୍‌ପି) ସଙ୍କିରେଡ୍ଡୀ ଭୀମରେଡ୍ଡୀଙ୍କଠାରୁ ମିଳିଛି ବିପୁଳ ସମ୍ପତ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ସବୁ ସମ୍ପତ୍ତିର ବଜାର ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି ଏସିବି ସୂଚନା ଦେଇଛି। ଏକ ଅଜ୍ଞାତ ସୂଚନାଦାତାଙ୍କ ସୂଚନା ଆଧାରରେ ଏସିବି ହାଇଦ୍ରାବାଦ, ସାଇବରାବାଦ, ସଙ୍ଗାରେଡ୍ଡି, ଜାହିରାବାଦ, ଶାମଶାବାଦ, ଗାଚିବୌଲି, ବିକାରାବାଦ, ମୋମିନପେଟ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ଉ ସମୟରେ ତାଙ୍କର ଘୋଷିତ ସମ୍ପତ୍ତି ସହ ଏକ ଡ଼ାଏରୀ ମିଳିଥିଲା ଓ ଏଥିରେ ସମସ୍ତ ବେନାମୀ ସମ୍ପତ୍ତିର ସୂଚନା ରହିଥିଲା। ତାହା ଆଧାରରେ ଅନ୍ୟସ୍ଥାନରେ ଚଢ଼ଉ କରାଯାଇ ବିପୁଳ ସମ୍ପତ୍ତି ଜବତ କରାଯାଇଛି।

ତାଙ୍କ ଘରୁ ନଗଦ ୪୦ ଲକ୍ଷ ଟଙ୍କା, ୨ କିଲୋ ସୁନା ଗହଣା, ୨୦ କିଲୋ ରୁପା ସାମଗ୍ରୀ ସହ ବିଭିନ୍ନ ବିପୁଳ ଅର୍ଥ ଜମାଥିବା ବ୍ୟାଙ୍କ ଖାତା ମିଳିଛି। ଏହାବ୍ୟତୀତ ଅନ୍ୟସବୁ ସମ୍ପତ୍ତି, ଫର୍ମହାଉସ, ଆପାର୍ଟମେଣ୍ଟ, ବିପୁଳ ଜମି ତାଙ୍କର ପରିବାର ସଦସ୍ୟ, ବନ୍ଧୁ, ପରିଜନଙ୍କ ନାମରେ ନାମରେ ରହିଥିବା କୁହାଯାଉଛି। ସମ୍ପ୍ରତି ସେ ତେଲଙ୍ଗାନା ପୁଲିସ ଡ଼ିଜିଙ୍କ କାର୍ଯ୍ୟାଳୟରେ ଷ୍ଟେସନାରୀ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ସଙ୍ଗାରେଡ୍ଡି, ବାନସ୍ଥଳୀପୁରମ୍, ଜାହିରାବାଦ, ବାଲାନଗର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି।

# ଗୋ-ମାଫିଆଙ୍କୁ ସୂଚନା ଦେଉଥିଲେ ପୁଲିସ

■ ବାରିପଦା, ୫।୭ (ସମିସ): ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ୍ ୧୩ ତାରିଖରେ ଏକସଙ୍ଗେ ୩ଟି ଜିଲ୍ଲାର ଗୋ-ମାଫିଆଙ୍କ ବିରୋଧରେ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଚଢ଼ଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସେହି ଜୁନ ୧୩ ତାରିଖ ଭୋରରେ ଝାରପୋଖରିଆ ଅଞ୍ଚଳର ଗୋ-ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଘରେ ପୁଲିସ ଚଢ଼ଉ କରି ଖାଲି ହାତରେ ଫେରିଥିଲା। ଚଢ଼ଉ ପୂର୍ବରୁ ଖବର ପାଇ ଜରୁରୀ କାଗଜପତ୍ର ନେଇ ନିଜ ଏସୟୁଭି କାର୍‌ରେ ଚମ୍ପଟ ମାରିଥିଲେ ଉତ୍ତମ ଦଣ୍ଡପାଟ। ଘରୁ ଫେରାର ହେବା ସମୟର ସମସ୍ତ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଯେଉଁଥିରେ ଚଢ଼ଉର ୧୫ ମିନିଟ ପୂର୍ବରୁ ସେ ତରବରିଆ ଭାବେ ଗାଡ଼ିରେ ଦସ୍ତାବିଜ୍ ଲୋଡ୍ କରି ପଳାଉଥିବା ସ୍ପଷ୍ଟ ଦେଖାଯାଇଥିଲା। ଏ ନେଇ ଝାରପୋଖରିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାଖାପାଖି ଏକ ମାସ ସମୟ ଭିତରେ ପ୍ରାଥମିକ ତଦନ୍ତ ଓ ପ୍ରମାଣ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ନିଜ ବିଭାଗର କିଛି କର୍ମଚାରୀ ଗୋ-ମାଫିଆଙ୍କୁ ଚଢ଼ଉ ▶ପୃଷ୍ଠା-୭



**ଏଏସ୍‌ଆଇ ଓ କନଷ୍ଟେବଲ ନିଲମ୍ବିତ**

**ହୋମ୍‌ଗାର୍ଡଙ୍କୁ କାରଣ ଦର୍ଶାଅ ନୋଟିସ**








# ଦେଶ ବିଦେଶ


ସକାଳ THE SAKALA
www.sakalaepaper.com


## ନୈନିତାଲ ରିସର୍ଟରେ ଦେହବ୍ୟବସାୟ ରାକେଟ୍ ଠାବ

### ନେପାଳ, ୟୁପି, ପଶ୍ଚିମବଙ୍ଗର ମହିଳା ଉଦ୍ଧାର

ନୈନିତାଲ,୫ ।୭ (ଏଜେନ୍ସି): ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ରାମନଗର ସ୍ଥିତ ଏକ ରିସର୍ଟରେ ଚାଲିଥିବା କଥିତ ଦେହବ୍ୟବସାୟ ରାକେଟ୍‌ର ପର୍ଦ୍ଦାଫାଶ କରିଛି ପୁଲିସ । ଶନିବାର ବିଳମ୍ବିତ ରାତିରେ ହୋଇଥିବା ଚଢ଼ାଉରେ ୫୨ ଜଣ ପୁରୁଷ ଓ ମହିଳାଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଅଟକ ରଖାଯାଇଥିବାବେଳେ ୧୦ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଯୁବତୀମାନଙ୍କ ମଧ୍ୟରେ ନେପାଳ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ବାସିନ୍ଦା ଥିବା ସୂଚନା ମିଳିଛି । ପୁଲିସ ସୂଚନା ଅନୁସାରେ, ରାମନଗରର ସାୱଲଦେହ ଅଞ୍ଚଳରେ ଥିବା ଏକ ରିସର୍ଟରେ ବାହାର ରାଜ୍ୟର ଅନେକ ଯୁବକ ଓ ଯୁବତୀଙ୍କୁ ନେଇ ଏକ ବଡ଼ ପାର୍ଟି ଆୟୋଜନ କରାଯାଉଥିବା ସମ୍ପର୍କରେ ପୁଲିସକୁ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା । ଏହାପରେ ରାମନଗର ଥାନା ଅଧିକାରୀ ସୁଶୀଲ କୁମାରଙ୍କ ନେତୃତ୍ୱରେ ପୁଲିସ ଦଳ ନଜର ରଖିଥିଲା । ଶନିବାର ରାତିରେ ପାର୍ଟି ଆରମ୍ଭ ହେବା ପରେ ସେଠାରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଚାଲିଥିବା ଜଣାପଡ଼ିଥିଲା । ଏହାପରେ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଏସ୍‌ଓଜି ଓ ପୁଲିସ ଲାଇନ୍ ଫୋର୍ସର ସହଯୋଗରେ ହଠାତ୍ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ରିସର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଥିଲା । ପୁଲିସ କହିଛି ଯେ, ରିସର୍ଟରୁ ଏକ ବେଆଇନ ମଦ ବାର୍‌ର ସନ୍ଧାନ ମିଳିଛି ।



## ସ୍ୱାମୀକୁ ମାରି ବାଥରୁମରେ ପୋତିଲା ସ୍ତ୍ରୀ

ନୂଆଦିଲ୍ଲୀ,୫ ।୭ (ଏଜେନ୍ସି): ଉତ୍ତର ପ୍ରଦେଶର ଆଗ୍ରାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ସ୍ୱାମୀ ସୁରେନ୍ଦ୍ର ଶର୍ମାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ବାଥରୁମ ଭିତରେ ପୋତି ଦେଇଥିବା ଅଭିଯୋଗରେ ପୁଲିସ ସ୍ତ୍ରୀ ରୁବି ଶର୍ମାଙ୍କୁ ଗିରଫ କରିଛି । ସୁରେନ୍ଦ୍ର ପ୍ରାୟ ୪୫ ଦିନ ହେବ ନିଖୋଜ ଥିଲେ । ରୁବି ପୁଲିସ ଆଗରେ ସ୍ୱୀକାର କରିଛନ୍ତି ଯେ ସେ ସ୍ୱାମୀଙ୍କ ଖାଦ୍ୟରେ ୧୫ ରୁ ୨୦ଟି ନିଦ ବଟିକା ମିଶାଇ ଦେଇଥିଲେ । ସୁରେନ୍ଦ୍ର ଗଭୀର ନିଦ୍ରାରେ ଶୋଇବା ପରେ ରୁବି ତାଙ୍କୁ ହତ୍ୟା କରିଥିଲେ । ହତ୍ୟା ପରଦିନ ରୁବି ଶ୍ରମିକ ଓ ମିସ୍ତ୍ରୀ ଡାକି ବାଥରୁମର ମାଟି ଚଟାଣ ଉପରେ ଶବକୁ ରଖି ମାଟି ପକାଇବା ସହ ତା' ଉପରେ କଂକ୍ରିଟ୍ ପଲସ୍ତରା କରିଦେଇଥିଲେ । ରୁବି ନିଜେ ଦେଢ଼ଶୁରଙ୍କ ସହ ମିଶି ଥାନାରେ ନିଖୋଜ ହେବା ଅଭିଯୋଗ କରିଥିଲେ ଏବଂ ପଡୋଶୀଙ୍କ ଆଗରେ କାନ୍ଦିବାର ଅଭିନୟ କରୁଥିଲେ । ପରେ ସୁରେନ୍ଦ୍ରଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ । ରୁବିଙ୍କ ବାରମ୍ବାର ବୟାନ ବଦଳାଇବା ଯୋଗୁଁ ପୁଲିସ ତାଙ୍କୁ ପଚରାଉଚରା କରିଥିଲା । ଶେଷରେ ରୁବି ନିଜ ଅପରାଧ ସ୍ୱୀକାର କରିଥିଲେ । ପୁଲିସ ବାଥରୁମ ଚଟାଣ ଖୋଲି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ପଶ୍ଚିମବଙ୍ଗ ସରକାରଙ୍କ ନୂଆ ଆଇନ

## ଭଙ୍ଗାରୁଜା କଲେ ଦେବାକୁ ପଡ଼ିବ ତିନି ଗୁଣା ଜରିମାନା

କୋଲକାତା,୫ ।୭ (ଏଜେନ୍ସି): ପଶ୍ଚିମବଙ୍ଗରେ ହିଂସାତ୍ମକ ଆନ୍ଦୋଳନ ଏବଂ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ କରୁଥିବା ଉପଦ୍ରବୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନୂଆ ଆଇନ ଅନୁଯାୟୀ, ଆନ୍ଦୋଳନ ସମୟରେ କୌଣସି ସମ୍ପତ୍ତି ଭଙ୍ଗାରୁଜା କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ କ୍ଷୟକ୍ଷତିର ତିନି ଗୁଣା ଅର୍ଥ ଆଦାୟ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି । ଶିଳ୍ପପତି ଓ ନିବେଶକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଭବାନୀପୁରଠାରେ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ଅଛି, ମାତ୍ର ହିଂସା ଓ ସମ୍ପତ୍ତି ନଷ୍ଟକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଯଦି କେହି ଜରିମାନା ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କ ସମ୍ପତ୍ତି ନିଲାମ କରି ଏହି ଅର୍ଥ ଆଦାୟ କରାଯିବ । ଉଦାହରଣ ସ୍ୱରୂପ, ଯଦି ୧ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୁଏ, ତେବେ ୩ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ଓ ଏଥିସହ ଜେଲ ଦଣ୍ଡ ଭୋଗିବାର ସମ୍ଭାବନା ରହିଛି । ଗତ ଜୁନ ୨୮ ତାରିଖରେ ପଶ୍ଚିମବଙ୍ଗ ବିଧାନସଭାରେ ଏହି ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି । ଏଥିମଧ୍ୟରୁ ଗୋଟିଏ ଆଇନ ଆନ୍ଦୋଳନକାରୀଙ୍କୁ ଆର୍ଥିକ ଭାବେ ଦାୟୀ କରୁଥିବା ବେଳେ ଅନ୍ୟ ବିଲ୍‌ଟି ସାମାଜିକ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିନା ବିଚାରରେ ୧୨ ମାସ ପର୍ଯ୍ୟନ୍ତ ଗିରଫ କରି ରଖିବାକୁ କ୍ଷମତା ପ୍ରଦାନ କରୁଛି । ରାଜ୍ୟରେ ଶିଳ୍ପାନୁଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ଏବଂ ସାଧାରଣ ଶୃଙ୍ଖଳା ବଜାୟ ରଖିବାରେ ଏହି ଆଇନ ବିଶେଷ ସହାୟକ ହେବ ବୋଲି ସରକାର କହିଛନ୍ତି ।

### ଶ୍ୟାମା ପ୍ରସାଦଙ୍କ ପ୍ରତିମୂର୍ତ୍ତି ବେଦି ଭଙ୍ଗା, ଜଣେ ଗିରଫ

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୋଲକାତା ଗସ୍ତ ପୂର୍ବରୁ ଉତ୍ତର କୋଲକାତାର ସୁକିଆ ଷ୍ଟ୍ରିଟ୍‌ରେ ସ୍ଥାପିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିର ବେଦିକୁ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି । ପ୍ରତିମୂର୍ତ୍ତି ଅକ୍ଷତ ଥିବାବେଳେ ନାମଫଳକ କ୍ଷତିଗ୍ରସ୍ତ ହୋଇଛି । ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବାବେଳେ ରୂପେଶ ହାଜରା (୨୬) ନାମକ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି । ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ଧାନ ଜାରି ରହିଛି । ଏହି ଘଟଣାକୁ ବିଜେପି ପକ୍ଷରୁ ନିନ୍ଦା କରାଯାଇଛି ।

### ଇରାନର ସର୍ବୋଚ୍ଚ ନେତାଙ୍କ ଅନ୍ତ୍ୟେଷ୍ଟି

# ଟ୍ରମ୍ପଙ୍କ ବିବାଦୀୟ ବୟାନକୁ ନେଇ ଝଡ଼

## ଇରାନୀ ନେତୃତ୍ୱକୁ ଗୋଟିଏ ମାଡ଼ରେ ସଫା କରିପାରିବୁ



ୱାସିଂଟନ୍/ତେହେରାନ,୫।୭ (ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅବସରରେ ସମଗ୍ର ଇରାନ ଏବେ ଶୋକାକୁଳ । ତେହେରାନର ରାଜପଥରେ ହଜାର ହଜାର ଶୋକାର୍ତ୍ତ ଜନତା ଏକତ୍ରିତ । ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅନ୍ତ୍ୟେଷ୍ଟିକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପ ଅନ୍ତ୍ୟେଷ୍ଟିକ୍ରିୟାକୁ କଟାକ୍ଷ କରି ଇରାନର ବର୍ତ୍ତମାନର ନେତୃତ୍ୱକୁ ଏକପ୍ରକାର ଧମକ ଦେଇଛନ୍ତି । ସେ ଦାବି କରିଛନ୍ତି ଯେ ୱାସିଂଟନ୍ ଚାହିଁଲେ ମାତ୍ର "ଗୋଟିଏ ଆକ୍ରମଣ'ରେ ଖାମେନେଇଙ୍କ ଶୋକସଭାରେ ଏକତ୍ରିତ ହୋଇଥିବା ଇରାନର ସମଗ୍ର ବରିଷ୍ଠ ନେତୃତ୍ୱକୁ ନିପାତ କରିପାରିବ । ଆମେରିକାର ସମ୍ବାଦ ସଂସ୍ଥା ଏକ୍ସିଓସ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, "ଇରାନ ନେତାମାନେ ସମସ୍ତେ ଏକତ୍ରିତ ଅଛନ୍ତି । ଗୋଟିଏ ଆକ୍ରମଣରେ ଆମେ ଏକାବେଳେ ସମସ୍ତଙ୍କୁ ନିଶ୍ଚିହ୍ନ କରି ଦେଇପାରିବୁ । କିନ୍ତୁ ଆମେ ତାହା କରିବୁ ନାହିଁ କାରଣ ତାହା କଲେ ଆଲୋଚନା ପାଇଁ ଆଉ କେହି ବାକି ରହିବେ ନାହିଁ।' ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮ରେ ଆମେରିକା-ଇସ୍ରାଏଲ୍ ବିମାନ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା । ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ମାଉଣ୍ଟ ରଶମୋରରେ ଏକ ସଭାକୁ ସମ୍ବୋଧିତ କରି ଟ୍ରମ୍ପ ଇରାନକୁ ଉପହାସ କରିଥିଲେ । ଆମେରିକା ଇରାନକୁ ଧୂଳି ଚଟାଇ ଦେଇଛି । ତେଣୁ ଇରାନ ବୁଝାମଣା ପାଇଁ ବ୍ୟାକୁଳ ଅଛି । ଏପରିକି ଆମେରିକା ଦୟା ଦେଖାଇ ଇରାନକୁ ଶୋକସଭା ପାଇଁ ଏକ ସପ୍ତାହ ସମୟ ଦେଇଥିବା ଟ୍ରମ୍ପ କଟାକ୍ଷ କରି କହିଥିଲେ । ଏହା ସହିତ ଖାମେନେଇଙ୍କ ପାଇଁ କାନ୍ଦୁଥିବା ଇରାନୀ ନାଗରିକ ଓ ନେତାମାନଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି । ତାଙ୍କ ଅନୁଯାୟୀ, ଇରାନ ନାଗରିକ ଖାମେନେଇଙ୍କୁ ଘୃଣା କରୁଥିଲେ ଏବଂ ତାଙ୍କ ଶବାଧାରରେ ଲୋକ ଗୁଡ଼ିକ ମିଛିମିଛିକା କାନ୍ଦୁଛନ୍ତି । ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ଆର୍ମେନିଆରେ ଥିବା ଇରାନ ଦୂତାବାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଟ୍ରମ୍ପଙ୍କ ପାଖରେ ନା ସଭ୍ୟତା ଅଛି ନା ସମ୍ମାନ । ଅନ୍ୟପଟେ, ଇରାନର ସାମରିକ କମାଣ୍ଡର ଅଲି ଅବଦୁଲ୍ଲାହି ଆମେରିକା ଓ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ନିଆଗଲେ ଇରାନ କଠୋର ପ୍ରତିଶୋଧ ନେବ ବୋଲି ସେ କହିଛନ୍ତି । ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଜୁଲାଇ ୪ରୁ ୯ ଯାଏଁ ଅନୁଷ୍ଠିତ ହେବ ।



## ଖାମେନେଇଙ୍କ ଅନ୍ତ୍ୟେଷ୍ଟିରେ ସାମିଲ ହେଲେ ୩ ପୁତ୍ର

ତେହେରାନ,୫ ।୭ (ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଶେଷ ଦର୍ଶନ ପାଇଁ ରାଜଧାନୀ ତେହେରାନରେ ଲକ୍ଷ ଲକ୍ଷ ଶୋକାକୁଳ ଜନସାଧାରଣ ଏକତ୍ରିତ ହୋଇଛନ୍ତି । ରବିବାର ଅନୁଷ୍ଠିତ ଏହି ସାମୂହିକ ପ୍ରାର୍ଥନା ସଭାରେ ଖାମେନେଇଙ୍କ ତିନି ପୁତ୍ର ମୋସ୍ତଫା, ମେସାମ ଏବଂ ମାସୁଦ ଖାମେନେଇ ଉପସ୍ଥିତ ରହି ନିଜ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମାତ୍ର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଉତ୍ତରାଧିକାରୀ ମୋଜତାବା ଅନୁପସ୍ଥିତ

ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଚିତ୍ର ଅନୁଯାୟୀ, ଏହି ଶୋକ ସଭାରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ, ସଂସଦର ବାଚସ୍ପତି ଏବଂ ସେନା ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ପତାକା ଏବଂ ପାରମ୍ପରିକ ପଗଡ଼ିରେ ଆଚ୍ଛାଦିତ ହୋଇଥିବା ଖାମେନେଇଙ୍କ ଶବଧାର ନିକଟରେ ଠିଆ ହୋଇ ତାଙ୍କ ପୁତ୍ରମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ଗତ ମାର୍ଚ୍ଚ ମାସରେ ପିତାଙ୍କ ମୃତ୍ୟୁ ପରେ ମୋଜତାବା ଖାମେନେଇ ଇରାନର ସର୍ବୋଚ୍ଚ ଶାସନ ଭାର ଗ୍ରହଣ କରିଛନ୍ତି, କିନ୍ତୁ ସେବେଠାରୁ ସେ ସାର୍ବଜନୀନ ଭାବେ କେଉଁଠି ଦେଖାଦେଇନାହାନ୍ତି । ଗତ ଫେବୃଆରୀ ମାସରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବୋମା ବିସ୍ଫୋରଣରେ ତାଙ୍କ ପରିବାରର ବହୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା ଏବଂ ସେହି ଆକ୍ରମଣରେ ମୋଜତାବା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା କୁହାଯାଉଛି । ଇସ୍ରାଏଲ୍ ପକ୍ଷରୁ ପୁଣିଥରେ ଆକ୍ରମଣ କିମ୍ବା ଗୁପ୍ତହତ୍ୟାର ଆଶଙ୍କା ଥିବାରୁ ତାଙ୍କୁ ସର୍ବସାଧାରଣ ସ୍ଥାନକୁ ନଆସିବାକୁ କୁହାଯାଇଛି । ସେ ଆହତ ଥିବାରୁ ଏବଂ ସୁରକ୍ଷା କାରଣରୁ ନିଜର ସ୍ୱର କିମ୍ବା ଚିତ୍ର ଗଣମାଧ୍ୟମରେ ପ୍ରକାଶ ନକରିବାକୁ ତାଙ୍କୁ ସତର୍କ କରାଯାଇଛି । ଗତ ସପ୍ତାହରେ ସେହି ଆକ୍ରମଣରେ ପ୍ରାଣ ହରାଇଥିବା ନିଜ ପତ୍ନୀ ଏବଂ ସନ୍ତାନଙ୍କ ସ୍ମୃତି ସଭାରେ ମଧ୍ୟ ମୋଜତାବା ସାମିଲ ହୋଇପାରି ନ ଥିଲେ ।



## ୬୦ ବର୍ଷ ବୟସରେ ଗୌରୀଙ୍କ ହାତ ଧରିଲେ ଅମିର ଖାନ

ବଲିଉଡର ସୁପରଷ୍ଟାର ଆମିର ଖାନ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଦୀର୍ଘ ଦୁଇ ବର୍ଷର ପ୍ରେମ ସମ୍ପର୍କ ପରେ ସେ ତାଙ୍କର ପୁରୁଣା ବନ୍ଧୁ ଗୌରୀ ସ୍ପ୍ରାଟଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି । ମୁମ୍ବାଇର ବାନ୍ଦ୍ରାସ୍ଥିତ ଆମିରଙ୍କ ବାସଭବନରେ ଅତି ନିରାଡ଼ମ୍ବର ଭାବେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ବିବାହ ଉତ୍ସବରେ କେବଳ ପରିବାର ଲୋକ ଓ କିଛି ଅତି ନିକଟତର ବନ୍ଧୁ ଉପସ୍ଥିତ ଥିଲେ । ଉଭୟେ ଆଇନଗତ ଦଲିଲରେ ସ୍ୱାକ୍ଷର କରି ନିଜର ବିବାହକୁ ପଞ୍ଜିକୃତ କରିଛନ୍ତି । ଏହି ସ୍ୱତନ୍ତ୍ର ଅବସରରେ ଆମିରଙ୍କ ତିନି ସନ୍ତାନ ଏବଂ ଗୌରୀଙ୍କ ପୁଅ ମଧ୍ୟ ଉପସ୍ଥିତ ଥିଲେ । ଆମିର ଓ ଗୌରୀ ପରସ୍ପରକୁ ଦୀର୍ଘ ୨୫ ବର୍ଷ ହେବ ଜାଣିଥିଲେ ମଧ୍ୟ ଦୁଇ ବର୍ଷ ତଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପୂର୍ବରୁ ଦୁଇଟି ବିବାହ ବିଚ୍ଛେଦ ପରେ ୬୦ ବର୍ଷ ବୟସରେ ଆମିରଙ୍କ ଜୀବନକୁ ଗୌରୀ ଶାନ୍ତି ଓ ସ୍ଥିରତା ଆଣିଦେଇଛନ୍ତି ବୋଲି ଅଭିନେତା ପ୍ରକାଶ କରିଛନ୍ତି ।

## ବିଶାଖାପାଟଣା ଉପକୂଳରେ ୬ ମତ୍ସ୍ୟଜୀବୀ ନିଖୋଜ

ବିଶାଖାପାଟଣା,୫ ।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ମାଛଧରା ଡଙ୍ଗା ସହ ସମ୍ପର୍କ ବିଚ୍ଛିନ୍ନ ହେବା ପରେ ୬ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଛନ୍ତି । ଡଙ୍ଗାରେ ମୋଟ ୭ ଜଣ ରହିଥିଲେ । ଜୁଲାଇ ୧ରେ ବିଶାଖାପାଟଣା ମତ୍ସ୍ୟ ବନ୍ଦରରୁ ସମୁଦ୍ରକୁ ଯାଇଥିବା ଏହି ଡଙ୍ଗା ଜୁଲାଇ ୪ରେ ଫେରିବା କଥା ଥିଲା । ଲଘୁଚାପ ଯୋଗୁଁ ପାଗ ଖରାପ ହେବାରୁ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଫେରି ଆସିବାକୁ ସତର୍କ କରାଯାଇଥିଲା । ପରେ ଡଙ୍ଗା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏହାପରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା, ସାମୁଦ୍ରିକ ପୁଲିସ ଓ ଅନ୍ୟ ସଂସ୍ଥା ପକ୍ଷରୁ ବ୍ୟାପକ ଖୋଜାଖୋଜି ଅଭିଯାନ ଚାଲିଛି । ନୌସେନାର ହେଲିକପ୍ଟର ମଧ୍ୟ ଅନୁସନ୍ଧାନରେ ସାମିଲ ହୋଇଛି ।

## କାଶ୍ମୀର ପାଠ୍ୟପୁସ୍ତକେରେ ହାଫିଜ୍ ସୟିଦ୍ 'ମହାନ ବ୍ୟକ୍ତି'





### ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ବଳରେ ମାମଲା ରୁଜୁ

ଶ୍ରୀନଗର,୫ ।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପାଇଁ କିଣାଯାଇଥିବା ଦୁଇଟି ବହିକୁ ନେଇ ତୀବ୍ର ବିବାଦ ଦେଖାଦେଇଛି । ଏହି ବହିଗୁଡ଼ିକରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ସୂତ୍ରଧର ଆତଙ୍କବାଦୀ ହାଫିଜ୍ ସୟିଦ୍ ଏବଂ ବିଚ୍ଛିନ୍ନତାବାଦୀ ନେତା ମକବୁଲ ଭଟ୍ଟଙ୍କୁ 'ମହାନ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରାଯାଇଛି । ଏହି ଘଟଣାରେ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ) ଏବଂ ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପାଠ୍ୟପୁସ୍ତକରେ ଜମ୍ମୁ-କାଶ୍ମୀରକୁ 'ଭାରତ ଅଧିକୃତ କାଶ୍ମୀର' ବୋଲି ଉଲ୍ଲେଖ କରାଯିବା ସହ ପ୍ରତିବନ୍ଧିତ ସଂଗଠନର ପ୍ରତିଷ୍ଠାତା ମକବୁଲ ଭଟ୍ଟଙ୍କୁ ଶହୀଦ ଏବଂ ଅନ୍ୟ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଚିତ୍ରିତ କରାଯାଇଛି । ବିଜେପି ଏହାକୁ 'ଶିକ୍ଷାଗତ ଜିହାଦ' ବୋଲି ଆଖ୍ୟା ଦେଇ ଦୃଢ଼ ବିରୋଧ କରିଛି । ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ତୁରନ୍ତ ଏହି ବହିଗୁଡ଼ିକ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛି । ବହି ଚୟନ କରିଥିବା କମିଟିର ସଦସ୍ୟ ଏବଂ ଅଧିକାରୀଙ୍କ ଚରମ ଅବହେଳା ପାଇଁ ୮ ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ଏବଂ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦିଆଯାଇଛି । ସମ୍ପୃକ୍ତ ଲେଖକ ଏବଂ ପ୍ରକାଶକମାନଙ୍କୁ ଜମ୍ମୁ-କାଶ୍ମୀରରେ କଳାତାଲିକାଭୁକ୍ତ କରାଯାଇଛି । ପୁଲିସ ଜମ୍ମୁସ୍ଥିତ ପ୍ରକାଶକଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଏବଂ ଡିଜିଟାଲ ପ୍ରମାଣ ଜବତ କରିଛି । ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ଏହି ଘଟଣାରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା ଏହିଭଳି ବିଷୟବସ୍ତୁ କିଭଳି ପାଠ୍ୟକ୍ରମରେ ସ୍ଥାନ ପାଇଲା, ସେ ନେଇ ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ।

## ଏନକାଉଣ୍ଟରରେ ଲରେନ୍ସ ଗ୍ୟାଙ୍ଗ୍‌ର ଦୁଇ ସୁଟର ନିହତ

ଝଜ୍ଜର,୫ ।୭ (ଏଜେନ୍ସି): ହରିୟାଣା ଏସ୍‌ଟିଏଫ୍ ଓ ଦିଲ୍ଲୀ ପୁଲିସର ମିଳିତ ଅଭିଯାନରେ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ଦୁଇ ଶୁଟର ରବିବାର ଭୋରରେ ଏନକାଉଣ୍ଟରରେ ନିହତ ହୋଇଛନ୍ତି । ମୃତକମାନେ ପ୍ରବେଶ ଓ ହିମାଂଶୁ ବୋଲି ପୁଲିସ ଚିହ୍ନଟ କରିଛି । ଉଭୟଙ୍କ ମୁଣ୍ଡ ଉପରେ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଥିଲା । ପୁଲିସ ସୂଚନା ଅନୁସାରେ, ଗୁପ୍ତ ସୂଚନା ଆଧାରରେ ବହାଦୁରଗଡ଼ ଅଞ୍ଚଳରେ ଘେରାଉ କରାଯିବା ପରେ ଅଭିଯୁକ୍ତମାନେ ପୁଲିସ ଉପରେ ଗୁଳିଚାଳନା କରିଥିଲେ । ପାଲଟା କାର୍ଯ୍ୟାନୁଷ୍ଠାନରେ ଉଭୟ ନିହତ ହୋଇଥିବାବେଳେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୧୨ରୁ ୧୩ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା । ନିହତ ଦୁଇ ଅଭିଯୁକ୍ତ ଗତ ଜୁନ୍ ୧୧ରେ ହାଁସିର ଜିମ୍ ମାଲିକ କପିଲ ରେଢୁଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି । ଏହି ହତ୍ୟାକାଣ୍ଡର ଦାୟିତ୍ୱ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ହ୍ୟାରି ବକ୍ସର ଅନଲାଇନ୍ ପୋଷ୍ଟ ମାଧ୍ୟମରେ ନେଇଥିବା ଦାବି କରିଥିଲା । ତେବେ ଏହି ପୋଷ୍ଟର ସତ୍ୟତା ସ୍ୱାଧୀନ ଭାବେ ପ୍ରମାଣିତ ହୋଇନାହିଁ । ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି ।

## ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

ବାରୁଇପୁର,୫ ।୭ (ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ଏକ ଅତି ନିର୍ମମ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ବାରୁଇପୁର ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ରବିବାର ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଏକ ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିଲେ, ମାତ୍ର ଆଉ ଘରକୁ ଫେରିନଥିଲେ । ଚାରି ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ରବିବାର ସକାଳେ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ଶବ ମିଳିବା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ଏହି ବିକ୍ଷୋଭ ଉଗ୍ର ରୂପ ନେଇଥିଲା, ଯେଉଁଥିରେ ପୁଲିସଗାଡ଼ି ଭଙ୍ଗାରୁଜା ହେବା ସହ କିଛି ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ।

### ପୋଖରୀରୁ ମୃତଦେହ ଉଦ୍ଧାର

ପୁଲିସ ପ୍ରାଥମିକ ତଦନ୍ତରୁ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସନ୍ଦେହ କରୁଛି ଏବଂ ଶାରୀରିକ ନିର୍ଯାତନାର ଆଶଙ୍କା ମଧ୍ୟ କରାଯାଉଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ଏହି ଘଟଣା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପିତାଙ୍କ ସହ କଥା ହୋଇଛନ୍ତି ଏବଂ ଆସନ୍ତା ମଙ୍ଗଳବାର ଦିନ ତାଙ୍କ ପରିବାରକୁ ଭବାନୀ ଭବନରେ ଭେଟିବାକୁ କହିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ଏବଂ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି ।

## ବଦ୍ରିନାଥ ଦାନ ଲୁଟ୍ ପୂର୍ବରୁ ବଦଳାଯାଇଥିଲା ସିସିଟିଭି କ୍ୟାମେରା

ଚାମୋଲି,୫ ।୭ (ଏଜେନ୍ସି): ଶ୍ରୀ ବଦ୍ରିନାଥ ଧାମରେ ଦାନ ଓ ଭୋଗ ଅର୍ଥରେ ଅନିୟମିତତା ଅଭିଯୋଗ ମଧ୍ୟରେ ଜୁଲାଇ ୧ରେ ମନ୍ଦିରର ସମସ୍ତ ସିସିଟିଭି କ୍ୟାମେରା ବଦଳାଯାଇଥିବା ଘଟଣାକୁ ନେଇ ନୂଆ ପ୍ରଶ୍ନ ଉଠିଛି । ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୋହନ ସିଂହ ରଙ୍ଗଡ଼ କହିଛନ୍ତି, ଜଣେ ଦାତାଙ୍କ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ନୂଆ କ୍ୟାମେରା ଉପହାର ମିଳିବା ପରେ ନିୟମିତ ପ୍ରକ୍ରିୟାରେ ୩୨ଟି କ୍ୟାମେରା ବଦଳାଯାଇଥିଲା । ପୁରୁଣା ସମସ୍ତ ଦୃଶ୍ୟ ରେକର୍ଡ ସୁରକ୍ଷିତ ରହିଛି ଏବଂ ତଦନ୍ତ ପାଇଁ ଉପଲବ୍ଧ କରାଯିବ ବୋଲି ସେ କହିଛନ୍ତି । ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ମନ୍ଦିର କମିଟି ନିର୍ଦ୍ଦେଶ ଦେଇଥିବାବେଳେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି । ଦୋଷ ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ସୂଚନା ଦେଇଛି । ରାମ ମନ୍ଦିରର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିରୋଧୀ ଦଳର ନେତାମାନଙ୍କୁ ପଚରାଉଚରା କରିବାକୁ ବିଶ୍ୱ ହିନ୍ଦୁ ପରିଷଦ (ବିଏଚ୍‌ପି) ଅଯୋଧ୍ୟା ପୁଲିସକୁ ଚିଠି ଲେଖିଛି । ଅଭିଯୋଗର ସତ୍ୟତା ପ୍ରମାଣ କରିବା ପାଇଁ ତଥ୍ୟ ଓ ପ୍ରମାଣ ଦାଖଲ କରିବାକୁ ସମ୍ପୃକ୍ତ ନେତାମାନଙ୍କୁ କହିବାକୁ ସଂଗଠନ ଦାବି କରିଛି । ଚିଠିରେ ପ୍ରିୟଙ୍କା ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ, ରାମ ଗୋପାଳ ଯାଦବ ଓ ସଞ୍ଜୟ ସିଂଙ୍କ ନାମ ଉଲ୍ଲେଖ କରାଯାଇଛି ।

## ମୁମ୍ବାଇରେ ବର୍ଷା ତାଣ୍ଡବ ଜାରି



- ଅଳ୍ପକେ ବର୍ତ୍ତିଲେ ମୁକେଶ ଅମ୍ବାନୀ
- କାର ପଟୁଆର ଯାଉଥିବା ବେଳେ ଭାଙ୍ଗି ପଡ଼ିଲା ବିରାଟ ଗଛ

ମୁମ୍ବାଇ,୫ ।୭ (ଏଜେନ୍ସି): ମୁମ୍ବାଇରେ ଜାରି ରହିଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ମଧ୍ୟରେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରବିବାର ଦିନ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଅମ୍ବାନୀଙ୍କ ସୁରକ୍ଷା ଗାଡ଼ିଗୁଡ଼ିକର ପଟୁଆର ଯାଉଥିବା ସମୟରେ ହଠାତ୍ ସେମାନଙ୍କ ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଥିଲା । ଏହି ଆକସ୍ମିକ ଘଟଣା ଯୋଗୁଁ ସେଠାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଆରକ୍ଷୀ (ପୁଲିସ) ବାହିନୀର ସୂଚନା ଅନୁଯାୟୀ, ମୁକେଶ ଅମ୍ବାନୀଙ୍କ ସୁରକ୍ଷା ଦଳର ଗାଡ଼ିଗୁଡ଼ିକ ଯାଉଥିବା ବେଳେ ହିଁ ଏହି ଅଘଟଣ ଘଟିଥିଲା । ଗଛଟି ଠିକ୍ ଗାଡ଼ିଗୁଡ଼ିକର ସମ୍ମୁଖରେ ପଡ଼ିଥିବାରୁ ସମସ୍ତ ଗାଡ଼ିକୁ ତୁରନ୍ତ ଅଟକାଇ ଦିଆଯାଇଥିଲା । ଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା କୌଣସି ଗାଡ଼ିର କ୍ଷତି ହୋଇନାହିଁ । ଏହି ସମ୍ପୂର୍ଣ୍ଣ ଘଟଣାର କିଛି ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ପ୍ରସାରିତ ହେବାରେ ଲାଗିଛି । ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ପୌରପାଳିକା କର୍ମଚାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛକୁ କାଟି ହଟାଇବା ସହ ବାଧାପ୍ରାପ୍ତ ହୋଇଥିବା ଗାଡ଼ି ଚଳାଚଳକୁ ପୁନର୍ବାର ସ୍ୱାଭାବିକ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ମୁମ୍ବାଇରେ ପ୍ରବଳ ମୌସୁମୀ ବର୍ଷା ସହ ଜୋରରେ ପବନ ବହୁଛି ।

## ଭୂଦାନ ଜମିର ବଣ୍ଟନ ଓ ଦାଖଲଖାରଜ ବନ୍ଦ

ଭୁବନେଶ୍ୱର,୫।୭ (ସମିସ): ଭୂଦାନ ଜମିର ବଣ୍ଟନ କ୍ଷେତ୍ରରେ ପ୍ରଚଳିତ ନିୟମାବଳୀର ସମ୍ପୂର୍ଣ୍ଣ ପାଳନ ଓ ସମ୍ପୃକ୍ତ ଜମିର ଅଭିଲେଖର ଯଥାର୍ଥ ଯାଞ୍ଚ ବିନା ହିତାଧିକାରୀମାନଙ୍କ ସପକ୍ଷରେ ବଣ୍ଟନ କରାଯାଉଛି । ଏହା ଫଳରେ ପରବର୍ତ୍ତୀ ସମୟରେ ଦାଖଲଖାରଜ୍ ଏବଂ ଜମିପଟ୍ଟାରେ ଅନ୍ତର୍ଭୁକ୍ତି ସମୟରେ ବିଭିନ୍ନ ଆଇନଗତ ଜଟିଳତା ସୃଷ୍ଟି ହେବାର ଆଶଙ୍କା ରହିଛି । ତେଣୁ ଭୂଦାନ ଜମିର ବଣ୍ଟନ ଏବଂ ହିତାଧିକାରୀଙ୍କ ସପକ୍ଷରେ ମ୍ୟୁଟେସନ୍ ପ୍ରକ୍ରିୟାକୁ ରାଜସ୍ୱ ବିଭାଗ ସ୍ଥଗିତ ରଖିଛି ।

ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ଅରବିନ୍ଦ ପାଢ଼ୀ ସମସ୍ତ ଆରଡିସି, ପଞ୍ଜୀକରଣ ମହାନିରୀକ୍ଷକ (ଆଇଜିଆର), ଜିଲ୍ଲାପାଳ ଏବଂ ଜମିଜମା ରେକର୍ଡ ଓ ସର୍ଭେ ନିର୍ଦ୍ଦେଶାଳୟଙ୍କୁ ଚିଠି ଲେଖିଛନ୍ତି । ପୂର୍ବରୁ ବଣ୍ଟନ ହୋଇ ମ୍ୟୁଟେସନ୍ ସମ୍ପନ୍ନ ହୋଇଥିବା ଭୂଦାନ ଜମିର କୌଣସି ପ୍ରକାର ହସ୍ତାନ୍ତରକୁ ପଞ୍ଜୀକରଣ ଅଧିକାରୀମାନେ ତତ୍କାଳ ପ୍ରଭାବରୁ ପଞ୍ଜୀକୃତ କରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଭୂଦାନ ଯଜ୍ଞ ସମିତିକୁ ଦାନ କରାଯାଇଥିବା ଜମି, ସେଥିରୁ ବଣ୍ଟନ କରାଯାଇଥିବା ଜମି, ହାଲ୍ ଜମିପଟ୍ଟାରେ ରେକର୍ଡ ହୋଇଥିବା ଜମି ଏବଂ ହିତାଧିକାରୀଙ୍କ ସପକ୍ଷରେ ଜାରି ହୋଇଥିବା ଜମି ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରମାଣିତ କରି ଏକ ମାସ ମଧ୍ୟରେ ସରକାରଙ୍କୁ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସରକାରୀ ନିଷ୍ପତ୍ତିକୁ ଗମ୍ଭୀରତାର ସହ ପାଳନ କରିବା ପାଇଁ ସମସ୍ତ ଉପଜିଲ୍ଲାପାଳ, ତହସିଲଦାର ତଥା କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଆରଡିସି, ଜିଲ୍ଲାପାଳ ଏବଂ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବଜ୍ରପାତରେ ହାତୀ ମୃତ !

ଢେଙ୍କାନାଳ,୫।୭ (ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜ ବମ୍ପା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ଏକ ହାତୀର ମୃତ୍ୟୁ ଘଟିଛି । ହାତୀଟି ବଜ୍ରପାତରେ ମରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଅନ୍ଧାରୀ ଠାକୁରାଣୀଙ୍କ ନିକଟରେ ରବିବାର ସକାଳେ ଏକ ପୁରୁଷ ହାତୀର ମୃତଦେହ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ । ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ତୁରନ୍ତ ସେଠାରେ ପହଞ୍ଚି



ମୃତଦେହକୁ ଘେରାବନ୍ଦୀ କରି ତଦନ୍ତ କରିଥିଲେ । ପରେ ଢେଙ୍କାନାଳ ଡିଏଫଓ ଓ ସାଇଣ୍ଟିଫିକ ଟିମ ପହଞ୍ଚିଥିଲେ । ପ୍ରାଥମିକ ତଦନ୍ତ ଅନୁଯାୟୀ ବଜ୍ରପାତରେ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ତଦନ୍ତ ସମୟରେ ବିଦ୍ୟୁତ୍ ଦ୍ୱାରା ମୃତ୍ୟୁ ନେଇ କୌଣସି ସୂଚନା ମିଳିନାହିଁ । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂଚନା ଦେଇଛି । ମୃତ ହାତୀର ବୟସ ୨୫ରୁ ୩୦ବର୍ଷ ହେବ ।

## ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ବସ୍‌ଷ୍ଟାଣ୍ଡ ପାଚେରି

ଖଡ଼ିଆଳ,୫।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସରକାରୀ ବସ୍‌ଷ୍ଟାଣ୍ଡ କାମ ନିମ୍ନମାନର ହୋଇଥିବାରୁ ଉଦ୍‌ଘାଟନ ପୂର୍ବରୁ ଗୋଟିଏ ପାର୍ଶ୍ୱର ପାଚେରି ପ୍ରାୟ ୭୦ ଫୁଟ ଭୁଶୁଡ଼ି ପଡ଼ିଛି । ଫଳରେ



୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି । ପାଚେରି ଭାଙ୍ଗିବା ଫଳରେ ପାର୍ଶ୍ୱବର୍ତ୍ତୀ କିଛି ଲୋକଙ୍କ କ୍ଷତି ହୋଇଥିବା ଅଭିଯୋଗ ହେଉଛି । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ଓ କମ ସିମେଣ୍ଟ ଓ ଅଧିକ ବାଲି ବ୍ୟବହାର ହୋଇଥିବାରୁ ପାଚେରିଟି ଉଦ୍‌ଘାଟନ ପୂର୍ବରୁ ହିଁ ଭୁଶୁଡ଼ି ପଡ଼ିଛି । ଏପରିକି ପାଚେରିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । ତାହା ମଧ୍ୟ ଆଗାମୀ ଦିନରେ ଭୁଶୁଡ଼ି ଯିବାର ସମ୍ଭାବନା ଥିବାବେଳେ ସିମେଣ୍ଟ ଫ୍ଲୋରିଂ ମଧ୍ୟ କେତେକ ସ୍ଥାନରେ ଫାଟିଯାଇଛି । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି । ପାଚେରି ଭାଙ୍ଗିବା ପରେ ସ୍ଥାନୀୟଲୋକେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି । ଦାୟିତ୍ୱରେ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ଦାବି ହେଉଛି ।

## ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭିଡିଓ; ଯୁବକ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଅପପ୍ରଚାର ଅଭିଯୋଗରେ ସାଇବର ଥାନା ପୁଲିସ କଟକରୁ ଜଣେ ଯୁବକଙ୍କୁ ଗିରଫ କରିଛି । ଯୁବକଙ୍କ ନାମ ବିଶ୍ୱଜିତ୍ ସାହୁ ଓ ତାଙ୍କ ଘର କଟକ ଜିଲ୍ଲା ଜଗତପୁର ଥାନା ଅଞ୍ଚଳରେ । ପୁଲିସ ତାଙ୍କ ଠାରୁ ଗୋଟିଏ ଆଇଫୋନ ଜବତ କରିଛି ।

ପୁଲିସ ସୂଚନା ମୁତାବକ ଗତ ୪ତାରିଖରେ ନିୟମିତ ସୋସିଆଲ ମିଡିଆ ପେଟ୍ରୋଲିଂ ସମୟରେ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଆପତ୍ତିଜନକ ବିଷୟବସ୍ତୁ ପୋଷ୍ଟ ହୋଇଥିବା ଠାବ କରିଥିଲା । ଏହି ଆକାଉଣ୍ଟରେ ଏଆଇ-ଦ୍ୱାରା ଫଟୋକୁ ମର୍ଫ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରସାର କରାଯାଇଥିଲା । ସୋସିଆଲ ମିଡିଆ ପେଟ୍ରୋଲିଂ ରିପୋର୍ଟର ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଡିଜିଟାଲ ଉପାୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ଆପତ୍ତିଜନକ ଭାବରେ ପ୍ରଦର୍ଶନ କରିଥିଲେ । ପୁନଶ୍ଚ ସେ ଏଥିରେ ଅଶ୍ଳୀଳ ଅଙ୍ଗଭଙ୍ଗୀ ଓ ମାନହାନିକର ଉକ୍ତି ମଧ୍ୟ ବ୍ୟବହାର କରିଥିଲେ । ଏହା ଡିଜିଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଏବଂ ଯୁବପିଢ଼ିଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଇଚ୍ଛାକୃତ ଭାବେ କରାଯାଇଥିଲା ବୋଲି ପୁଲିସ ସୂଚନା ଦେଇଛି ।

### ଚିଠା ଭୋଟର ତାଲିକାକୁ ନେଇ ବିଜେଡିର ସାଂଘାତିକ ଅଭିଯୋଗ

## ୨୦ ଲକ୍ଷ ନୁହେଁ; ବାଦ୍ ପଡ଼ିଛନ୍ତି ୨୭ ଲକ୍ଷ ଭୋଟର

ଭୁବନେଶ୍ୱର,୫।୭ (ସମିସ): ରାଜ୍ୟରେ ଏସ୍‌ଆଇଆର ପ୍ରକ୍ରିୟା ସମାପ୍ତ ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛି ବିଜୁ ଜନତା ଦଳ । ଚିଠା ଭୋଟର ତାଲିକାରେ ୨୦ ଲକ୍ଷ ନୁହେଁ; ବରଂ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ଭୋଟରମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଅଭିଯୋଗ କରାଯାଇଛି । ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ସାଧାରଣ ସମ୍ପାଦକ ବିଜୟ ନାୟକ ସମ୍ପୂର୍ଣ୍ଣ ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଦଳର ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ ଏସ୍‌ଆଇଆର ପାଇଁ ବିଭିନ୍ନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ରାଜନୈତିକ ଦଳମାନଙ୍କ ସହ ଆଲୋଚନା କରିଥିଲେ । ଏସଆଇଆର ପ୍ରକ୍ରିୟା ଆରମ୍ଭ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ଭୋଟର ତାଲିକା ଏବଂ ବର୍ତ୍ତମାନର ପ୍ରକାଶିତ ଭୋଟର ତାଲିକାରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଛି । ୨୦୨୫ ମସିହାର ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୩ କୋଟି ୪୦ଲକ୍ଷ ୭୨ ହଜାର ୭୪୪ ଜଣ ଭୋଟରଙ୍କ ନାମ ୱେବ୍‌ସାଇଟରେ ଉପଲବ୍ଧ ଥିଲା । ମେ ମାସ ୧୪ ତାରିଖରେ ଏସ୍‌ଆଇଆର ପାଇଁ ଓଡ଼ିଶାରେ ଭାରତୀୟ ନିର୍ବାଚନ କମିସନ ଦ୍ୱାରା ବିଜ୍ଞପ୍ତି ହେବା ପରେ ମେ ୧୫ ତାରିଖରେ ବିଭିନ୍ନ ରାଜନୈତିକ ଦଳର ବୈଠକରେ ୩ କୋଟି ୩୪ଲକ୍ଷ ଭୋଟର ଥିବା ନେଇ ତଥ୍ୟ ପ୍ରଦାନ ହୋଇଥିଲା । ପୁଣି ଜୁନ୍ ୧୨ ତାରିଖରେ ତାହାକୁ ୩



କୋଟି ୩୩ଲକ୍ଷ ୯୯ହଜାର ୫୯୧ଜଣ ବୋଲି ଦର୍ଶାଯାଇଥିଲା । ତେବେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଜଣ ଭୋଟର ଥିବା କୁହାଯାଇଛି । ପ୍ରଦତ୍ତ ତଥ୍ୟ ମଧ୍ୟରେ କିଛି ତାଳମେଳ ରହୁନାହିଁ । ୨୦୨୫ ଚୂଡ଼ାନ୍ତ ତାଲିକାରେ ଥିବା ଭୋଟର ସଂଖ୍ୟାକୁ ଅନୁଶୀଳନ କଲେ ଓଡ଼ିଶାରେ ବାସ୍ତବରେ ୨୭ଲକ୍ଷ ଭୋଟର ଏହି ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି । ପୂର୍ବରୁ ଯାହା ଆଶଙ୍କା କରାଯାଉଥିଲା, ସେହି ଅନୁଯାୟୀ ଅନେକ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାରତମ୍ୟ ରହିଛି । ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରୁ ୭୫ଟିରେ ୧୦,୦୦୦ରୁ ଉର୍ଦ୍ଧ୍ୱ, ତା'ମଧ୍ୟରୁ ୪୯ଟିରେ ୧୫,୦୦୦ରୁ ଉର୍ଦ୍ଧ୍ୱ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି । ଏସଆଇଆର ପ୍ରକ୍ରିୟାରୁ ଅନେକ ଲୋକ ବାଦ୍ ପଡିବା ଏକ ଚିନ୍ତାଜନକ ବିଷୟ ପାଲଟିଛି । ଏସଆଇଆର ଦ୍ୱାରା ଶୁଦ୍ଧ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରକାଶ ନେଇ ଜାତୀୟ ମୁଖ୍ୟ ନିର୍ବାଚନ ଅଧିକାରୀ ଯେଉଁ ଘୋଷଣା କରିଥିଲେ, ତାହା ଏଠାରେ ପରିପ୍ରକାଶ ହୋଇ ପାରିଲାନାହିଁ । ନିର୍ବାଚନରେ ମତଦାନ କରିବା ଭୋଟରଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ତାହାକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

- ଭୋଟରଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଛି
- ପ୍ରକ୍ରିୟାରେ କଟିଛନ୍ତି ଅନେକ ଯୋଗ୍ୟ ଭୋଟର
- ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ ପାଇଁ ଦାବି

ସେହିପରି ସାଧାରଣ ସମ୍ପାଦକ ଶ୍ରୀ ନାୟକ କହିଛନ୍ତି ଯେ ୨୦୨୫ ମସିହାରେ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଏବଂ ଏସଆଇଆର ଆରମ୍ଭ ବେଳକୁ ପ୍ରକାଶିତ ଭୋଟର ସଂଖ୍ୟାରେ ତାରତମ୍ୟ ପରିଲିକ୍ଷିତ ହୋଇଥିଲା । ଭୋଟର ତାଲିକାରେ ଏହି ପ୍ରକାର ତାରତମ୍ୟ ନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । କିନ୍ତୁ ସେ ତାହାର ସଂଶୋଧନ ନ କରି ଭୋଟର ତାଲିକା ପ୍ରକାଶ କରିଛନ୍ତି । ପ୍ରକାଶିତ ଭୋଟର ତାଲିକରେ ୩ କୋଟି ୧୩ ଲକ୍ଷ ଭୋଟର ଅଛନ୍ତି । ଦଳମାନଙ୍କୁ ୨୦ଲକ୍ଷ ୧୨ହଜାର ଭୋଟର ବାଦ୍ ପଡିଥିବା କୁହାଯାଇଛି । କିନ୍ତୁ ଗଣମାଧ୍ୟମରେ ସିଇଓ ୨୦ଲକ୍ଷ ୧୪ ହଜାର ଭୋଟର ତାଲିକାରୁ ବାଦ୍ ପଡିଥିବା ନେଇ କହିଛନ୍ତି । ମେ ୩୦ରୁ ୨୮ ଜୁନ ପର୍ଯ୍ୟନ୍ତ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହୋଇଛି । ଏସଆଇଆରରେ ଭୋଟର ବୃଦ୍ଧି ପାଇବା ସ୍ଥାନରେ କମିବା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକ୍ରିୟାରେ ୧୩ଟି ଜଟିଳ ଅସଂଗତ ତଥ୍ୟ ପାଇଁ ଅନେକ ଭୋଟର ବାଦ୍ ହୋଇଛନ୍ତି । ତାହାକୁ ସରଳୀକରଣ କରି ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ାଯାଉ । ସେହିପରି ବିଏଲଓମାନଙ୍କୁ ସଠିକ୍ ଭାବରେ ତାଲିମ ଦିଆଯାଇ ନ ଥିବାରୁ ତ୍ରୁଟିପୂର୍ଣ୍ଣ ଭାବେ ଏସଆଇଆର ପ୍ରକ୍ରିୟା ହୋଇଥିବା ଶ୍ରୀ ନାୟକ କହିଛନ୍ତି । ଏହାର ତୁରନ୍ତ ସୁଧାର କରିବା, ପ୍ରକ୍ରିୟା ସରଳୀକରଣ କରିବା ଓ ଅସଂଗତିଗୁଡିକ ସମାଧାନ ନିମନ୍ତେ ବିଜେଡି ପକ୍ଷରୁ ଦାବି କରାଯାଇଛି ।

### ପାଲବଣି ଦୁର୍ଘଟଣା ଘଟଣା

## ଦୁଇ ଗାଡ଼ିର ପଞ୍ଜୀକରଣ ରଦ୍ଦ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ବାରିପଦା, ୫।୭ (ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦାର ପାଲବଣିଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଉଭୟ ଡମ୍ପର ଓ ଟାଟା ଏସି ଭ୍ୟାନର ବୈଧ ଫିଟନେସ୍ ପ୍ରମାଣପତ୍ର ନ ଥିବା ଜଣାପଡ଼ିଛି । ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଉକ୍ତ ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିବାକୁ



ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ବିନା ଫିଟନେସ୍, ବୀମା ଓ ପରମିଟ୍‌ରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟର ସମସ୍ତ ଆରଟିଓ ଓ ଏଆରଟିଓଙ୍କୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ସେ ଆଦେଶ ଦେଇଛନ୍ତି । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହ ମୃତକଙ୍କ ପରିବାର ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି । ସୂଚନା ମୁତାବକ, ପାଲବଣି ଓଭରବ୍ରିଜ ପରେ ୧୮ ନଂ ଜାତୀୟ ରାଜପଥରେ ଏକ କାଠ ବୋଝେଇ ଟାଟା ଏସି ଭ୍ୟାନ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଚାଲିଥିଲା । ତିନି ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଖବର ସଂଗ୍ରହ କରୁଥିବା ସମୟରେ ଓଭରବ୍ରିଜ ଉପରପଟୁ ଏକ ଡଷ୍ଟ ବୋଝେଇ ଡମ୍ପର ଆସି ଭ୍ୟାନକୁ ଧକ୍କା ଦେଇ ଓଲଟି ପଡିବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସହିତ ୭ ଜଣ ଗୁରୁତର ଆହତ ହୋଇ ଭିନ୍ନ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଦୁର୍ଘଟଣାରେ ମୃତ ଦୁଇ ଯୁବକ ମିହିର ମାଇତି ଓ ସେକ ଜଲାଲଉଦ୍ଦିନଙ୍କ ପରିବାରକୁ କ୍ଷତିପୂରଣ ଓ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି । ଯୁବନେତା ଦେବାଶିଷ ମହାନ୍ତି ଓ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶବ ବ୍ୟବଚ୍ଛେଦ ଗୃହକୁ ଯାଇ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସାକ୍ଷାତ କରିବା ସହ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହିତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ଆଲୋଚନା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ତୁରନ୍ତ ୨୫,୦୦୦ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ

**ମୃତକ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବିଜେଡିର ଦାବି**

୧,୦୦,୦୦୦ ଆର୍ଥିକ ସହାୟତା ପାଇଁ ସୁପାରିଶ କରାଯିବ ବୋଲି ଜଣାଇଛନ୍ତି । ଏଥିସହ ପ୍ରତ୍ୟେକ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚାକିରି ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଡାକ୍ତରଖାନାରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ଉନ୍ନତ ଚିକିତ୍ସା ଓ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରି ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଭିଜିଲାନ୍ସ ଜାଲରେ ନିମ୍ନା ସରପଞ୍ଚ

ତରଭା, ୫।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ନିମ୍ନା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ପଞ୍ଚାୟତର ଏକ ପୋଖରୀକୁ ମାଛ ଚାଷ ପାଇଁ ଠିକାରେ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର



ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସମ୍ବଲପୁର ଭିଜିଲାନ୍ସ ତାଙ୍କୁ ଧରିଛି । ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ ହୋଇଛି । ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଞ୍ଚ ବର୍ଷ ପାଇଁ ପଞ୍ଚାୟତ ପୋଖରୀ ଠିକାରେ ନେଇଛି । ମାଛ ଚାଷ କରିବା ପାଇଁ ଆବଶ୍ୟକ ଚୁକ୍ତିନାମାରେ ସରପଞ୍ଚଙ୍କ ସ୍ୱାକ୍ଷର ଓ ଜିଲ୍ଲା ମତ୍ସ୍ୟ ବିଭାଗ ପାଖରୁ ସବସିଡି ଅନୁମୋଦନ ପାଇଁ ସୁପାରିଶ କରିବାକୁ ସରପଞ୍ଚ ୪୦ ହଜାର ଟଙ୍କା ଦାବି କରିଥିଲେ । ତେବେ ସପୃକ୍ତ ଏସଏଚଜିର କର୍ମକର୍ତ୍ତା ଏତେ ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ । ଶେଷରେ ମୁଲଚାଲ କରି ୨୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା । ଏହାପରେ ସଂପୃକ୍ତ ଏସଏଚଜିର କର୍ମକର୍ତ୍ତା ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଯୋଜନା ମୁତାବକ ରବିବାର ନିରନ୍ତର ବର୍ଷା ଲାଗି ରହିଥିଲେ ସୁଦ୍ଧା କର୍ମକର୍ତ୍ତା ସରପଞ୍ଚଙ୍କୁ ଟଙ୍କା ଦେବାକୁ ଯାଇଥିଲେ । ସରପଞ୍ଚ ଟଙ୍କା ନେବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଦଳ ମାଡ଼ି ବସିଥିଲେ । ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଲାଗିଥିବା ଟଙ୍କା ଜବତ କରାଯାଇଛି । ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି । ଭିଜିଲାନ୍ସ ଦଳ ସରପଞ୍ଚଙ୍କ ଘର ଓ କାର୍ଯ୍ୟାଳୟରେ ମଧ୍ୟ ଚଡଉ କରିଛନ୍ତି ।

### ମିଳିଲାନି ଶବବାହକ ଗାଡ଼ି

## ବାଇକ୍‌ରେ ସ୍ତ୍ରୀର ଶବ ନେଲେ ସ୍ୱାମୀ



ଝାରସୁଗୁଡ଼ା,୫।୭ (ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି; ହେଲେ ଝାରସୁଗୁଡ଼ା ଜିଲ୍ଲାରେ ସାଧାରଣ ଶବବାହକ ଗାଡ଼ିଟିଏ ନ ମିଳିବାରୁ ଜଣେ ବ୍ୟକ୍ତି ବାଇକ୍‌ରେ ତାଙ୍କ ସ୍ତ୍ରୀର ଶବ ଧରି ଘରକୁ ନେଇଛନ୍ତି । ଏହି ଦୃଶ୍ୟ ସ୍ୱାସ୍ଥ୍ୟସେବାର ଚରମ ଅବହେଳାକୁ ପଦାରେ ପକାଇଛି । ଲଇକେରା ବ୍ଲକ୍ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲିର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ହଠାତ ଅସୁସ୍ଥ ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପ୍ରକୃତ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ମୃତ୍ୟୁ ପରେ । ମୃତଦେହ ଗାଁକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନ ଥିଲା । ଅସହାୟ ନରେଶ ବହୁ ଚେଷ୍ଟା କରି ନିରାଶ ହେବା ପରେ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ଶବକୁ ଲୁଗାରେ ଗୁଡ଼ାଇ ଗାଁକୁ ଫେରିଥିଲେ ।

### ଜାତୀୟ ରାଜପଥରେ ୩ ଫୁଟର ପାଣି

## ଭାସି ଯାଉଥିବା ପରିବାରକୁ ଉଦ୍ଧାର କଲେ ସ୍ଥାନୀୟଲୋକେ

କୋମନା,୫।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ବର୍ଷାପାଣି ନିଷ୍କାସନ ହୋଇନପାରି ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ସୂଚନା ଅନୁଯାୟୀ, କୋମନା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେଉଛି । ବିଶେଷ କରି କୋମନା ଜାତୀୟ ରାଜପଥ ନିକଟସ୍ଥ ଷ୍ଟ୍ରକ୍‌ଚର ଓ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରାସ୍ତା ଉପରେ ପ୍ରାୟ ୩ ଫୁଟ୍‌ର ବନ୍ୟା ଜଳ ଚଳିତ ହେଉଛି । ଏହାଫଳରେ ଦୀର୍ଘ ୩ ଘଣ୍ଟା କାଳ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଅଟକି ରହିବା ଫଳରେ ଯାତ୍ରୀମାନେ ଚରମ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହି ଜଳପ୍ଲାବନ ମଧ୍ୟରେ ଏକ ବଡ଼ ଅଘଟଣ ଟଳିଯାଇଛି ।



ରାସ୍ତା ଉପରେ ପ୍ରଖରସ୍ରୋତରେ ଏକ ପରିବାର ପାଣିରେ ଭାସିଯାଉଥିବା ବେଳେ ସ୍ଥାନୀୟ ଯୁବକ ତଥା ଯାତ୍ରୀମାନେ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିଥିଲେ । ସ୍ଥାନୀୟ ଲୋକଙ୍କ ତତ୍ପରତା ଓ ସାହସିକତା ଯୋଗୁଁ ଭାସିଯାଉଥିବା ପରିବାରର ସମସ୍ତ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଅପରପକ୍ଷରେ, ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଡ୍ରେନେଜ ଗୁଡ଼ିକର ସଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ସାମାନ୍ୟ ବର୍ଷା ହେଲେ ରାସ୍ତା ବୁଡ଼ିଯାଉଥିବାରୁ ଏହାର ଏକ ସ୍ଥାୟୀ ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ବର୍ତ୍ତମାନ ସୁଦ୍ଧା କୋମନା ବ୍ଲକର କେତେକ ତଳିଆ ଅଞ୍ଚଳରେ ପାଣି ପଶି ରହିଥିବା ବେଳେ ପ୍ରଶାସନ ତରଫରୁ ସ୍ଥିତି ଅନୁଧ୍ୟାନ କରାଯାଉଥିବା ସୂଚନା ମିଳିଛି । ଏହାସହ ସିଙ୍ଗାରି ଡ୍ୟାମ ମଧ୍ୟ ପ୍ରବଳ ପାଣି ପ୍ରଭାବରେ ଭାଙ୍ଗି ଯାଇଥିବା ସୂଚନା ମିଳିଛି ।

## ଭିଡିଓ ସୁଟିଂ ବାହାନାରେ ଡକାୟତି

ଧର୍ମଗଡ଼,୫।୭ (ସମିସ): ଜନ୍ମଦିନ ପାଳନ ପାଇଁ ଭିଡିଓ ସୁଟିଂ ବାହାନାରେ ଯୋଜନାବଦ୍ଧ ଭାବେ ଡକାୟତି ଓ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେଗାଁ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଗତ ୨ ତାରିଖ ଦିନ କେଗାଁ ଥାନା ଅଧୀନ ମକରାଗୁଡ଼ା ଗ୍ରାମର ଆଦିତ୍ୟ ବାଗ (୨୧) କଲମପୁର ଥାନା ଅଧୀନ ପଣ୍ଡି ଗାଁ ର ଘନଶ୍ୟାମ ଦୁର୍ଗାଙ୍କୁ ଗୋଲାମୁଣ୍ଡା ବ୍ଲକ ବାଗମୁଣ୍ଡା ଗ୍ରାମରେ ଏକ ଜନ୍ମ ଦିନ ପାଳନ ଅବସରରେ ଭିଡିଓ ସୁଟିଂ ପାଇଁ ଫୋନ୍ କରି ଅଗ୍ରୀମ ଆକାରରେ ୫୦୦୦ ଟଙ୍କା ଫୋନ୍ ପେ' ମାଧ୍ୟମରେ ପଠାଇଥିଲେ । ପରେ ଜୁନାଗଡ଼ ଥାନା ଅଧୀନ ପିଲିକିଆ ଗ୍ରାମର ରାକେଶ ନାଏକ ଓ ଘନଶ୍ୟାମ ଦୁର୍ଗା ଭିଡିଓ ସୁଟିଂ ପାଇଁ ଦୁଇଟି କ୍ୟାମେରା ସହ ଯାବତୀୟ ସାମଗ୍ରୀ ଧରି ବାଗମୁଣ୍ଡା ବାହାରିଥିଲେ । ଦୁଇ ଜଣକୁ ରାସ୍ତା ଦେଖାଇବା ପାଇଁ ଆଦିତ୍ୟ ବାଗ ଗୋଲାମୁଣ୍ଡା ଠାରେ ଅପେକ୍ଷା କରିଥିଲେ । ପରେ ଗୋଟିଏ ସ୍କୁଟିରେ ତିନି ଜଣ ବାଗମୁଣ୍ଡା ଅଭିମୁଖେ ବାହାରିଥିଲେ । ଠିକ୍ ରାତି ୯ ଘଣ୍ଟା ସମୟରେ ଆଦିତ୍ୟ ବାଗ ଏକ ନିଛାଟିଆ ସ୍ଥାନ ବାବେରମୁଣ୍ଡା ଡ୍ୟାମ୍ ସରପ୍ଲସ ପୋଲ ନିକଟରେ ପରିସ୍ରା ଯିବା ବାହାନାରେ ଅଟକି ଥିଲେ । ଏହି ସମୟରେ ହଠାତ୍ ୪ ଜଣ ବ୍ୟକ୍ତି



ମୁହଁରେ ଗାମୁଛା ଘୋଡାଇ ମାରଣାସ୍ତ୍ର ଧରି ଉକ୍ତ ସ୍ଥାନରେ ପହଞ୍ଚି ଦୁଇ ଜଣଙ୍କ ଆଖିରେ ମରିଚ ଗୁଣ୍ଡ ଫିଙ୍ଗି ଆକ୍ରମଣ କରି ଘନଶ୍ୟାମ ବାଗକୁ ପୋଲତଳକୁ ଫିଙ୍ଗି ଦେଇଥିଲେ । କୌଶଳ କ୍ରମେ ରାକେଶ ନାଏକ ଡକାୟତି ଗ୍ୟାଙ୍ଗଙ୍କ ଠାରୁ ଖସି ପଳାଇଥିଲେ । ସେମାନଙ୍କ ଠାରୁ ଦୁଇଟି ଭିଡିଓ କ୍ୟାମେରା ସହ ସମସ୍ତ ସାମଗ୍ରୀ ଛଡ଼ାଇ ନେଇ ପଳାଇଥିଲେ । ଡକାୟତି ଗ୍ୟାଙ୍ଗ ସହ ଆଦିତ୍ୟ ବାଗ ମଧ୍ୟ ଚମ୍ପଟ ମାରି ମୋବାଇଲ ଫୋନ୍ ବନ୍ଦ କରି ଦେଇଥିଲା । ଅନ୍ୟପଟେ ରାକେଶ ନାଏକ ନିକଟସ୍ଥ ବାବେରମୁଣ୍ଡା ଗ୍ରାମ ଯାଇ ଗ୍ରାମର ୭/୮ ଜଣ ବ୍ୟକ୍ତିଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ପୋଲତଳୁ ଘନଶ୍ୟାମଙ୍କୁ ଉଦ୍ଧାର କରି ଚପରିଆ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ମେଡିକାଲ ନିଆଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନିପାଟଣାକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ହାତ ଭାଙ୍ଗି ଯାଇଛି । ଏନେଇ ରାକେଶ ନାଏକ କେଗାଁ ଥାନାରେ ଅଭିଯୋଗ କରି ଘଟଣାର ମାଷ୍ଟରମାଇଣ୍ଡ ଆଦିତ୍ୟ ବାଗ ସହ ସମସ୍ତ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାକୁ ଦାବି କରିଛନ୍ତି ।

# ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଚିଠା ଭୋଟର ତାଲିକା ପ୍ରକାଶ

## ତାଲିକାରୁ ୬୪,୩୭୫ ଭୋଟର ବାଦ୍

କେନ୍ଦୁଝର,୫।୭ (ସମିସ)



ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମ ଅଧୀନରେ ରବିବାର କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ସିଂହ ଏସଆଇଆର ସମ୍ବନ୍ଧିତ ସୂଚନା ଉପସ୍ଥାପିତ କରିଥିଲେ। ଜିଲ୍ଲାର ୧,୯୧୫ଟି ବୁଥ୍ ପାଇଁ ଚିଠା ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇଛି। ଏହି ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଅଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ବାଦ୍ ଦେବା ବୋଲି ଜିଲ୍ଲାପାଳ କହିଛନ୍ତି। ପରିଗଣନା ପର୍ଯ୍ୟାୟରେ ମୋଟ ୧୩,୦୮,୭୬୨ ଜଣ ଡିଜିଟାଇଜ୍ଡ୍ ଇଏଫ୍ ଚିହ୍ନଟ ହୋଇଥିବାବେଳେ ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତରଣ ଏବଂ ଅନ୍ୟାନ୍ୟ କାରଣରୁ ୬୪,୩୭୫ ଜଣ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହି କାର୍ଯ୍ୟରେ ୨,୯୬୬ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ ସହଯୋଗ କରିଛନ୍ତି।

ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜୁଲାଇ ୫ ତାରିଖ ଆଜିଠାରୁ ଆରମ୍ଭ ହୋଇଛି। ଏହିକ୍ରମରେ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଯେଉଁ ନାଗରିକମାନେ ନିଜ ନାମ ସଂଶୋଧନ କରିବାକୁ ଚାହୁଁଛନ୍ତି କିମ୍ବା ତାଲିକା ନେଇ କୌଣସି ଆପତ୍ତି ରହିଛି, ସେମାନେ ଜୁଲାଇ ୫ ତାରିଖଠାରୁ ଆସନ୍ତା ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ।

ନିର୍ବାଚନ କମିଶନଙ୍କ କାର୍ଯ୍ୟସୂଚୀ ଅନୁଯାୟୀ, ଦାଖଲ ହୋଇଥିବା ଦାବି ଓ ଆପତ୍ତିଗୁଡ଼ିକର ଶୁଣାଣି ଏବଂ ଯାଞ୍ଚ ଜୁଲାଇ ୫ ତାରିଖଠାରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ଚୂଡ଼ାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ପ୍ରକାଶ ପାଇବ। ତେଣୁ ସମସ୍ତ ଯୋଗ୍ୟ ଭୋଟରମାନେ ନିଜ ନାମ ତାଲିକାରେ ଠିକ୍ ଅଛି କି ନାହିଁ, ତାହା ଯାଞ୍ଚ କରିନେବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି ଯେ ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀ, ମୋବାଇଲ୍ ଆପ୍ କିମ୍ବା ୱେବସାଇଟ୍ ମାଧ୍ୟମରେ ନିଜ ନାମ ଯାଞ୍ଚ କରନ୍ତୁ। ଯଦି କାହାର ନାମ ନଥିବ, ତେବେ ସେମାନେ ଫର୍ମ-୬ ପୂରଣ କରି ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ୬ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୬ ଜଣ ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ନିୟୋଜିତ ହୋଇଛନ୍ତି। ଏସଆଇଆର ନିର୍ଦ୍ଦେଶାବଳୀର ପାରା ୫(ଖ) ଅନୁଯାୟୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ/ସହାୟକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଙ୍କ ବିନା ନୋଟିସ୍ ଏବଂ ସ୍ପଷ୍ଟ ଆଦେଶରେ ପ୍ରକାଶିତ ଚିଠା ତାଲିକାରୁ କୌଣସି ନାମ ବାଦ୍ ଦିଆଯାଇପାରିବ ନାହିଁ। କୌଣସି କ୍ଷତିଗ୍ରସ୍ତ ଭୋଟର ଜନପ୍ରତିନିଧିତ୍ୱ ଆଇନ ୧୯୫୦ ର ଧାରା ୨୪ ଅଧୀନରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ତା'ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।


ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

## ଚମ୍ପୁଆ ନିର୍ବାଚନମଣ୍ଡଳୀ: ୪୮ ନୂଆ ବୁଥ୍, ୧୦,୨୮୯ ନାମ ବାଦ୍



ଚମ୍ପୁଆ, ୫।୭ (ସମିସ): ଏସ୍ଆଇଆର-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ଶନିବାର ପ୍ରକାଶ ପାଇଛି। ଏହି ଅବସରରେ ଚମ୍ପୁଆ ଉପଜିଲ୍ଲାପାଳଙ୍କ ସଭାକକ୍ଷରେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉମାକାନ୍ତ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ ଯେ ପୂର୍ବରୁ ଚମ୍ପୁଆ ବିଧାନସଭା ଅଧୀନରେ ୨୫୫ଟି ମତଦାନ କେନ୍ଦ୍ର ଥିବାବେଳେ ଭୋଟରଙ୍କ ସୁବିଧା ଦୃଷ୍ଟିରୁ ଚଳିତ ସଂଶୋଧନ ପ୍ରକ୍ରିୟାରେ ଅତିରିକ୍ତ ୪୮ଟି ନୂତନ ବୁଥ୍ ସ୍ଥାପନ କରାଯାଇଛି। ଏହାଫଳରେ ମତଦାନ କେନ୍ଦ୍ର ସଂଖ୍ୟା ବୃଦ୍ଧି ପାଇ ଭୋଟରମାନଙ୍କ ପାଇଁ ମତଦାନ ପ୍ରକ୍ରିୟା ଅଧିକ ସୁଗମ ହେବ। ପୂର୍ବ ଭୋଟର ତାଲିକାରେ ମୋଟ ୨,୩୩,୪୦୬ ଜଣ ଭୋଟରଙ୍କ ନାମ ରହିଥିଲା। ସ୍ୱତନ୍ତ୍ର ସଘନ ଯାଞ୍ଚ ପରେ ମୃତ, ସ୍ଥାନାନ୍ତରିତ, ଦୁଇଥର ନାମ ଥିବା ଏବଂ ଅନ୍ୟାନ୍ୟ ଅଯୋଗ୍ୟତା କାରଣରୁ ୧୦,୨୮୯ ଜଣଙ୍କ ନାମ ତାଲିକାରୁ ବାଦ ଦିଆଯାଇଛି। ଫଳରେ ପ୍ରକାଶିତ ଚିଠା ଭୋଟର ତାଲିକାରେ ବର୍ତ୍ତମାନ ମୋଟ ୨,୨୩,୧୧୭ ଜଣ ଯୋଗ୍ୟ ଭୋଟରଙ୍କ ନାମ ସ୍ଥାନ ପାଇଛି। ପ୍ରଶାସନ ପକ୍ଷରୁ ସମସ୍ତ ଭୋଟରଙ୍କୁ ପ୍ରକାଶିତ ଚିଠା ତାଲିକାରେ ନିଜ ନାମ ଯାଞ୍ଚ କରିବା ସହ କୌଣସି ତ୍ରୁଟି କିମ୍ବା ସଂଶୋଧନର ଆବଶ୍ୟକତା ଥିଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକାକୁ ଅଧିକ ତ୍ରୁଟିମୁକ୍ତ ଓ ସଠିକ୍ କରାଯାଇପାରିବ ବୋଲି ଅଧିକାରୀମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୋମରେନ୍ଦ୍ର ଦାସ, ଫଲରାଇ ବେଶ୍ରା, ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ଯୋଡ଼ା ବିଡିଓ ଡାନିସ ବେହେରା, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଚମ୍ପୁଆ ଏନ୍ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଯୋଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ବଡ଼ବିଲ ପୌରପାଳିକାର ନିର୍ବାହୀ ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବୁଥ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆନନ୍ଦପୁରରୁ ୭୭୨ ବାଦ୍ ପଡ଼ିଲେ



ଆନନ୍ଦପୁର, ୫।୭ (ସମିସ): ଆନନ୍ଦପୁର ନିର୍ବାଚନମଣ୍ଡଳୀ ପାଇଁ ଆଜି ଉପଜିଲ୍ଲାପାଳ ନୀଳମାଧବ ସୁନା, ଆସିଷ୍ଟାଣ୍ଟ କଲେକ୍ଟର ବନଜା ପାତ୍ର ପ୍ରମୁଖ ପ୍ରସ୍ତୁତ ହୋଇଥିବା ତ୍ରୁଟିଶୂନ୍ୟ ଚିଠା ତାଲିକା ପ୍ରକାଶ କରିଥିଲେ। ନିର୍ବାଚନମଣ୍ଡଳୀରେ ୨,୨୨,୫୯୧ ଜଣ ଚୂଡ଼ାନ୍ତ ଭୋଟର ମଧ୍ୟରୁ ୧,୧୩,୩୧୨ ପୁରୁଷ ଏବଂ ୧,୯,୨୭୬ ମହିଳା ଭୋଟର ରହିଛନ୍ତି। ଏହାସହ ୩ ଜଣ ତୃତୀୟ ଲିଙ୍ଗୀ ମତଦାତା ରହିଥିବା ବେଳେ ମୋଟ ୭୭୨ ଭୋଟର ଅନୁପସ୍ଥିତି, ମୃତ୍ୟୁ, ସ୍ଥାନାନ୍ତରଣ ଆଦି କାରଣରୁ ବାଦ୍ ପଡ଼ିଥିବା ଏହି ତାଲିକାରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଶୁଭେନ୍ଦୁ ସାହୁ, ଗୌରାଙ୍ଗ ଜେନା ସହଯୋଗ କରିଥିଲେ।

## କାହା ଇସାରାରେ ସାପ୍ତାହିକ ହାଟ ପଡ଼ିଆ ଜବରଦଖଲ?

ବଡ଼ବିଲ, ୫।୭ (ସମିସ): ବଡ଼ବିଲ ପୌରାଞ୍ଚଳସ୍ଥିତ ସାପ୍ତାହିକ ହାଟ ପଡ଼ିଆରେ ଅବ୍ୟବସ୍ଥା ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ହାଟ ପଡ଼ିଆର ବିସ୍ତୃତ ସ୍ଥାନକୁ କିଛି ବାହାର ରାଜ୍ୟର ବ୍ୟବସାୟୀ ଜବରଦଖଲ କରି ସ୍ଥାୟୀ ଦୋକାନ ଗଢ଼ିଥିବାରୁ ପ୍ରକୃତ କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌରାଞ୍ଚଳ ନିକଟବର୍ତ୍ତୀ ଗ୍ରାମାଞ୍ଚଳରୁ ଆସୁଥିବା କ୍ଷୁଦ୍ର ଚାଷୀମାନେ ନିଜ ଉତ୍ପାଦିତ ପନିପରିବା ବିକ୍ରି ପାଇଁ ହାଟ ଭିତରେ ସ୍ଥାନ ନପାଇ ରାସ୍ତା କଡ଼ ଏବଂ ନାଳି-ନର୍ଦ୍ଦମା ପାଖରେ ବସିବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁଁ ସେମାନେ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବା ବେଳେ କ୍ରେତାମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ, ରାସ୍ତା ଉପରେ ବ୍ୟବସାୟ ଚାଲୁଥିବାରୁ ଯାନବାହନ ଚଳାଚଳ ବ୍ୟାହତ ହେଉଛି। ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି ଯେ କାହାର ପ୍ରଶ୍ରୟରେ ହାଟ ପଡ଼ିଆରେ ଏଭଳି ଜବରଦଖଲ ଚାଲିଛି ଏବଂ ପ୍ରଶାସନ ଏହାକୁ ରୋକିବାରେ କାହିଁକି ବିଫଳ ହେଉଛି? ହାଟ ପଡ଼ିଆରୁ ଜବରଦଖଲ ଉଚ୍ଛେଦ କରି କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ଓ ସୁରକ୍ଷିତ ବ୍ୟବସାୟ ସ୍ଥାନ ଯୋଗାଇ ଦେବା ସହ ଟ୍ରାଫିକ୍ ବ୍ୟବସ୍ଥାକୁ ସୁଚାରୁ ରଖିବା ପାଇଁ ପୌର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



## ଲଗାଣ ବର୍ଷା: ଆନନ୍ଦପୁର ବ୍ୟାରେଜ୍‌ର ଖୋଲିଲା ୪ ଗେଟ୍





▶▶ ଉବୁଟୁବୁ ଆନନ୍ଦପୁର ସହରାଞ୍ଚଳ
▶▶ ୪ ପରିବାର ଜଳବନ୍ଦୀ


ଆନନ୍ଦପୁର, ୫।୭ (ସମିସ): ଗତ ତିନିଦିନ ଧରି ଲଗାଣ ବର୍ଷାରେ ସମଗ୍ର ଆନନ୍ଦପୁର ଉପଖଣ୍ଡ ପ୍ରଭାବିତ ହୋଇଥିବା ବେଳେ ଆନନ୍ଦପୁର ପୌରାଞ୍ଚଳର ଶାଳପଡା ରାଜନଗର ଘସିପୁରା ଓ ଶୈଲଙ୍ଗ ଅଞ୍ଚଳରେ ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ସତସଙ୍ଗ ବିହାର ଅଞ୍ଚଳରେ ଅନେକ ବାସିନ୍ଦାଙ୍କ ଘରେ ପାଣି ପଶିଥିବାରୁ ଦୁର୍ଦ୍ଦଶା ବଢିଯାଇଛି। ପୌର ପରିମଳ ବିଭାଗ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ୩ ଦିନରେ ଆନନ୍ଦପୁରରେ ସର୍ବାଧିକ ୧୫୩.୮ ମିମି ବର୍ଷା ହୋଇଥିବା ବେଳେ ଚମ୍ପୁଆରେ ୨୮.୬ ମି ମି ବର୍ଷା ହୋଇଥିବାରୁ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁରରେ ୩୪.୨୮୦ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ପକ୍ଷରୁ ସୂଚନା ମିଳିଛି। ରବିବାର ସକାଳ ୮ଟା ସମୟରେ ଆନନ୍ଦପୁର ବ୍ୟାରେଜ୍‌ର ଜଳ ପତନ ବୃଦ୍ଧି ହୋଇଥିବାରୁ ୪ଟି ଗେଟ୍ ଖୋଲି ଦିଆଯାଇଥିବା ଜଣାପଡ଼ିଛି।

ବିଭିନ୍ନ ନଦୀ ନାଳରେ ବର୍ଷାଜଳ ପ୍ରବାହିତ ହେବାରୁ ଆନନ୍ଦପୁର ପୌରାଞ୍ଚଳ ୧୪ ନଂ ୱାର୍ଡ ନାଳସାହିଠାରେ ଜଳବନ୍ଦୀରେ ଫସିଥିଲେ ୪ ପରିବାରର ୮ ଜଣ ସଦସ୍ୟ। ଦିନତମାମ ଲଗାଣ ବର୍ଷା ଲାଗି ରହିଥିବାବେଳେ ଆଜି ମଧ୍ୟାହ୍ନରେ ହଠାତ୍ ୧୪ନଂ ୱାର୍ଡ ନାଳସାହି ରାସ୍ତା ଉପରେ ପାଣି ସୁଅ ଛୁଟିଥିଲା। ଘସିପୁରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଜଣଙ୍କୁ ଉଦ୍ଧାର କରିଥିବାବେଳେ ଅନ୍ୟମାନେ ଘରଛାଡି ଯିବିକୁ ଅମଙ୍ଗ ହୋଇଥିଲେ। କିଛି ସମୟପରେ ଘରପଛ ପଟେ ପାଣିରେ ଅନ୍ୟ ସଦସ୍ୟମାନେ ସୁରକ୍ଷିତ ବାହାରି ଆସିଛନ୍ତି। ସାହିକୁ ସଠିକ୍ ରାସ୍ତା ନଥିବାବେଳେ ଏକ ନାଳ ରାସ୍ତାଦେଇ ଏମାନେ ନିୟମିତ ଜାୟତ କରୁଥିବାରୁ ପ୍ରତିବର୍ଷ ବର୍ଷା ଦିନରେ ସମସ୍ୟା ଭୋଗୁଥିବା କହିଛନ୍ତି।

## ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

କେନ୍ଦୁଝର,୫।୭ (ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀର 'ସ୍ୱନକ୍ଷତ୍ର ଦିବସ' ୪ ଜୁଲାଇ ଉପଲକ୍ଷେ କେନ୍ଦୁଝରସ୍ଥିତ ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସାହିତ୍ୟ ପ୍ରତିଯୋଗିତା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କେନ୍ଦୁଝରଙ୍କ ପକ୍ଷରୁ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏହାର ଆୟୋଜନ କରିଥିଲା। ପ୍ରତିଯୋଗିତା ପୂର୍ବରୁ ଏକ ସାଧାରଣ ସଭାରେ ଉପସ୍ଥିତ ଅତିଥି ଓ ବିଚାରକମାନେ ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ଅସ୍ମିତାର ସୁରକ୍ଷା ଏବଂ ପ୍ରସାରରେ ଏଭଳି ପ୍ରତିଯୋଗିତାର ଆବଶ୍ୟକତା ସମ୍ପର୍କରେ ପ୍ରତିଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏହାପରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୮୦ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। କନିଷ୍ଠ ବର୍ଗର ପ୍ରବନ୍ଧ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଟିକିରାର ସପ୍ତମ ଶ୍ରେଣୀର ଛାତ୍ରୀ କ୍ଷୀରାବ୍ଧି ତନୟା ଜେନା, ବକ୍ତୃତା ବିଭାଗରେ ସେହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ଦୀପ୍ସିଖା ରାଉତ, କବିତା ଆବୃତ୍ତି ବିଭାଗରେ ସେଣ୍ଟ ଜାଭିୟର୍ସ ଉଚ୍ଚବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଲକ୍ଷ୍ମୀପ୍ରିୟା ରାଉତ ଏବଂ ସାଧାରଣଜ୍ଞାନ ବିଭାଗରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରର ସପ୍ତମ ଶ୍ରେଣୀର ଛାତ୍ରୀ ସାଇ ଅର୍ପିତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବର୍ଗର ପ୍ରବନ୍ଧ ବିଭାଗରେ ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ହିତେଶ କୁମାର ଘଣା, ବକ୍ତୃତା ବିଭାଗରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରର ନବମ ଶ୍ରେଣୀର ଛାତ୍ରୀ ତନୁଶ୍ରୀ



ପଣ୍ଡା, କବିତା ଆବୃତ୍ତି ବିଭାଗରେ ପ୍ରତୀକ୍ଷା ପରିଣିତା ସାହୁ ଏବଂ ସାଧାରଣ ଜ୍ଞାନ ବିଭାଗରେ ପ୍ରିୟଙ୍କା ନାଏକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟ ବର୍ଗର ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ।

କନିଷ୍ଠ ବର୍ଗର ରାଜ୍ୟସ୍ତରୀୟ ପ୍ରତିଯୋଗିତା ୧୨ ଜୁଲାଇ ୨୦୨୬ ଏବଂ ବରିଷ୍ଠ ବର୍ଗର ପ୍ରତିଯୋଗିତା ୧୯ ଜୁଲାଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାରୀ ପ୍ରତିଯୋଗୀମାନଙ୍କୁ ୨୫ ଜୁଲାଇ ୨୦୨୬ ତାରିଖରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ସମ୍ବର୍ଦ୍ଧିତ କରାଯିବ। ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ମଧୁସୂଦନ ମିଶ୍ର, ଶାନ୍ତନୁ ମହାପାତ୍ର, ରଙ୍ଗାଧର ବେହେରା, ଦ୍ୱିତୀକୃଷ୍ଣ ବେହେରା, ଶିଶିର କୁମାର ରାୟ, ଧ୍ରୁବ ରାଉତ, କମଳ ଲୋଚନ ପ୍ରଧାନ ଏବଂ ବିବେକାନନ୍ଦ ରାଉତ ବିଚାରକ ଭାବେ ଯୋଗଦେଇ ନିରପେକ୍ଷ ଭାବେ ମୂଲ୍ୟାୟନ କରିବା ସହ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ନରସିଂହ ସ୍ୱାଇଁ ପୁଲିସ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବେଲା ରାଉତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ ତତ୍ତ୍ୱାବଧାନ କରିଥିଲେ। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ଓଡ଼ିଆ ଭାଷା, ସାହିତ୍ୟ ଓ ଓଡ଼ିଆ ଅସ୍ମିତା ପ୍ରତି ଆଗ୍ରହ ଏବଂ ସଚେତନତା ବୃଦ୍ଧି ପାଇଥିବା ମତ ପ୍ରକାଶ ପାଇଥିଲା।

## ଲୋକପ୍ରିୟ ହିନ୍ଦୀ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



କେନ୍ଦୁଝର,୫।୭ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ବୀରକିଶୋରପୁର ମଣ୍ଡଳପାଟ ନୋଡାଲ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରବିନ୍ଦ୍ରନାଥ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ପ୍ରଧାନଶିକ୍ଷୟତ୍ରୀ ଶୁଭଲକ୍ଷ୍ମୀ ପ୍ରଧାନ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଗୋଲକଚନ୍ଦ୍ର ମହାନ୍ତ ବିଦାୟୀ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ମିଶ୍ର, ରମାକାନ୍ତ ପ୍ରଧାନ, ସଂଯୁକ୍ତା ମହାନ୍ତ, ସୁଫଳ ବେହେରା, କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲଚନ୍ଦ୍ର ଘୋଷ, ନୂଆଗାଁ ସିଆର୍‌ସିସି ନେତ୍ରାନନ୍ଦ ଦେହୁରୀ, ବରିଷ୍ଠ ଶିକ୍ଷୟିତ୍ରୀ ସବିତା ଦେହୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ସଞ୍ଜିବ କୁମାର ସାହୁ ବିଦାୟୀ ଶିକ୍ଷକଙ୍କ ଅବସରପ୍ରାପ୍ତ ଜୀବନ ମଙ୍ଗଳ କାମନା କରିଥିଲେ। ଶିକ୍ଷକ ପରମାନନ୍ଦ ଭଞ୍ଜ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଦେବବ୍ରତ ସାମଲ ଧନ୍ୟବାଦ ଅର୍ପଣ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀ ସମେତ ଗ୍ରାମବାସୀ ସାମିଲ ହୋଇ ଶ୍ରୀ ସାହୁଙ୍କ ଗୁଣଗାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭାଯାତ୍ରାରେ ବୀରକିଶୋପୁର ଗାଁ ପରିକ୍ରମା କରାଯାଇଥିଲା।

## ମାଟୋଆ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ



ଯୋଡ଼ା, ୫।୭ (ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଖଣି ଅଞ୍ଚଳରେ ଅବସ୍ଥିତ ମାଇନିଙ୍ଗ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ବହୁ ପ୍ରତୀକ୍ଷିତ ନିର୍ବାଚନ ଆସନ୍ତା ୧୪ ଜୁଲାଇରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶନିବାର ବିଭିନ୍ନ ପଦପଦବୀ ପାଇଁ ନୋମିନେସନ ଦାଖଲ ପର୍ବ ଆରମ୍ଭ ହୋଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଚତୁର୍ଭୁଜ ପଲେଇ ସଭାପତି, ସତ୍ୟପ୍ରିୟ ବାରିକ ସମ୍ପାଦକ, ଅଜୟ କୁମାର ସିନ୍‌ହା ଉପସଭାପତି, ସାଗର କୁମାର ମଙ୍ଗରାଜ ଯୁଗ୍ମ ସମ୍ପାଦକ, ସୁରେଶଚନ୍ଦ୍ର ଗିରି କୋଷାଧ୍ୟକ୍ଷ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିବା ଜଣାପଡିଛି। ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ସମସ୍ତ ପ୍ରାର୍ଥୀ ଯୋଡ଼ା ଆଜାଦବସ୍ତିସ୍ଥିତ ମା' ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ନିଜ ନିଜ ସମର୍ଥକ ଟ୍ରକ ମାଲିକମାନଙ୍କ ଗହଣରେ ଶୋଭାଯାତ୍ରାରେ ମାଟୋଆ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ପ୍ରାର୍ଥିପତ୍ର ଦାଖଲକୁ ନେଇ ମାଟୋଆ କାର୍ଯ୍ୟାଳୟ ପରିସରରେ ଉତ୍ସବମୁଖର ପରିବେଶ ସହ ବେଶ୍ ଚଳଚଞ୍ଚଳ ଦେଖାଯାଇଥିଲା। ବହୁ ସଂଖ୍ୟାରେ ଟ୍ରକ ମାଲିକ ଓ ସମର୍ଥକଙ୍କ ଉପସ୍ଥିତି ନିର୍ବାଚନକୁ ଅଧିକ ସରଗରମ କରିଥିଲା। ଆଗାମୀ ଦିନରେ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର ହେବା ସହ ୧୪ ଜୁଲାଇରେ ହେବାକୁ ଥିବା ଭୋଟଗ୍ରହଣକୁ ନେଇ ଟ୍ରକ ମାଲିକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଉଛି। ଆସନ୍ତା ଜୁଲାଇ ୧୪ ତାରିଖରେ ମାଇନିଙ୍ଗ ଏରିଆ ଟ୍ରକ ଓନର୍ସ ଆସୋସିଏସନ (ମାଟୋଆ)ର ନୂତନ କର୍ମକର୍ତ୍ତା ଚୟନ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ତାରିଖରୁ ୬ ତାରିଖ ପ୍ରାର୍ଥିପତ୍ର ଦାଖଲ, ୭ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ, ୮ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୪ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ମାଟୋଆ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଂଘରେ ପ୍ରାୟ ୧୯୦୦ ହାଇୱା ସହ ୧୨୦୦ ଟ୍ରକ ପଞ୍ଜୀକରଣ ଥିବାବେଳେ ମୋଟ ୧୦୨୮ ସଦସ୍ୟ ରହିଛନ୍ତି।

## ତମ୍ପୋ ବାଲି ଘାଟରୁ ବାଲି ଚାଲାଣ

## ଶାସକ ଦଳର ଆତ୍ମଘୋଷିତ କର୍ମୀ ଦେଉଛନ୍ତି ସୁରକ୍ଷା

ଆନନ୍ଦପୁର, ୫।୭ (ସମିସ)



ଆନନ୍ଦପୁର ଉପଖଣ୍ଡର ତମ୍ପୋ ବାଲି ଘାଟରେ ପୁଣି ସକ୍ରିୟ ବାଲି ମାଫିଆ। ପ୍ରଶାସନର ଗତିବିଧି ଲକ୍ଷ୍ୟ ରଖି ରାତିସାରା ଚାଲିଛି ବାଲି ଉତ୍ତୋଳନ। କିଛି ଶାସକ ଦଳର ଆତ୍ମଘୋଷିତ କର୍ମୀ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ଖବର ପ୍ରସାରଣ ପରେ ଯାଞ୍ଚ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କ'ଣ ହେଲା, ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏପଟେ ଓଭର ଲୋଡ୍ ବାଲି ଗାଡ଼ି ଚଳାଚଳ ପାଇଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଛାତ୍ରଛାତ୍ରୀ ଓ ଜରୁରିକାଳୀନ ସେବାରେ ମଧ୍ୟ ବାଧା ସୃଷ୍ଟି ହେଉଛି। ଏଥିପ୍ରତି ଖଣି ବିଭାଗର ନିଘା ନାହିଁ। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାଡୋ ପଞ୍ଚାୟତର ବୈତରଣୀ ନଦୀସ୍ଥିତ ତମ୍ପୋ ବାଲି ଘାଟରେ ପୁଣି ଥରେ ବେଆଇନ ବାଲି ଉତ୍ତୋଳନ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅନୁମତି ସୀମା ବାହାରେ ଏବଂ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାଲି ଉତ୍ତୋଳନ କରାଯାଉଛି। ରାତିର ଅନ୍ଧାରରେ ହାଇୱା ଯୋଗେ ବାଲି ପରିବହନ କରାଯାଉଥିବାରୁ ସରକାରୀ ରାଜସ୍ୱର ବ୍ୟାପକ କ୍ଷତି ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ବର୍ତ୍ତମାନ ପୁଣି ସେହି ପୁରୁଣା ଢଙ୍ଗରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଚର୍ଚ୍ଚା ବଢ଼ିଥିବା ବେଳେ କିଛି ଶାସକ ଦଳର ଆତ୍ମଘୋଷିତ କର୍ମୀ ବାଲି ମାଫିଆଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ମଧ୍ୟ ଉଠିଛି। ଏବେ ପ୍ରଶ୍ନ ଉଠୁଛି, ପୂର୍ବ ଯାଞ୍ଚ ପରେ କାହା ବିରୋଧରେ କେଉଁ କାର୍ଯ୍ୟାନୁଷ୍ଠାନ ନିଆଗଲା? ପୁଣି କିପରି ବେଆଇନ ବାଲି ଉତ୍ତୋଳନ ଆରମ୍ଭ ହେଲା? ଏହା ପଛରେ କାହାର ଆଶୀର୍ବାଦ ରହିଛି? ବେଆଇନ ବାଲି କାରବାର ଉପରେ ଜିଲ୍ଲା ପ୍ରଶାସନ କେବେ କଠୋର ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।

## ବଜ୍ରାଘାତରେ ମହିଳା ଗୁରୁତର

ଆନନ୍ଦପୁର, ୫।୭ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡ଼ା ଗ୍ରାମରେ ବଜ୍ରପାତ ହେବାରୁ କୋଇଲି ସାହୁ ନାମକ ମହିଳା ଆହତ ହୋଇଛନ୍ତି। ଏଥିରେ ଜଣେ ୩ ବର୍ଷର ଶିଶୁ ଅଳ୍ପକେ ବର୍ତ୍ତିଯାଇଛି। ଗୁରୁତର ମହିଳା ଜଣକ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଟୋଲଙ୍କପଡା ଗାଁରେ ଆଜି ମଧ୍ୟାହ୍ନ ସମୟରେ ଘଟିଛି ଏହି ଘଟଣା। ଗାଁର ଜ୍ଞାନରଞ୍ଜନ ସାହୁଙ୍କ ପତ୍ନୀ କୋଇଲି ପୁଅକୁ ଧରି ଦାଣ୍ଡପିଣ୍ଡାରେ ଖେଳାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ମହିଳା ଆହତ ହୋଇପଡ଼ିଥିଲେ। କୋଇଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଥିବା ମେଡିକାଲ ସୂତ୍ରରୁ ଜଣାପଡିଛି।

## ଜମିପଟ୍ଟାରୁ ଅଂଶୀଦାରଙ୍କ ନାଁ କାଟିଦେଲା ତହସିଲ

ହାଟଡ଼ିହୀ,୫।୭ (ସମିସ): ପୈତୃକ ସମ୍ପତ୍ତିରୁ ଭାଗ ନଦେବା ପାଇଁ ହୋଇଛି ଷଡ଼ଯନ୍ତ୍ର। ଅଂଶୀଦାରଙ୍କ ମୃତ୍ୟୁ ପରେ ପଟ୍ଟାରୁ ଉତ୍ତରାଧିକାରୀଙ୍କ ନାମକୁ ବାଦ୍ ଦିଆଯାଇଥିବା ଅଭିଯୋଗ ପରେ ତହସିଲ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲରେ ଏଭଳି ଜାଲିଆତି ଓ ଚଞ୍ଚକତା ହୋଇଥିବା ଜଣାପଡ଼ିଛି। ମୃତକଙ୍କ ଉତ୍ତରାଧିକାରୀମାନେ ଜମି ଜାଲିଆତି ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀଙ୍କୁ ଚିଠି ଲେଖି ତହସିଲର ଅସାଧୁ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବି କରିଛନ୍ତି। ଉକ୍ତ ତହସିଲ ଅଧୀନ ଭାତକରୁଆ ଗ୍ରାମର ସ୍ୱର୍ଗତ ଅପର୍ତ୍ତି ଜେନା, ସ୍ୱର୍ଗତ ହୃଷି ଜେନା, ସ୍ୱର୍ଗତ ଏକାଦଶୀ ଜେନାଙ୍କ ନାମରେ ବଞ୍ଚୋ ମୌଜାରେ ଖାତା ନଂ-୪୬, ପ୍ଲଟ ନଂ-୪୦୨୦ ରେ ୩୪ ଡିସିମିଲ ଜମି ଥିଲା। ସେମାନଙ୍କ ମୃତ୍ୟୁ ପରେ ଉକ୍ତ ଜମି ଆଇନ ଅନୁଯାୟୀ ଉତ୍ତରାଧିକାରୀଙ୍କ ନାମକୁ ପରିବର୍ତ୍ତନ ହେବା କଥା; କିନ୍ତୁ, ଜମିର ସମସ୍ତ ଅଂଶୀଦାରଙ୍କ ଉତ୍ତରାଧିକାରୀଙ୍କ ନାଁ ବଦଳରେ ସଂଶୋଧିତ ପଟ୍ଟାରେ କେବଳ ସ୍ୱର୍ଗତ ହୃଷି ଜେନାଙ୍କ ବଡ଼ ପୁଅ ଲକ୍ଷ୍ମୀଧରଙ୍କ ନାଁ ଉଲ୍ଲେଖ ଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅନ୍ୟ ଅଂଶୀଦାର ତଥା ସ୍ୱର୍ଗତ ଏକାଦଶୀ ଜେନାଙ୍କ ପୁଅ କାମପାଳ ଜେନା ଏହି ଘଟଣାରେ ହାଟଡିହୀ ତହସିଲର ତତ୍କାଳୀନ ତହସିଲଦାର ମନୋଜ କୁମାର କେରକେଟା, କିରାଣୀ ବସନ୍ତ କୁମାର ରାଉତ, ରେକର୍ଡ କିପର ମାନସ ପାତ୍ରୀ, ବଞ୍ଚୋ ରାଜସ୍ୱ ନିରୀକ୍ଷକ ଦିପ୍ତିମୟୀ ସାହୁଙ୍କ ସମ୍ପୃକ୍ତିଥିବା ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଲକ୍ଷ୍ମୀଧର ଜେନାଙ୍କ ସହ ଷଡଯନ୍ତ୍ର କରି କାମପାଳ ଓ ତାଙ୍କ ୫ ଜଣ ଭଉଣୀଙ୍କ ବିନା ଅନୁମତିରେ ଦାଖଲ ଖାରଜ କେସ ନଂ-୧୨୮/୨୦୨୬ ବଳରେ ଏଭଳି ବେଆଇନ କାର୍ଯ୍ୟ କରିଛନ୍ତି। ଏହି ବେଆଇନ ତଥା ଷଡଯନ୍ତ୍ରରେ ହାଟଡିହି ତହସିଲର କର୍ମଚାରୀଙ୍କୁ ଦାୟୀ କରିବା ସହ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଜେନା ଗତ ମଙ୍ଗଳବାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉତ୍ତରାଧିକାରୀ**

## ଫୁଲବଣୀ ଖାସହାଡ଼ିଗୋଛିଆ ସଂଯୋଗ ରାସ୍ତା ବିପଦସଙ୍କୁଳ

# ବାରମ୍ବାର ମରାମତି ସତ୍ତ୍ୱେ ଭାଙ୍ଗୁଛି ରାସ୍ତା

ଚନ୍ଦନେଶ୍ୱର,୫।୭(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଟୁକୁରୀହାଜିରା ପଞ୍ଚାୟତର ଫୁଲବଣୀ ଖାସ ଗ୍ରାମର ୧୫ ନମ୍ବର ୱାର୍ଡରେ ଥିବା ଫୁଲବଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରୁ ହାଡିଗୋଛିଆ ଓ ଶାନ୍ତିନଗରକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ ବିପଦସଙ୍କୁଳ ଅବସ୍ଥାରେ ପହଞ୍ଚିଛି। ବାବୁରାମ ମହାନ୍ତିଙ୍କ ଘର ନିକଟରେ ରାସ୍ତାର ଏକ ବଡ଼ ଅଂଶ ଭାଙ୍ଗିଯାଇଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣା ଆଶଙ୍କାରେ ରହୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରାସ୍ତା ସଂଲଗ୍ନ ପୋଖରୀ ପାଶ୍ୱର୍ରେ କଂକ୍ରିଟ ଢଳାଇ ତଳର ମାଟି ବର୍ଷା ଜଳରେ ଧୋଇଯାଇ ଅତଡ଼ା ଖସିପଡ଼ିଛି। ଫଳରେ ରାସ୍ତା ତଳେ ଫାଙ୍କା ସ୍ଥାନ ବା ସୁଡ଼ଙ୍ଗ ସୃଷ୍ଟି ହୋଇ କଂକ୍ରିଟ ଅଂଶ ଫାଟି ଭାଙ୍ଗିପଡ଼ିଛି। ବର୍ତ୍ତମାନ ସେହି ସ୍ଥାନ ମରଣଯନ୍ତାରେ ପରିଣତ ହୋଇଥିବାରୁ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ ବୋଲି ଆଶଙ୍କା କରାଯାଉଛି। ସବୁଠାରୁ ବଡ଼ କଥା ହେଉଛି, ପ୍ରାୟ ତିନି ବର୍ଷ ପୂର୍ବରୁ ନିର୍ମିତ ଏହି କଂକ୍ରିଟ ରାସ୍ତା ପୂର୍ବରୁ ମଧ୍ୟ ଭାଙ୍ଗିଯାଇଥିଲା। ସେତେବେଳେ ଗାର୍ଡ ୱାଲ୍ ଧସିପଡ଼ିବା ସହ ରାସ୍ତାର କ୍ଷତି ହୋଇଥିଲା। ପ୍ରାୟ ଦଶ ମାସ ପୂର୍ବରୁ ସରକାରୀ ଅର୍ଥ ବ୍ୟୟ କରି ପୁନର୍ବାର ମରାମତି କାର୍ଯ୍ୟ କରାଯାଇଥିଲେ ମଧ୍ୟ ଚଳିତ ବର୍ଷ କାଳବୈଶାଖୀ ସମୟର ସାମାନ୍ୟ ବର୍ଷାରେ ପୁଣି ସେହି ସ୍ଥାନ ଭାଙ୍ଗିଯାଇଛି। ଏହା ନିର୍ମାଣ କାର୍ଯ୍ୟର ମାନ ଏବଂ ବୈଷୟିକ ତଦାରଖର ଗୁଣବତ୍ତାକୁ ନେଇ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ପ୍ରାୟ ୮୦୦ ମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତାର ଗୋଟିଏ ପ୍ରାନ୍ତରେ ହାଡ଼ିଗୋଛିଆ ପ୍ରାଥମିକ ବିଦ୍ୟାଳୟ ଓ ଅନ୍ୟ ପ୍ରାନ୍ତରେ ଫୁଲବଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। କିନ୍ତୁ ମାତ୍ର ୧୦ରୁ ୧୫ ମିଟର ରାସ୍ତାର ସଠିକ୍ ମରାମତି ନ ହେବାରୁ ସମଗ୍ର ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍କୁଲ ପିଲାମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି ଏବଂ ନିର୍ଭୟରେ ପିଲାମାନଙ୍କୁ ସ୍କୁଲ ପଠାଇ ପାରୁନଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ରାସ୍ତାର ସ୍ଥାୟୀ ସମାଧାନ ପରିବର୍ତ୍ତେ ବାରମ୍ବାର କେବଳ ଉପରଠାଉରିଆ ମରାମତି କରାଯାଉଥିବାରୁ ସରକାରୀ ଅର୍ଥର ଅପଚୟ ହେଉଛି। ସମ୍ପୃକ୍ତ ବିଭାଗର ଅବହେଳା ଓ ଯନ୍ତ୍ରୀମାନଙ୍କ ବୈଷୟିକ ବିଫଳତା ଯୋଗୁଁ ଏପରି ପରିସ୍ଥିତି ଉପୁଜିଥିବା ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ବୈଷୟିକ ଯାଞ୍ଚ କରିବା ସହ ରାସ୍ତାର ସ୍ଥାୟୀ ମରାମତି, ପୋଖରୀ ପାଶ୍ୱର୍ରେ ଦୃଢ଼ ସୁରକ୍ଷା ପ୍ରାଚୀର ନିର୍ମାଣ ଏବଂ ଯାତାୟାତ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଧିବାସୀମାନେ ଦୃଢ଼ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ଗ୍ରହଣ ନ କରାଯାଏ, ତେବେ ଯେକୌଣସି ସମୟରେ ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

## ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର



ଜଳେଶ୍ୱର ବ୍ଲକ,୫।୭(ସମିସ): ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ନୂତନ ରାସ୍ତା ନିର୍ମାଣ ସାଙ୍ଗକୁ ଅନେକ ସ୍ଥାନରେ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଅଛି। ଆଉ ଏହି ରାସ୍ତା କାର୍ଯ୍ୟ ପାଇଁ ରାଜ୍ୟ ସରକାର କୋଟି କୋଟି ଖର୍ଚ୍ଚ ମଧ୍ୟ କରୁଛନ୍ତି କିନ୍ତୁ ବିଭାଗ ଓ ଠିକାଦାର ମଧୁ ଚନ୍ଦ୍ରିକା ପାଇଁ କେଉଁଠି ରାସ୍ତା ନିର୍ମାଣ ନିମ୍ନମାନର ଚାଲିଛି ତ ପୁଣି କେଉଠି ରାସ୍ତା କାର୍ଯ୍ୟ ଶେଷ ନ ହେଉଣୁ ରାସ୍ତା ଫାଟି ଆ କଲାଣି ତ ପୁଣି ବିଭିନ୍ନ ସ୍ଥାନରେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ କରି ମାସ ମାସ ଧରି ପଡ଼ି ରହିଛି। ଯାହା ଫଳରେ ସଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ବରଡ଼ିହା ଗ୍ରାମ ପଞ୍ଚାୟତର ଦୁଧିଆଶୋଳ ଠାରୁ ମୟୁରଭଞ୍ଜ ବୋର୍ଡ଼ର କିଆଖାଳି ପର୍ଯ୍ୟନ୍ତ ଦୀର୍ଘ ୪ କିଲୋମିଟର ରାସ୍ତା ନିର୍ମାଣ ମନ୍ଥର ଗତିରେ ଚାଲିବା ସହିତ ଅତି ନିମ୍ନମାନର କାର୍ଯ୍ୟ ଚାଲିଛି। ରାସ୍ତାରେ ମାଟି ଗୋଡ଼ି ପକାଇ ଏହାକୁ ରୋଲରିଙ୍ଗ ନ କରିବା ହେତୁ ଅସରାୟ ବର୍ଷାରେ କାଦ ସାଙ୍ଗକୁ ବଡ ବଡ ଗର୍ତ ହୋଇ ଖଣ୍ଡିଆ ଖାବର ହେବାକୁ ପଡୁଛି ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟ ଆଗକୁ କାର୍ଯ୍ୟାର ସୂଚନା ଫଳକ ଲାଗିବାର ନିୟମ ବାଧ୍ୟତାମୂଳକ ରହିଥିବା ବେଳେ ଠିକାଦାର କାହା ସ୍ୱାର୍ଥରେ ସାଧାରଣ ଲୋକମାନଙ୍କୁ ଅନ୍ଧାରରେ ରଖି ଏହି ପରି ନିମ୍ନମାନର କାର୍ଯ୍ୟ କରୁଛନ୍ତି।ଯାହା ଫଳରେ କାର୍ଯ୍ୟ କରିବାର କିଛି ମାସ ମଧ୍ୟରେ ରାସ୍ତାରେ ଉଠିଯାଉଛି ପିଚୁ ଓ ମେଟାଲ ଯାହାକୁ ନେଇ ଯୁବ ସମାଜସେବୀ ଜଗନ୍ନାଥ ବେରା ଅଭିଯୋଗ କରିଛନ୍ତି କି ଦୁଧିଆଶୋଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସାଙ୍ଗକୁ ଏହାର ସୂଚନା ଫଳକ ଲଗାଇଲେ କାର୍ଯ୍ୟର ମାନ ସାଧାରଣ ଲୋକେ ଜାଣିବା କାର୍ଯ୍ୟ ମଧ୍ୟ ଭଲ ମାନର ହୋଇ ପାରିବ।

## ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପରୀକ୍ଷା



ଜଳେଶ୍ୱର,୫।୭(ସମିସ) : ଆଜି ପୂର୍ବାହ୍ନରେ ଜଳେଶ୍ୱର ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗୀତାରେ ବିଭିନ୍ନ ଶ୍ରେଣୀର ୮୨ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀ ଅନୁଭବୀ ହେବାକୁ ପରାମର୍ଶ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନ୍‌ଜୀବୀ ରାମଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଡ. ଅଜିତ୍ ମହାନ୍ତି, ବିଦ୍ୟାଳୟର ଶିକ୍ଷୟତ୍ରୀ ସବିତା ପାଠୀ, ଭୂପତି ଜେନା, ରାଧାଗୋବିନ୍ଦ ଜେନା ପ୍ରମୁଖ ଯୋଗଦେଇ ସମାଜର ଏପରି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଅଧକ୍ଷତା କରିଥିବା ବେଳେ ସାମ୍ବାଦିକ ରବିନାରାୟଣ ପାତ୍ର ସଂଚାଳନା କରିଥିଲେ। ଚିତ୍ରାଙ୍କନରେ ଶୁଭଲକ୍ଷ୍ମୀ ମହାନ୍ତି ପ୍ରଥମ, ଅଭିଜିତ୍ ବେରା ଦ୍ୱିତୀୟ, ସଂଗୀତା ବେରା ୩ୟ ସ୍ଥାନ ଓ କୁଇଜ୍‌ରେ ଓମ୍ ପ୍ରକାଶ ଜେନା ପ୍ରଥମ, ପ୍ରତୀଭା ଦେବୀ ଜେନା ଦ୍ୱିତୀୟ, ରୁଦ୍ରାକ୍ଷ ଦାସଅଧିକାରୀ ୩ୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସାର୍ଟିଫିକେଟ ସହିତ ନଗଦ ଅର୍ଥରାଶୀ ପ୍ରଦାନ କରାଯାଇଥିଲା। ଶିକ୍ଷକ କାଳିପଦ ମହାନ୍ତି ଓ ଗଣେଶ ଚନ୍ଦ୍ର ମଲ୍ଲିକ ପରିଚାଳନା କରିଥିଲେ।

## ଭାରତୀୟ ବିଦ୍ୟା ନିକେତନରେ ବନ ମହୋତ୍ସବ

ଚନ୍ଦନେଶ୍ୱର,୫।୭(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପୃଥିବୀ ଏବେ ଧ୍ୱଂସାଭିମୁଖୀ। ଏଥିପାଇଁ କେବଳ ମଣିଷ ହିଁ ଦାୟୀ ବୋଲି ଭୋଗରାଇର ଚନ୍ଦନେଶ୍ୱର ନିକଟରେ ଥିବା ଭାରତୀୟ ବିଦ୍ୟା ନିକେତନରେ ଆୟୋଜିତ ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ଆୟୋଜିତ ସଚେତନତା ସଭାକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ତଥା ବରିଷ୍ଠ ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ତଥା କବି ସୁକୁମାର ଦାସ ଯୋଗଦେଇ ବିଶ୍ୱରେ ଦ୍ରୁତ ଶିଳ୍ପାୟନ ବୃଦ୍ଧି କାରଣରୁ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାଛଡ଼ା ଜଙ୍ଗଲ କ୍ଷୟ ଫଳରେ ବହୁ ବନ୍ୟପ୍ରାଣୀ ମାନଙ୍କ ସଂଖ୍ୟା କ୍ରମଶଃ ଲୋପ ପାଇବାକୁ ବସିଲାଣି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ସୁଧାଂଶୁ ଶେଖର ପ୍ରଧାନ ଯୋଗଦେଇ ବୃକ୍ଷ ଆମ ବାପା, ମାଆ ଏବଂ ଏହା ଆମର ଜୀବନ। ତେଣୁ ଅଧିକରୁ ଅଧିକ ଗଛ ଲଗାଇ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ ଦଦୁଲ ଦାସ ଅଧିକାରୀ, ସାମ୍ବାଦିକ ରାଧା କାନ୍ତ ପ୍ରଧାନ, ସାମ୍ବାଦିକ ଜଗନ୍ନାଥ ଗିରି, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦାସ, ସୁବାସ ଦାସ, ଭଗଦାନ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସବୁଜ ବନାନୀର ଉପକାରିତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଗିରି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶେଷରେ ଶିକ୍ଷକ ବନମାଳୀ ଦେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରା ଯାଇଥିଲା। ପରେ ବିଦ୍ୟାଳୟ ପରିସର ମଧ୍ୟରେ ଫୁଲ ଓ ଫଳ ଗଛ ସବୁ ଲଗା ଯାଇଥିଲା।



## ପୋଖରୀକୁ ପଶିଗଲା କାର, ଅଳ୍ପକେ ବର୍ତ୍ତିଲେ ଚାଳକ

ନୀଳଗିରି,୫।୭ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ରବିବାର ସନ୍ଧ୍ୟା ସମୟରେ ନୀଳଗିରି ସନ୍ତରାଗଡ଼ିଆ ରାସ୍ତାରେ ଜଣେ ମହିଳା ଏକ ମାରୁତି କାର ଚଲାଇ ଆସୁଥିବା ବେଳେ ନିଶ୍ଚନ୍ତପୁର ଠାରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାଖରେ ଥିବା ଏକ ଗଛକୁ ଧକ୍କା ଦେଇ ପୋଖରୀ ଭିତରେ ପଶି ଯାଇଥିଲେ। ତେବେ ଏହି ଦୁର୍ଘଟଣାରେ ମହିଳା ଜଣକ ଅଳ୍ପକେ ବର୍ତ୍ତୀ ଯାଇଥିବା ବେଳେ କୌଣସି ପଥଚାରୀଙ୍କର କ୍ଷୟ କ୍ଷତି ହୋଇନଥିବା ଜଣା ପଡ଼ିଛି। ଦୁର୍ଘଟଣାରେ ଗାଡି ଭାଙ୍ଗି ଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ନୀଳଗିରି ଅଗ୍ନିଶମ ବିଭାଗ ପହଞ୍ଚି ଥିବାବେଳେ ଗଭୀର ପୋଖରୀ ଭିତରୁ ଉକ୍ତ ଦୁର୍ଘଟଣା ଗ୍ରସ୍ତ କାରକୁ ଉଦ୍ଧାର କରିବା ସମ୍ଭବପର ହୋଇନଥିଲା। ପରେ ନୀଳଗିରି ପୁଲିସ ଘଟଣା ଳରେ ପହଞ୍ଚି କାର କୁ ଉଦ୍ଧାର କରି ଥାନାକୁ ଆଣିଥିଲା ବେଳେ ମହିଳାଙ୍କ ଘର ନୀଳଗିରି ଅଞ୍ଚଳରେ ହୋଇଥିବା ବେଳେ ସେ ବାହାରେ ରହୁଥିଲେ। ସେ ଆଜି ଘରକୁ ଆସୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ଏ ନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।



## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୃକ୍ଷରୋପଣ

ବାଲେଶ୍ୱର,୫।୭(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୂଲ୍ୟରେ ସହର ଉପକଣ୍ଠସ୍ଥ ପାଗନଇ ନିକଟସ୍ଥ ପଦ୍ମପୁରଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଲଳିତ୍ କୁମାର ଦାଶ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ଜନକ ରାଉତ୍, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ସତୀକଣ୍ଠ ପ୍ରଧାନ ତଥା ଅନ୍ୟାନ୍ୟ ବିଚାରପତି, ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ଇନ୍ଦଲକର୍ ପ୍ରତୀକ୍ ପ୍ରକାଶ, ଏ.ସି.ଏଫ.ଓ. ତଟିନୀ ସେଠୀ, ସିଭିଲ୍ କୋର୍ଟର ମୁଖ୍ୟ ପ୍ରଶାସନିକ ଅଧିକାରୀ ମଳୟ କୁମାର ରାଉତ୍ ଏବଂ ଅନ୍ୟାନ୍ୟ ବିଚାର ବିଭାଗୀୟ କର୍ମଚାରୀ, ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ, ପ୍ୟାନେଲ୍ ଲୟର, ପାରାଲିଗାଲ୍ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୨୦୦ ବୃକ୍ଷ ରୋପଣ କରାଯାଇଥିଲା। ଅନୁରୂପ ଭାବରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ତାଲୁକ୍ ଆଇନସେବା ସମିତି ସୋରା, ଜଳେଶ୍ୱର, ନୀଳଗିରି ଏବଂ ବସ୍ତା ଠାରେ ଆୟୋଜନ କରାଯାଇ ମୋଟରେ ଜିଲ୍ଲାରେ ୧୦୦୦ ବୃକ୍ଷ ରୋପଣ କରାଯାଇଛି।



## ଜିଲ୍ଲାସ୍ତରୀୟ ଛାତ୍ର ସମାବେଶ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୫।୭(ସମିସ): ସ୍ଥାନୀୟ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ହେବାକୁ ଥିବା ଛାତ୍ର ସମାବେଶ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ତଥା ସାଙ୍ଗଠନିକ ଜିଲ୍ଲା ବାଲେଶ୍ୱର ଉତ୍ତରର ପ୍ରଭାରୀ ଉମାକାନ୍ତ ମହାପାତ୍ର, ଓଡ଼ଶା ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଚନ୍ଦ୍ର ଶେଖର ନନ୍ଦ, ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, ସମ୍ପାଦକ ରାଜେଶ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା କୋଷାଧକ୍ଷ ମୋହିତ ପୋଦ୍ଦାର ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟଙ୍କ ସମେତ କ୍ରିଷ୍ଣା ଶାହା, କାର୍ତ୍ତିକ ଗିରି, ଉମାକାନ୍ତ ପଣ୍ଡା, ଅଜିତ୍ ପାଢ଼ୀ, ନିଗମାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା କାଲି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ଛାତ୍ର ସମାବେଶକୁ କିପରି ସଫଳ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା।

## ପାନ ବ୍ୟବସାୟୀଙ୍କ ଦେହାନ୍ତ

ଚନ୍ଦନେଶ୍ୱର,୫।୭(ସମିସ): ଭୋଗରାଇର ସାହାବାଜିପୁର ପଞ୍ଚାୟତ ଅଧୀନ ଭଙ୍ଗପୁର ଗାଁର ବିଶିଷ୍ଟ ପାନ ବ୍ୟବସାୟୀ ତଥା ଚାଷୀ ନୀଳକଣ୍ଠ ପ୍ରଧାନ(୬୨)ଙ୍କ ଦେହାନ୍ତ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିବା ସହିତ ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରି କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୩ ଦଶନ୍ଧିରୁ ଉଦଶନ ବର୍ଷ ହେବା ପାନ ଚାଷ ଏବଂ ବ୍ୟବସାୟ କରି ଆସୁଥିଲେ ସ୍ୱର୍ଗତ ପ୍ରଧାନ। ଅସୁସ୍ଥତା କାରଣରୁ ପ୍ରାୟ ୬ମାସ ହେବ ଶଯ୍ୟାଶାୟୀ ଥିଲେ। ଜଣେ ପରାୟଣ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଭାବେ ସେ ବେଶ ପରିଚିତ ଥିଲେ। ସାହାବାଜିପୁର ସମିତି ସଦସ୍ୟ ତରଣୀକାନ୍ତ ସେନାପତି, ଭଙ୍ଗପୁର ୱାର୍ଡସଭ୍ୟ ସଞ୍ଜୟ ସେନାପତି, ସମାଜସେବୀ ପରିଡ଼ା, ଧରଣୀଧର ସେନାପତି, ପ୍ରଶାନ୍ତ ପାତ୍ର, ସୁଧାଂଶୁ ଶେଖର କର, ଅନନ୍ତ ଧଡା, ହରେକୃଷ୍ଣ ପ୍ରଧାନ ପ୍ରମୁଖ ଅନ୍ତିମ ସଂସ୍କାରରେ ସାମିଲ ଥିଲେ। ତାଙ୍କ ଶବାଧାରକୁ ଏକ ପଟୁଆରରେ ଗାଁ ପରିକ୍ରମା ପରେ ତାଳସାରୀ ବେଳାଭୂମିକୁ ନିଆ ଯାଇଥିଲା। ପୁଅ ରାମଶଙ୍କର,ଦେବ ଶଙ୍କର, ହରି ଶଙ୍କର ମୁଖାଗ୍ନି ଦେଇଥିଲେ।




# ବେଲଦାରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ପାଇଁ ବଙ୍ଗ ପ୍ରଶାସନ ତତ୍ପର; ଜଳେଶ୍ୱରକୁ ଅଣଦେଖା

ଜଳେଶ୍ୱର ବ୍ଲକ୍,୫।୭(ସମିସ)




ଓଡ଼ିଶା ସୀମାକୁ ଲାଗି ରହିଥିବା ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲା ନାରାୟଣଗଡ଼ ବ୍ଲକ୍‌ର ବେଲଦାଠାରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ପାଇଁ ପଶ୍ଚିମବଙ୍ଗ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନର ଏକ ଟିମ୍ ଗତ ସପ୍ତାହରେ ବେଲଦା ଗସ୍ତ କରିଛି ଟିମ୍‌ରେ ପଶ୍ଚିମ ମେଦିନୀପୁର ଜିଲ୍ଲା ଶାସକ ବିଜିନ କ୍ରିଷ୍ଣା, ଖଡ଼ଗପୁର ସବଡିଭିଜନ୍ ଶାସକ ଜ୍ୟୋତି ଘୋଷ ଓ ନାରାୟଣଗଡ଼ ବିଧାୟକ ରମା ପ୍ରସାଦ ଗିରି ସାମିଲ ଥିଲେ। ଯାହା ଜଣାପଡ଼ିଛି, ଟିମ୍ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ବିଧାୟକ ଶ୍ରୀ ଗିରି କହିଛନ୍ତି, ଖୁବ୍‌ଶୀଘ୍ର ସବ୍‌ଡିଭିଜନ୍ ପ୍ରତିଷ୍ଠାନେଇ ବିଧିବଦ୍ଧ ଘୋଷଣା ହେବ। ଉଲ୍ଲେଖ ଥାଉ ନାରାୟଣଗଡ଼, କେସିଆଡ଼ି, ମୋହନପୁର, ଦାନ୍ତୁନ-୧ ଓ ଦାନ୍ତୁନ-୨ ଆଦି ବ୍ଲକ୍‌କୁ ନେଇ ସବଡିଭିଜନ୍ ପ୍ରତିଷ୍ଠା କରିବାକୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା ତେବେ ପଶ୍ଚିମବଙ୍ଗରେ ନୂଆ ବିଜେପି ସରକାର ଆସିବା ପରେ ନାରାୟଣଗଡ଼ର ନିବନିର୍ବାଚିତ ବିଧାୟକ ଶ୍ରୀ ଗିରି ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ତେବେ ଓଡ଼ିଶା ସୀମାଠାରୁ ମାତ୍ର କିଛି ଦୂର ବେଲଦାରେ ସବ୍ ଡିଭିଜନ୍ ପ୍ରତିଷ୍ଠା ପାଇଁ ଉଭୟ ପ୍ରଶାସନିକ ଓ ରାଜନୈତିକସ୍ତରରେ ତତ୍ପରତା ପ୍ରକାଶପାଉଥିବା ବେଳେ ଦୁଇ ଦଶନ୍ଧିର ଦାବି ପରେ ବି ବାଲେଶ୍ୱର ଜିଲ୍ଲା ଅଧୀନ ଜଳେଶ୍?ରରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ନେଇ ତତ୍ପରତା ପ୍ରକାଶ ପାଉନି। ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଳେଶ୍ୱର ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ୍‌ର କେନ୍ଦ୍ରସ୍ଥଳୀ ଜଳେଶ୍ୱରକୁ ରାଜ୍ୟ ରାଜପଥ, ଜାତୀୟ ରାଜପଥ ଓ ରେଳପଥ ସଂଯୋଗ ମଧ୍ୟ ରହିଛି। ମୋଟାମୋଟି ଭାବେ ଏଠାରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ପାଇଁ ସବୁପ୍ରକାର ଭିତ୍ତିଭୂମି ଥିବା ସତ୍ତ୍ୱେ ଦାବିକୁ ଗୁରୁତ୍ୱ ଦିଆ ନ ଯିବା ପରିତାପର ବିଷୟ। ଉଲ୍ଲେଖ ଥାଉ କି ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ବସ୍ତାର ବସ୍ତାର ବିଭିନ୍ନ ଅଞ୍ଚଳରୁ ବାଲେଶ୍ୱର ସଦର ମହକୁମା ଦୂରତା ୧୦୦ କିମିରୁ ୧୨୦ କିମି ଫଳରେ ଲୋକଙ୍କୁ ଉପଯୁକ୍ତ ପ୍ରଶାସନିକ ସେବା ମିଳି ପାରୁ ନାହିଁ। ଯଦି ମିଳୁଛି, ତେବେ ବାଲେଶ୍ୱର ଯିବା ପାଇଁ ଲୋକଙ୍କୁ ହଇରାଣ ସହ ଖର୍ଜାନ୍ତ ହେବାକୁ ପଡୁଛି। ତେଣୁ ଜଳେଶ୍ୱରରେ ସବ୍‌ଡିଭିଜନ୍ ହେଲେ ଏହିସବୁ ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଉତ୍ତର ବାଲେଶ୍ୱରରେ ଏକାଧିକ ପର୍ଯ୍ୟଟନସ୍ଥଳୀ ଥିବା ବେଳେ ଲଘୁଖଣିଜ ସମ୍ପଦରେ ଭରି ରହିଛି। ଜଳେଶ୍ୱରରେ ସବ୍‌ଡିଭିଜନ୍ ପ୍ରତିଷ୍ଠା ହେଲେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଇପାରିବେ।

# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଆସ୍ଥା ତୁଟୁଛି

ଭାରତର ଅର୍ଥ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥା କ୍ରମଶଃ ତୁଟିବାରେ ଲାଗିଛି। ଏହାର ପ୍ରତିଫଳନ ବ୍ୟାଙ୍କ ଜମା-ଉଠାଣ କାରବାରରେ ଦେଖିବାକୁ ମିଳିଛି। ଗତ କିଛିମାସ ଧରି ଋଣ ବଢ଼ିଚାଲିଥିବା ବେଳେ ଜମା ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି। ଜମା-ଋଣ ଅନୁପାତର ଏହି କ୍ରମବର୍ଦ୍ଧିଷ୍ଣୁ ହାର ବ୍ୟାଙ୍କିଙ୍ଗ କ୍ଷେତ୍ର ପାଇଁ ଯେତିକି ଅସ୍ୱସ୍ତିକର ହୋଇଛି, ଦେଶର ସାମଗ୍ରିକ ଅର୍ଥନୀତିରେ ଏହାର ପରୋକ୍ଷ ନକାରାତ୍ମକ ପ୍ରଭାବ ତା'ଠାରୁ ଅଧିକ ଆଶଙ୍କା ସୃଷ୍ଟି କରିଛି।

ବିଶେଷଜ୍ଞଙ୍କ ମତରେ ପରିବାର ଓ ନିବେଶକମାନେ ସଞ୍ଚୟ ଜମାରୁ ମୁହଁ ଫେରାଇ ମିଆଦୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ପ୍ରତିଭୂତି(ସେୟାର ମାର୍କେଟ)ରେ ନିବେଶ କରିବାକୁ ଅଧିକ ଉଚିତ ମଣୁଛନ୍ତି। କିନ୍ତୁ ଜମା-ଋଣ ତାରତମ୍ୟ ବୃଦ୍ଧି ପଛରେ ଥିବା କାରକଗୁଡ଼ିକ ମଧ୍ୟରୁ ମୁଖ୍ୟ ହୋଇଛି ଦରଦାମ ବୃଦ୍ଧି। ଏବେ ସାଧାରଣ ଜୀବନଚର୍ଯ୍ୟା ବା ଦୈନନ୍ଦିନ ଚଳଣି ଏତେ ମହଙ୍ଗା ହେବାରେ ଲାଗିଛି ଯେ ସଞ୍ଚୟ ପାଇଁ ଆଉ କିଛି ବଳୁନାହିଁ। ଅପରପକ୍ଷରେ ନିଯୁକ୍ତି କମୁଛି ଓ ଛଟେଇ ବଢ଼ୁଛି, ରୋଜଗାର ସଂକୁଚିତ ହେଉଛି। ତେଣୁ ଲୋକମାନେ ଆପତ୍‌କାଳୀନ ଖର୍ଚ୍ଚ ପାଇଁ ଯାହା କିଛି ଜମା ରଖିଥିଲେ ତାହା ଉଠାଇବାରେ ଲାଗିଛନ୍ତି। ଭାରତୀୟ ନିବେଶକମାନେ ବାହାର ଦେଶରେ ପୁଞ୍ଜି ନିବେଶ କରିବାକୁ ଉଚିତ ମଣୁଥିବା ବେଳେ ବିଦେଶୀ ନିବେଶ ଆୟ ସ୍ରୋତ ସଂକୁଚିତ ହେବାରେ ଲାଗିଛି। ଭାରତର ଆର୍ଥିକ ସ୍ଥିତି ଏଥିରୁ ଅନୁମେୟ।

ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢ଼ୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ମଧ୍ୟ ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି। ଏଭଳି ପରିସ୍ଥିତିରେ ରୋଜଗାରରୁ ସଞ୍ଚୟ ବଳିବ କେମିତି?

ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟାନୁଯାୟୀ ୨୦୨୫ ଡିସେମ୍ବର ମାସରେ ଜମା-ଋଣ ଅନୁପାତ ୧.୮ ଥିବା ବେଳେ ମାତ୍ର ଛଅମାସ ଭିତରେ ୫.୪କୁ ବୃଦ୍ଧି ପାଇଛି। ସେହିପରି ଗତ ୧୨ ମାସ ଭିତରେ ବ୍ୟାଙ୍କରୁ ଲୋକମାନେ ନେଉଥିବା ଋଣ ହାର ୭୫% ରୁ ୮୨%କୁ ବୃଦ୍ଧି ପାଇଛି। ସାଧାରଣତଃ ସଞ୍ଚୟ ଜମାରେ ସୁଧ ହାର ହାରାହାରି ୩-୪% ରହୁଥିବା ବେଳେ ମିଆଦୀ ଜମାରେ ୭-୮% ସୁଧ ମିଳୁଛି। ଏହା ଜମାକାରୀଙ୍କ ପାଇଁ ଲାଭଦାୟକ ହୋଇଥିଲେ ହେଁ ବ୍ୟାଙ୍କମାନଙ୍କ ପାଇଁ ମହଙ୍ଗା ହେଉଛି। ଋଣ ବାବଦ ସୁଧ ଆୟରୁ ଜମା ବବଦ ସୁଧ ଦେୟକୁ ବାଦ୍ ଦେଲେ ଯେଉଁ ଉଦ୍‌ବୃତ୍ତ ରହେ ତାହା ବ୍ୟାଙ୍କର ବ୍ୟବସାୟିକ ଲାଭ ବା ଆୟର ସିଂହଭାଗ ଭାବରେ ପରିଗଣିତ ହୁଏ। ଏଥିରୁ ପରିଚାଳନା ଓ ପ୍ରଶାସନିକ ଖର୍ଚ୍ଚ ଭରଣା ହୁଏ। ଏବେ ମିଆଦୀ ଜମା ସୁଧ ବାବଦ ଦେୟ ବଢ଼ୁଥିବାରୁ ବ୍ୟାଙ୍କର ଆୟ ମଧ୍ୟ ସଂକୁଚିତ ହୋଇଛି। ଗତ ୧୧ ମାସ ଭିତରେ ଋଣ ହାରରେ ଯେଉଁ ବୃଦ୍ଧି ଘଟିଛି ସେଥିରେ ମଧ୍ୟ ଉପରୋକ୍ତ ୫% ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସିଂହଭାଗ ରହିଛି। ସେମାନଙ୍କଠାରୁ ଋଣ କିସ୍ତି ଆଦାୟ କାଠିକର ପାଠ। ତେଣୁ ବ୍ୟାଙ୍କମାନଙ୍କର ଏନ୍‌ପିଏ(ଅନାଦାୟ ସମ୍ପଦା) ମଧ୍ୟ ବଢ଼ିଚାଲି ବାଲାନ୍ସ ସିଟ୍‌କୁ ପ୍ରଭାବିତ କରୁଛି। ସେହିପରି ସରକାରୀ ପୁଞ୍ଜିନିବେଶର ମୁଖ୍ୟ ସ୍ରୋତ ହେଉଛି ବ୍ୟାଙ୍କ ଓ ବିଭିନ୍ନ ସଞ୍ଚୟ ଜମା। ସୁଲଭ ବା ୩-୪% ସୁଧରେ ମିଳୁଥିବାରୁ ଏହି ପୁଞ୍ଜି ଉପରେ ସରକାର ଅଧିକ ନିର୍ଭରଶୀଳ। ସଞ୍ଚୟ ଜମା ହାର ହ୍ରାସ ପାଉଥିବାରୁ ସରକାରଙ୍କୁ ବାଧ ହୋଇ ଖୋଲା ବଜାରରୁ ଅଧିକ ସୁଧରେ ଋଣ କରିବାକୁ ପଡ଼ିବ। ଏହା ବିତ୍ତୀୟ ନିଅଣ୍ଟକୁ ଆହୁରି ବୃଦ୍ଧି କରିବ।

ଗତ ୧୧ ମାସ ଭିତରେ ଭାରତୀୟ ନିବେଶକମାନେ ବିଦେଶରେ ୨୨୦ କୋଟି ଡଲାର ନିବେଶ କରିଛନ୍ତି। ଗତବର୍ଷ ତୁଳନାରେ ଏହି ହାରରେ ୬୦% ବୃଦ୍ଧି ଘଟିଛି। ଭାରତରୁ ପୁଞ୍ଜିପତି, ବ୍ୟବସାୟୀ ଓ ନିବେଶକମାନେ ବିଦେଶକୁ ପଳାୟନ କରିବା ଭାରତୀୟ ଅର୍ଥନୀତି ପ୍ରତି ଶୁଭସଙ୍କେତ ନୁହେଁ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଚାଲିଛି। ଏଣୁ ସେମାନେ ନିବେଶର ଉଚିତ ମୂଲ୍ୟ ପାଉ ନାହାନ୍ତି। ଏହାଛଡ଼ା ଆମ ଅର୍ଥନୀତିର ସିଂହଭାଗ କେବଳ ଦୁଇ/ତିନିଟି ବୃହତ୍ ଘରୋଇ ଶିଳ୍ପସଂସ୍ଥା ନିୟନ୍ତ୍ରଣରେ ରହିଛି। ଯେଉଁକେତେକ ବ୍ୟବସାୟ ବା ସଂସ୍ଥା ଆଖିଦୃଶିଆ ଉନ୍ନତି ବା ଲାଭ କରୁଛନ୍ତି ସେମାନଙ୍କୁ ଉକ୍ତ ବଡ଼ ସଂସ୍ଥା ଅଧିଗ୍ରହଣ କରିନେଉଛନ୍ତି କିମ୍ବା ସରକାରୀ ପ୍ରଭାବରେ ଚାପଗ୍ରସ୍ତ କରି ରଖୁଛନ୍ତି। ତେଣୁ ଭାରତରେ କୌଣସି ଘରୋଇ କିମ୍ବା ବିଦେଶୀ ସଂସ୍ଥା ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଭାରତୀୟ ଜମା କ୍ଷେତ୍ରରେ ପ୍ରତିଫଳିତ ହୋଇଛି।

ଆମ ଦେଶର ଆଉ ଏକ ବିଡ଼ମ୍ବନା ହେଲା ଯେଉଁ ଆଳରେ ଦରଦାମ ବଢ଼େ ପରିସ୍ଥିତିରେ ଉନ୍ନତି ଘଟିଲେ ମଧ୍ୟ ସେଥିରେ ସୁଧାର ଆସେ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଆଳରେ ଇନ୍ଧନ ମୂଲ୍ୟ ବଢ଼ିଥିଲା। ଏବେ ଆନ୍ତର୍ଜାତିକ ବଜାରରେ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ ଭାରତୀୟ ଖାଉଟି ସେହି ଅଧିକ ଦରରେ କିଣିବାକୁ ବାଧ ହେଉଛନ୍ତି। ଜିଏସ୍‌ଟିର ଗୋଟିଏ ସ୍ଲାବ୍‌ରେ ହ୍ରାସ ଘଟିଥିବା ବେଳେ ଆନୁଷଙ୍ଗିକ ଅନ୍ୟ ସ୍ଲାବ୍‌ରେ ବଢ଼ିଛି। ଅର୍ଥାତ୍ ଦରଦାମ ବୃଦ୍ଧିରୁ ଲୋକଙ୍କୁ ନିସ୍ତାର ନାହିଁ। ଏଭଳି ପରିସ୍ଥିତିରେ ଦେଶର ଅର୍ଥବ୍ୟବସ୍ଥା ଉପରୁ ଆସ୍ଥା ତୁଟିବା ଏବଂ ଜମା ହାର କମିବା ସ୍ୱାଭାବିକ। ●

# ଭାଷା, ଅଭାଷା ଓ ଓଡ଼ିଆ ଅସ୍ମିତା

**ପ୍ରକାଶ ଚନ୍ଦ୍ର ମିଶ୍ର**

ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ; ଗୋଟିଏ ଜାତିର ପରିଚୟ, ଇତିହାସ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ସାମୂହିକ ସ୍ମୃତିର ବାହକ ଏବଂ ସଭ୍ୟତାର ଆଧାର। ଯେଉଁ ଜାତି ନିଜ ଭାଷାକୁ ଭଲପାଏ, ସେ ଜାତି ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରେ। ଯେଉଁ ଜାତି ନିଜ ମାତୃଭାଷାକୁ ଅବହେଳା କରେ, ସେ ଧୀରେ ଧୀରେ ନିଜର ଅସ୍ମିତାକୁ ହରାଇବାକୁ ଲାଗେ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ସମୃଦ୍ଧ ଭାଷା। ଭାରତର ୧୨୧ଟି ପ୍ରମୁଖ ଭାଷା ମଧ୍ୟରୁ ମାତ୍ର ୨୨ଟି ଭାଷା ସମ୍ବିଧାନର ସ୍ୱୀକୃତି ପାଇଛି ଏବଂ ଓଡ଼ିଆ ସେଥିରେ ଗୋଟିଏ। ନିଜସ୍ୱ ଲିପି, ହଜାର ବର୍ଷର ଐତିହ୍ୟ, ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଭାଷାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି। କିନ୍ତୁ ଏତେ ସମୃଦ୍ଧ ଐତିହ୍ୟର ଉତ୍ତରାଧିକାରୀ ହୋଇ ମଧ୍ୟ ଆଜି ଆମେ କେଉଁଠି ଛିଡ଼ା ହୋଇଛୁ? ପ୍ରଶ୍ନଟି ଅସ୍ୱସ୍ତିକର ହୋଇଥିଲେ ମଧ୍ୟ ଏହାର ଉତ୍ତର ଖୋଜିବା ଆବଶ୍ୟକ।

ପୃଥିବୀର ଅନେକ ଦେଶର ଲୋକ ବିଦେଶରେ ରହିଲେ ମଧ୍ୟ ନିଜ ଭାଷାରେ କଥା କହିବାକୁ ଗର୍ବ ବୋଲି ମନେ କରନ୍ତି। ଦୁଃଖର ବିଷୟ, ଆଜି ଅନେକ ଶିକ୍ଷିତ ଓଡ଼ିଆ, ବିଶେଷକରି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆମାନେ, ସାର୍ବଜନୀନ ସ୍ଥାନରେ ଓଡ଼ିଆରେ କଥା କହିବାକୁ ସଙ୍କୋଚବୋଧ କରନ୍ତି। ଅନେକଙ୍କ ପାଇଁ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିବା ସାମାଜିକ ମର୍ଯ୍ୟାଦାର ପ୍ରତୀକ, ଓଡ଼ିଆରେ କଥା କହିବା ଯେପରି ପଛୁଆପଣର ଚିହ୍ନ। ଏହି ମାନସିକତା କେବଳ ଭାଷା ପ୍ରତି ନୁହେଁ, ନିଜ ମୂଳ ପରିଚୟ ପ୍ରତି ମଧ୍ୟ ଏକପ୍ରକାର ଅବହେଳା। ଏହି ମାନସିକତାର ପ୍ରଭାବ ଆମ ସାହିତ୍ୟ ଓ ସଂସ୍କୃତି ଉପରେ ପଡ଼ୁଛି। ପୂର୍ବରୁ ଘରେ ଘରେ ଖବରକାଗଜ ଓ ସାହିତ୍ୟ ପତ୍ରିକା ଆସୁଥିଲା; ନୂଆ ପୁସ୍ତକ ପ୍ରକାଶ ପାଇଲେ ପାଠକମାନେ ଅପେକ୍ଷା କରୁଥିଲେ। ଆଜି ସେହି ସଂସ୍କୃତି କ୍ରମେ କ୍ଷୀଣ ହେଉଛି। ଅନେକ ଯୁବପିଢ଼ି ଓଡ଼ିଆରେ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକ ପଢ଼ିବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି। ସାହିତ୍ୟ ପ୍ରତି ଆଗ୍ରହ କମିଲେ ତାହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼େ। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୀର୍ଘ ଦିନ ଧରି ସଂଘର୍ଷ କରୁଛି। ଏହାର ପଛରେ ଅର୍ଥନୈତିକ କାରଣ ଥିଲେ ମଧ୍ୟ ନିଜ ଭାଷା ପ୍ରତି କମୁଥିବା ଆଗ୍ରହ ଆଉ ଏକ ପ୍ରମୁଖ କାରଣ। ଯେତେବେଳେ ଆମେ ନିଜ ଭାଷାର ସାହିତ୍ୟ ପଢ଼ିବା ବନ୍ଦ କରିଦେଉ, ନିଜ ଭାଷାର ସିନେମା ଦେଖିବାକୁ ଅନାଗ୍ରହ ପ୍ରକାଶ କରୁ, ସେତେବେଳେ ସେହି ଭାଷାର ସୃଜନଶୀଳ ଜଗତ ମଧ୍ୟ ଦୁର୍ବଳ ହୋଇପଡ଼େ। ଭାଷା କେବଳ ବଞ୍ଚି ରହିଲେ ହେବ ନାହିଁ; ତାହାକୁ ବ୍ୟବହାର କରିବାକୁ ପଡ଼ିବ, ପଢ଼ିବାକୁ ପଡ଼ିବ, ଲେଖିବାକୁ ପଡ଼ିବ, ଗବେଷଣା କରିବାକୁ ପଡ଼ିବ ଏବଂ ନୂଆ ପିଢ଼ି ମଧ୍ୟରେ ଗର୍ବର ସହିତ ପହଞ୍ଚାଇବାକୁ ପଡ଼ିବ। ନଚେତ୍ ଭାଷା ସମ୍ବିଧାନର ପୃଷ୍ଠାରେ ରହିଯିବ, କିନ୍ତୁ ଲୋକଙ୍କ ହୃଦୟରୁ ଧୀରେ ଧୀରେ ଲୋପ ପାଇବ।

ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରାୟ ସବୁଠି ନୂଆ ନୂଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢ଼ିଉଠୁଛି। ଆକର୍ଷଣୀୟ ନାମ, ଚକଚକିଆ ବିଜ୍ଞାପନ, ସୁନ୍ଦର ୟୁନିଫର୍ମ ଓ ଆଧୁନିକ ଭବନ ଦେଖି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି ଯେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ପିଲା ନିଶ୍ଚିତ ଭାବରେ ସ୍ମାର୍ଟ ହେବ, ଭବିଷ୍ୟତରେ ଭଲ ଚାକିରି ପାଇବ ଏବଂ ଜୀବନରେ ସଫଳ ହେବ। ଇଂରାଜୀ ଶିଖିବା ନିଶ୍ଚିତ ଭାବରେ ସମୟର ଆବଶ୍ୟକତା। ବିଶ୍ୱ ସହିତ ତାଳ ମିଳାଇବା ପାଇଁ ଇଂରାଜୀର ଜ୍ଞାନ ଜରୁରୀ। କିନ୍ତୁ ଇଂରାଜୀ ଶିଖିବା ଓ ଇଂରାଜୀ ମାଧ୍ୟମରେ ପଢ଼ିବା ଏହି ଦୁଇଟି ଏକ କଥା ନୁହେଁ। ଏହି ଦୁଇଟିକୁ ସମାର୍ଥକ ଭାବିବା ହିଁ ଆମର ସବୁଠାରୁ ବଡ଼ ଭୁଲ। ବାସ୍ତବତା ହେଉଛି, ଓଡ଼ିଶାର ଅଧିକାଂଶ କଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରକୃତ ଇଂରାଜୀ ମାଧ୍ୟମରେ ପାଠପଢ଼ା ହୁଏ ନାହିଁ। ଶ୍ରେଣୀଗୃହରେ ଅନେକ ସମୟରେ ପାଠ ପଢ଼ାଯାଏ ଓଡ଼ିଆ ଓ ଇଂରାଜୀ ମିଶ୍ରିତ ଭାଷାରେ, କିମ୍ବା କଥିତ 'ହିଙ୍ଗ୍ଲିଶ'ରେ। ଏହାକୁ ବ୍ୟଙ୍ଗ କରି ଅନେକେ 'ଅଙ୍ଗ୍ଲିଶ' ମଧ୍ୟ କହନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନା ଶୁଦ୍ଧ ଇଂରାଜୀ ଶିଖୁଛନ୍ତି, ନା ନିଜ ମାତୃଭାଷାରେ ଦୃଢ଼ ଦଖଲ ସୃଷ୍ଟି କରିପାରୁଛନ୍ତି।

ଇଂରାଜୀ ମାଧ୍ୟମରେ ପାଠଦାନ କରିବା ପାଇଁ କେବଳ ଇଂରାଜୀ କହିପାରିଲେ ହେବ ନାହିଁ; ବିଷୟବସ୍ତୁକୁ ଇଂରାଜୀରେ ସହଜ ଭାବେ ବୁଝାଇବାର କୌଶଳ ଓ ଯଥୋଚିତ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ। ଦୁର୍ଭାଗ୍ୟର ବିଷୟ, ଅନେକ ବିଦ୍ୟାଳୟରେ ଏହି ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କ ଘୋର ଅଭାବ ରହିଛି। ଅନେକ ବିଦ୍ୟାଳୟରେ ଖେଳ ପଡ଼ିଆ, ଖେଳ ଶିକ୍ଷକ, ପାଠାଗାର, ପରୀକ୍ଷାଗାର ଆଦି ମୌଳିକ ଭିତ୍ତିଭୂମି ନାହିଁ। ଶିକ୍ଷା କେବଳ ପୁସ୍ତକ ଓ ପରୀକ୍ଷାରେ ସୀମିତ ହୋଇଯାଉଛି। ସାର୍ବଜନୀନ ବିକାଶ ପାଇଁ ଯେଉଁ ପରିବେଶ ଦରକାର, ତାହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉନାହିଁ। ନିଶ୍ଚୟ ଓଡ଼ିଶାରେ କେତେକ ପୁରାତନ ଓ ସୁପ୍ରତିଷ୍ଠିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଉଚ୍ଚମାନର ଶିକ୍ଷା ଦିଆଯାଉଛି। କିନ୍ତୁ ସେହି କିଛି ବିଦ୍ୟାଳୟକୁ ଆଧାର କରି ସମଗ୍ର ବ୍ୟବସ୍ଥାକୁ ବିଚାର କରିହେବ ନାହିଁ।

ଅଭିଭାବକମାନଙ୍କ ମନରେ ଆଉ ଏକ ଭୁଲ ଧାରଣା ଗଢ଼ିଉଠିଛି 'ଯେତେ ଅଧିକ ଫି, ସେତେ ଭଲ ଶିକ୍ଷା।' ପ୍ରକୃତରେ ଶିକ୍ଷାର ଗୁଣବତ୍ତା କେବେ ମଧ୍ୟ କେବଳ ଅର୍ଥ ଉପରେ ନିର୍ଭର କରେ ନାହିଁ। ଭଲ ଶିକ୍ଷା ନିର୍ଭର କରେ ଭଲ ଶିକ୍ଷକ, ସୁସ୍ଥ ଶିକ୍ଷା ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଓ ଛାତ୍ରର ଚିନ୍ତନଶକ୍ତିର ବିକାଶ ଉପରେ। ଏହାଠାରୁ ମଧ୍ୟ ବଡ଼ ଚିନ୍ତାର ବିଷୟ ହେଉଛି, ଶୁଦ୍ଧ ଇଂରାଜୀରେ କଥା କହିବା, ଲେଖିବା କିମ୍ବା ଚିନ୍ତା କରିବାର ଦକ୍ଷତା ଗଢ଼ିଉଠିବା ପରିବର୍ତ୍ତେ ଅନେକ ପିଲା ଇଂରାଜୀର କେତେକ ଅଶ୍ଳୀଳ ଶବ୍ଦ ଓ ଗାଳିକୁ ଦୈନନ୍ଦିନ କଥାବାର୍ତ୍ତାର ଅଂଶ କରିଦେଉଛନ୍ତି। ଘରେ, ବାହାରେ, ବନ୍ଧୁମାନଙ୍କ ମଧ୍ୟରେ ଏପରି ଶବ୍ଦ ବ୍ୟବହାର କରିବାକୁ ସେମାନେ ଆଧୁନିକତା ଓ ସ୍ମାର୍ଟନେସର ପ୍ରତୀକ ବୋଲି ଭାବୁଛନ୍ତି। ଏହାର ପରିଣାମ ଆହୁରି ଗମ୍ଭୀର। ଆହୁରି ମଧ୍ୟ ଯେଉଁ ପିଲାମାନେ ଦୁର୍ବଳ ଭିତ୍ତିଭୂମି ଓ ଅପ୍ରଶିକ୍ଷିତ ଶିକ୍ଷକ ଥିବା ବିଦ୍ୟାଳୟରେ ପଢ଼ୁଛନ୍ତି, ସେମାନେ ଓଡ଼ିଆ ଏକ ବିଷୟ ଭାବେ ପଢ଼ୁଥିଲେ ମଧ୍ୟ ଅନେକଙ୍କ ପାଇଁ ଶୁଦ୍ଧ ଓଡ଼ିଆ ପଢ଼ିବା କିମ୍ବା ଲେଖିବା କଷ୍ଟକର ହୋଇପଡ଼ୁଛି। ଏହି ପ୍ରବୃତ୍ତି କେବଳ ଶିକ୍ଷାର ସମସ୍ୟା ନୁହେଁ; ଏହା ଆମର ଭାଷାଗତ ଓ ସାଂସ୍କୃତିକ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ।

ଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ; ଏହା ମଣିଷର ଚରିତ୍ର ଓ ସଂସ୍କାରର ଦର୍ପଣ। ଆମର କଥାବାର୍ତ୍ତାରେ ଯେଉଁ ଶବ୍ଦର ବ୍ୟବହାର ହୁଏ, ତାହା ଆମର ଶିକ୍ଷା, ରୁଚି ଓ ମୂଲ୍ୟବୋଧର ପରିଚୟ ଦିଏ। ତେଣୁ ଅଭାଷାକୁ ସ୍ୱାଭାବିକ ବୋଲି ଗ୍ରହଣ କରିବା ନୁହେଁ, ବରଂ ତାହାକୁ ସାମାଜିକ ଭାବରେ ନିରୁତ୍ସାହିତ କରିବା ଆବଶ୍ୟକ। ଆଜି ଆମକୁ ନିଜକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ। ଆମେ ସତରେ ଆମ ପିଲାମାନଙ୍କୁ ଭାଷା ଶିଖାଉଛୁ, ନା କେବଳ ଭାଷାର ନାମରେ ଏକ ମୋହ ବିକ୍ରି କରୁଛୁ? ଆମେ ସେମାନଙ୍କୁ ପୁସ୍ତକ ସହ ଯୋଡ଼ୁଛୁ, ନା କେବଳ ପରୀକ୍ଷା ଓ ନମ୍ବରରେ ସୀମିତ କରିଦେଉଛୁ? ଆମେ ସେମାନଙ୍କୁ ନିଜ ମାତୃଭାଷାକୁ ଭଲ ପାଇବା ଶିଖାଉଛୁ, ନା ତା'କୁ ହୀନ ବୋଲି ଭାବିବାକୁ ବାଧ କରୁଛୁ? ଇଂରାଜୀ ଶିଖନ୍ତୁ, ହିନ୍ଦୀ ଶିଖନ୍ତୁ, ଦରକାର ପଡ଼ିଲେ ଆହୁରି ଅନେକ ଭାଷା ଶିଖନ୍ତୁ। ଯେତେ ଅଧିକ ଭାଷା ଜାଣିବେ, ସେତେ ଅଧିକ ଜ୍ଞାନର ଦ୍ୱାର ଖୋଲିବ। କିନ୍ତୁ ସେଥିପାଇଁ ନିଜ ମାତୃଭାଷାକୁ ଭୁଲିଯିବା, ତାହାକୁ ହୀନ ମନେ କରିବା କିମ୍ବା ତାହାର ବ୍ୟବହାରକୁ ଲଜ୍ଜାର ବିଷୟ ବୋଲି ଭାବିବା କେବେ ମଧ୍ୟ ଉଚିତ ନୁହେଁ। ବହୁଭାଷୀ ହେବା ଏକ ଶକ୍ତି, କିନ୍ତୁ ମାତୃଭାଷାବିମୁଖ ହେବା ଏକ ଦୁର୍ବଳତା।

ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ। ଘରେ ଓଡ଼ିଆ କହିବାକୁ ପଡ଼ିବ, ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ପଢ଼ିବାକୁ ଉତ୍ସାହିତ କରିବାକୁ ପଡ଼ିବ, ଓଡ଼ିଆ ସିନେମା, ନାଟକ ଓ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ବିଦ୍ୟାଳୟରେ ଭଲ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା କରିବାକୁ ପଡ଼ିବ। ସରକାର, ଶିକ୍ଷକ, ଅଭିଭାବକ, ସାହିତ୍ୟିକ, ଗଣମାଧ୍ୟମ ଓ ସମାଜ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି। ମନେ ରଖିବା ଦରକାର, ଭାଷାର ମୃତ୍ୟୁ ହଠାତ୍ ହୁଏ ନାହିଁ। ପ୍ରଥମେ ଲୋକମାନଙ୍କ ମନରୁ ଗର୍ବ ହଜିଯାଏ, ତା'ପରେ ବ୍ୟବହାର କମିଯାଏ, ତା'ପରେ ସାହିତ୍ୟ ଦୁର୍ବଳ ହୁଏ, ଆଉ ଶେଷରେ ଭାଷା କେବଳ ଇତିହାସର ପୃଷ୍ଠାରେ ରହିଯାଏ। ଓଡ଼ିଆ ଭାଷା ଆମର ଗର୍ବ, ଆମର ପରିଚୟ ଓ ଆମର ଉତ୍ତରାଧିକାର। ତାହାକୁ ବଞ୍ଚାଇ ରଖିବା କେବଳ ସରକାରର କାମ ନୁହେଁ; ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ। ଆମେ ଯଦି ନିଜ ଭାଷାକୁ ସମ୍ମାନ ଦେବା, ତେବେ ଭାଷା ଆମକୁ ପରିଚୟ ଦେବ। ଆଉ ଯଦି ଆମେ ତାହାକୁ ଅବହେଳା କରିବା, ଇତିହାସ ମଧ୍ୟ ଆମକୁ କ୍ଷମା କରିବ ନାହିଁ। ●

ଦାଣ୍ଡମୁକୁନ୍ଦପୁର, ମୋ: ୮୦୭୪୮ ୯୩୭୭୮

# ଉପାଧିର ହାଟ: ସମ୍ମାନର ଦୋକାନ, ବିବେକର ନିଲାମ

**ଶଙ୍ଖସିନ୍ଧୁ ପୁରୋହିତ**

ଏକଦା ଉପାଧି ଥିଲା ସମାଜର କୃତଜ୍ଞତାର ସ୍ୱାକ୍ଷର। ପୁରସ୍କାର ଥିଲା ଜୀବନର ଦୀର୍ଘ ସାଧନାର ନିରବ ସ୍ୱୀକୃତି। ସେତେବେଳେ ଲୋକେ ସମ୍ମାନ ପାଇବାକୁ ଦୌଡ଼ୁ ନ ଥିଲେ; ସମ୍ମାନ ନିଜେ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରରେ ପହଞ୍ଚୁଥିଲା। ଆଜି ଦୃଶ୍ୟଟି ଓଲଟିଯାଇଛି। ଉପାଧି ଦ୍ୱାର ଖୋଲି ବସିଛି, ଆଉ ଖରିଦଦାର ହାତରେ ଟଙ୍କା ଧରି ଧାଡ଼ିରେ ଠିଆ ହୋଇଛନ୍ତି।

ଆଜିକାଲି ସମ୍ମାନର ମଧ୍ୟ ବଜାର ଦର ଅଛି। 'ଅନ୍ତର୍ଜାତୀୟ ଗୌରବ', 'ଜାତୀୟ ରତ୍ନ', 'ବିଶ୍ୱ ପ୍ରତିଭା', 'ଗ୍ଲୋବାଲ ଆଇକନ', 'ଏକ୍ସିଲେନ୍ସ ଆୱାର୍ଡ', 'ଡକ୍ଟରେଟ୍ (ସମ୍ମାନସୂଚକ)' ଏମିତି ଶବ୍ଦଗୁଡ଼ିକ ଏବେ ସଫଳତାର ନୁହେଁ, ବିଜ୍ଞାପନର ଅଭିଧାନରେ ଅଧିକ ଦେଖାଯାଉଛି। ସାମାଜିକ ଗଣମାଧ୍ୟମ ଖୋଲିଲେ ଲାଗେ, ଦେଶରେ କାମ କରୁଥିବା ଲୋକ କମ୍, ପୁରସ୍କାର ପାଉଥିବା ଲୋକ ବେଶି। ରମ୍ୟ କଥା ହେଉଛି, ଏବେ ପୁରସ୍କାର ପାଇଁ ପରିଶ୍ରମଠାରୁ ପଞ୍ଜୀକରଣ ଶୁଳ୍କ ଅଧିକ ଜରୁରୀ। ଆୟୋଜକ କହନ୍ତି, 'ଆପଣ ମନୋନୀତ ହୋଇଛନ୍ତି।' ପ୍ରାର୍ଥୀ ଭାବବିହ୍ୱଳ। ପରେ ଏକ ଛୋଟ ଅନୁରୋଧ- 'କେବଳ ପାଞ୍ଚ ହଜାର ଟଙ୍କା ରେଜିଷ୍ଟ୍ରେସନ ଫି, ତିନି ହଜାର ଟଙ୍କା ସ୍ମାରକ ପୁସ୍ତକ, ଦୁଇ ହଜାର ଟଙ୍କା ମଞ୍ଚ ବ୍ୟବସ୍ଥା।' ସମ୍ମାନର ଓଜନ ଯେତେ ବଢ଼େ, ରସିଦର ଲମ୍ବ ମଧ୍ୟ ସେତେ ବଢ଼େ। ଏହି ବ୍ୟବସାୟର ଅର୍ଥନୀତି ବି ବଡ଼ ଚମତ୍କାର। ଯେଉଁ ସଂସ୍ଥାର କାର୍ଯ୍ୟାଳୟର ଠିକଣା ନାହିଁ, ସେମାନଙ୍କ ପାଖରେ 'ବିଶ୍ୱସ୍ତରୀୟ' ପୁରସ୍କାର ଅଛି। ଯେଉଁ ଆୟୋଜନରେ ଦର୍ଶକଠାରୁ ପୁରସ୍କୃତ ବ୍ୟକ୍ତି ଅଧିକ, ସେହି ଅନୁଷ୍ଠାନକୁ କୁହାଯାଉଛି 'ଇତିହାସ ସୃଷ୍ଟି'। ଫଟୋ ଉଠିବା ପରେ ସମ୍ମାନ ସରିଯାଏ; ଫେସବୁକ୍ ପୋଷ୍ଟ ଆରମ୍ଭ ହୋଇଯାଏ।




ଏକଦା ଲୋକେ ନାମ ପଛରେ 'ଏମ୍.ଏ.', 'ପିଏଚ୍.ଡି.' ଲେଖିବା ପୂର୍ବରୁ ବର୍ଷ ବର୍ଷ ଗବେଷଣା କରୁଥିଲେ। ଏବେ କେତେକ ସ୍ଥାନରେ ଟଙ୍କା ଦେଲେ 'ଡକ୍ଟର' ଉପାଧି ମିଳିଯାଉଛି। ଗବେଷଣା ପ୍ରବନ୍ଧ ନୁହେଁ, ବ୍ୟାଙ୍କ ଟ୍ରାଞ୍ଜାକ୍ସନ ହିଁ ଯୋଗ୍ୟତାର ପ୍ରମାଣ ହୋଇଯାଉଛି। ଜ୍ଞାନର ମୂଲ୍ୟ କମିଲେ, ଉପାଧିର ମୂଲ୍ୟ ବଢ଼ିବା ସ୍ୱାଭାବିକ।

ସାମାଜିକ ମନୋବିଜ୍ଞାନ କୁହେ ମଣିଷ ସ୍ୱୀକୃତି ଚାହେଁ। ସେହି ଆକାଂକ୍ଷା ସ୍ୱାଭାବିକ। କିନ୍ତୁ ଯେତେବେଳେ ସ୍ୱୀକୃତିର ଭୋକକୁ ବଜାର ଚିହ୍ନିଯାଏ, ସେତେବେଳେ ସମ୍ମାନ ମଧ୍ୟ ପଣ୍ୟ ହୋଇଯାଏ। ସମ୍ମାନ ବିକ୍ରି କରୁଥିବା ସଂସ୍ଥା ଜାଣେ ମଣିଷର ଅହଂକାର ହିଁ ସବୁଠାରୁ ଲାଭଜନକ ବ୍ୟବସାୟ।

ସମାଜବିଜ୍ଞାନୀମାନେ କହନ୍ତି, ଯେତେବେଳେ ପ୍ରତୀକର ମୂଲ୍ୟ ପରିଶ୍ରମର ମୂଲ୍ୟକୁ ଅତିକ୍ରମ କରେ, ସେତେବେଳେ ସମାଜରେ 'ପ୍ରତୀକାତ୍ମକ ଦୁର୍ନୀତି' ଆରମ୍ଭ ହୁଏ। ଆଜି ସେହି ଅବସ୍ଥା। ଲୋକେ କାମ କମ୍, ସାର୍ଟିଫିକେଟ୍ ଅଧିକ ସଂଗ୍ରହ କରୁଛନ୍ତି। ଜୀବନବୃତ୍ତାନ୍ତରେ ସମ୍ମାନର ସଂଖ୍ୟା ବଢ଼ୁଛି, କିନ୍ତୁ ସମାଜ ପାଇଁ ଅବଦାନର ପୃଷ୍ଠା ଖାଲି ରହୁଛି। ଏହାର ସବୁଠାରୁ ବଡ଼ କ୍ଷତି ହେଉଛି ପ୍ରକୃତ ପ୍ରତିଭାର ଅବମୂଲ୍ୟାୟନ। ଜଣେ ନିଷ୍ଠାବାନ ଶିକ୍ଷକ, ଜଣେ ସଚ୍ଚୋଟ ଚାଷୀ, ଜଣେ ନିରବ ବୈଜ୍ଞାନିକ କିମ୍ବା ଜଣେ ନିବେଦିତ ସମାଜସେବୀ ବର୍ଷ ବର୍ଷ ଧରି କାମ କରୁଥା'ନ୍ତି; କିନ୍ତୁ ସେମାନଙ୍କ ପାଖରେ ଫଟୋସୁଟ୍ ନାହିଁ, ପ୍ରଚାର ନାହିଁ। ଅନ୍ୟପଟେ ଜଣେ ବ୍ୟକ୍ତି ଦୁଇ ଦିନରେ ତିନୋଟି 'ଅନ୍ତର୍ଜାତୀୟ' ସମ୍ମାନ ନେଇ ସମାଜ ଆଗରେ 'ବିଶିଷ୍ଟ ବ୍ୟକ୍ତିତ୍ୱ' ହୋଇଯାଆନ୍ତି। ଏହା କେବଳ ଠକେଇ ନୁହେଁ; ସାମାଜିକ ବିଶ୍ୱାସର କ୍ଷୟ। ଯେତେବେଳେ ନକଲି ସମ୍ମାନ ଅସଲ ସମ୍ମାନର ସ୍ଥାନ ନେଉଛି, ସେତେବେଳେ ଯୁବପିଢ଼ି ଭୁଲ ସନ୍ଦେଶ ପାଉଛି - 'ସାଧନା କରନ୍ତୁ ନାହିଁ, ସାର୍ଟିଫିକେଟ୍ କିଣନ୍ତୁ।'

ଅବଶ୍ୟ ସବୁ ସମ୍ମାନକୁ ସନ୍ଦେହଚକ୍ଷୁରେ ଦେଖିବା ଠିକ୍ ନୁହେଁ। ଅନେକ ସଂସ୍ଥା ଅତ୍ୟନ୍ତ ସ୍ୱଚ୍ଛ, ନିରପେକ୍ଷ ଓ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ପୁରସ୍କାର ପ୍ରଦାନ କରନ୍ତି। ସେହି ସମ୍ମାନଗୁଡ଼ିକ ସମାଜର ପ୍ରେରଣା। ସମସ୍ୟା ସେଠାରେ, ଯେଉଁଠାରେ ସମ୍ମାନ ମେଧାର ସ୍ୱୀକୃତି ନୁହେଁ, ବରଂ ବ୍ୟବସାୟର ପଣ୍ୟ ହୋଇଯାଏ। ଶେଷରେ ଗୋଟିଏ ପ୍ରଶ୍ନ ରହିଯାଏ - ଯଦି ଉପାଧି କିଣିହେବ, ତେବେ ମର୍ଯ୍ୟାଦା କେଉଁଠି ମିଳିବ? ଯଦି ପୁରସ୍କାର ବିକ୍ରି ହେବ, ତେବେ ପ୍ରେରଣା କିଏ ଦେବ? ସମ୍ମାନର ପ୍ରକୃତ ଠିକଣା କୌଣସି ମଞ୍ଚ ନୁହେଁ, କୌଣସି ଫଳକ ନୁହେଁ, କୌଣସି ସୁନାର ପଦକ ନୁହେଁ। ତାହାର ଠିକଣା ହେଉଛି ଲୋକଙ୍କ ହୃଦୟ। ଟଙ୍କାରେ ଉପାଧି କିଣିହେବ, କିନ୍ତୁ ଇତିହାସରେ ସ୍ଥାନ କେବେ ନୁହେଁ। ଆଉ ଯେଉଁ ସମ୍ମାନର ମୂଲ୍ୟ ରସିଦରେ ଲେଖାଯାଏ, ସେହି ସମ୍ମାନର ମୂଲ୍ୟ ଇତିହାସରେ ଶୂନ୍ୟ ହୋଇଯାଏ। ●

କୋଟସମଲାଏ(ସୁବର୍ଣ୍ଣପୁର), ମୋ: ୭୯୭୮୨୩୮୬୦୬

# ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳା

**ଚନ୍ଦନ ସୁବୁଦ୍ଧି**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



(ପୂର୍ବପ୍ରକାଶିତ ଉତ୍ତାରୁ...)

**ନରସିଂହ ଦେବ:** ନରସିଂହ ଦେବଙ୍କ ଚତୁର୍ଥ ଅଙ୍କରେ (୧୬୨୨)ଅହମ୍ମଦ ବେଗ ବାଣପୁର ଆକ୍ରମଣ କଲା। ସମୟ ଅଭାବରୁ ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ନ ହେବାରୁ ଦଇତାମାନେ ବ୍ରହ୍ମଙ୍କୁ କାଢ଼ି ଏକ ବସ୍ତ୍ରରେ ଗୁଡ଼େଇ ଗଡ଼ମାଣତ୍ରୀ ନଅରରେ ଲୁଚେଇ ରଖିଲେ। ପରେ ମୋଗଲ ଗୋଳ କମିବାରୁ ଅଦିନରେ ନବକଳେବର କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନୀଳାଦ୍ରି ବିଜେ କରାଯାଇଥିଲା।

**ଦିବ୍ୟସିଂହ ଦେବ:** ଦିବ୍ୟସିଂହ ଦେବଙ୍କ ସପ୍ତମ ଅଙ୍କରେ ଔରଙ୍ଗଜେବର ଦୁଇ ସୁବେଦାର ଏକରମ ଖାଁ ଓ ଅବଦୁଲ ଖାଁ ମୋଗଲ ସେନା ଧରି ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ବାରମ୍ବାର ଆକ୍ରମଣ ଦ୍ୱାରା ପାଇକମାନଙ୍କ ମନୋବଳ ଭାଙ୍ଗି ଯାଇଥିଲା ଏବଂ ରାଜ୍ୟର ଆର୍ଥିକ ଦୁର୍ବଳତା ବଢ଼ିବାରେ ଲାଗିଲା। ତେଣୁ ଗଜପତି ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। କିନ୍ତୁ ଆକ୍ରମଣ ପୂର୍ବରୁ କିଛି ସେବକମାନଙ୍କ ଦ୍ୱାରା ବଡ଼ଠାକୁର, ଦେବୀ ସୁଭଦ୍ରା ଏବଂ ଦକ୍ଷିଣୀଘର ଠାକୁରଙ୍କୁ କୋକଳଗଡ଼କୁ ପଠାଇଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ବିମଳାଙ୍କ ପଛ ପାଖେ ଲୁଚାଇ ରଖିଥିଲେ। ଔରଙ୍ଗଜେବ ସହ ଚୁକ୍ତି ଅନୁସାରେ ଦିଅଁମାନଙ୍କୁ ତାଙ୍କୁ ସମର୍ପି ଦେବାକୁ ଦିବ୍ୟସିଂହ ଦେବ ରାଜି ହୋଇଯାଇଥିଲେ। କିନ୍ତୁ ପ୍ରକୃତରେ ଠାକୁରମାନଙ୍କୁ କୋକଳଗଡ଼ ପଠାଇ କାଠର ପ୍ରତିମା ଯେଉଁଥିରେ ହୀରା ଆଖି ଲାଗିଥିଲା, ତାକୁ ସିଂହାସନରେ ରଖିଥିଲେ। ଏକରମ ଖାଁ ସିଂହାସନ ଉପରକୁ ଉଠି ଉକ୍ତ ପ୍ରତିମାମାନଙ୍କୁ ବାନ୍ଧି ଔରଙ୍ଗଜେବ୍‌କୁ ଉପହାର ଦେଇଥିଲା(ଖୁରୁଧାଇତିହାସ: ଶ୍ରୀ କେଦାରନାଥ ମହାପାତ୍ର)। ଏହାପରେ ଗୋପନରେ ମହାପ୍ରଭୁଙ୍କୁ ମଧ୍ୟ କୋକଳଗଡ଼କୁ ପଠାଯାଇଥିଲା। ସେଠାରେ କିଛିମାସ ରହି ଠାକୁରମାନେ ଚନ୍ଦନ ଯାତ୍ରା ସେହିଠାରେ ବଢ଼ାଇଥିଲେ। କୋକଳଗଡ଼ରେ ଶ୍ରୀଜୀଉମାନଙ୍କୁ ସୁରକ୍ଷିତ ନ ମଣିବାରୁ ସାନ ବିଷ୍ଣୁ ପରିଛା ମହାପ୍ରଭୁମାନଙ୍କୁ ବାଣପୁରର ବଙ୍କାଡ଼କୁ ସ୍ଥାନାନ୍ତର କରିଥିଲେ। ନୀଳାଦ୍ରୀଶଙ୍କୁ ସାହାରା ଦେଇଥିବାରୁ ଏହି ସ୍ଥାନର ନାଁ ନୀଳାଦ୍ରିପ୍ରସାଦ ହୋଇଛି। ଦିବ୍ୟସିଂହ ଦେବଙ୍କ ଚତୁର୍ଦ୍ଦଶ ଅଙ୍କରେ ଠାକୁରମାନେ ପୁଣି ଥରେ ରତ୍ନସିଂହାସନକୁ ଫେରିଥିଲେ। ସାତ ବର୍ଷ ପରେ ମହାପ୍ରଭୁ ନୀଳାଦ୍ରି ବିଜେ କଲେ।

**ରାମଚନ୍ଦ୍ର ଦେବ:** ଗୋପୀନାଥ ଦେବଙ୍କ ପରେ ତାଙ୍କ ସାନ ଭାଇ କେଶବ ରାୟ ରାଜା ହେଲେ, ଯିଏ ପରବର୍ତ୍ତୀ ସମୟରେ ଗଜପତି ରାମଚନ୍ଦ୍ର ଦେବଙ୍କ ନାମରେ ପରିଚିତ ହେଲେ। ରାମଚନ୍ଦ୍ର ଦେବଙ୍କ ଅଷ୍ଟମ ଅଙ୍କରେ ମହମ୍ମଦ ତକି ଖାଁ ଖୋର୍ଦ୍ଧା ଆକ୍ରମଣ କଲା। ରାମଚନ୍ଦ୍ର ଦେବଙ୍କ କୂଟନୀତି ଓ ରଣନୀତି ଫଳରେ ସେ ଶ୍ରୀଜୀଉମାନଙ୍କ କିଛି କ୍ଷତି ନକରି ଫେରିଗଲା। ଗୃହ ଯୁଦ୍ଧ ଆଉ ପୁନଃ ଆକ୍ରମଣର ସୂଚନା ପାଇ ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କୁ ସୁରକ୍ଷିତ ରଖିବା ପାଇଁ ବାଣପୁର ନଈ ନିକଟ ହରିଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଲୁଚେଇ ରଖିଲେ। ପୁନଶ୍ଚ ରାମଚନ୍ଦ୍ର ଦେବଙ୍କ ଦଶମ ଅଙ୍କରେ ତକି ଖାଁ ବୋଲଗଡ଼ ପର୍ଯ୍ୟନ୍ତ ଆକ୍ରମଣ କଲା। ନଈକୁ ସୁରକ୍ଷିତ ନମଣି ରାମଚନ୍ଦ୍ର ଦେବ ଶ୍ରୀଜୀଉମାନଙ୍କୁ ଚଉଦୋଳରେ ଖଲିକୋଟ ସୀମାନ୍ତ ଟିକିରିକୁ ନେଇଯାଇଥିଲେ।

ଓଡ଼ିଶାର ସ୍ୱାଧୀନତା ପାଇଁ ଗଜପତିମାନେ ଯେମିତି ଯାଯାବରତ୍ୱ ସ୍ୱୀକାର କରିଥିଲେ ତତସମ ଓଡ଼ିଶାର ଏକଚ୍ଛାତ୍ରବାଦୀ ସମ୍ରାଟ ଜଗନ୍ନାଥ ମଧ୍ୟ ଯାଯାବରତ୍ୱକୁ ସ୍ୱୀକାର କରିଥିଲେ। ଜଗନ୍ନାଥ ଏ ଓଡ଼ିଆ ଜାତିର ଅମ୍ଳାନ ଜ୍ୟୋତି। ଆଉ ସେଇ ଜ୍ୟୋତିକୁ ନିଷ୍ପ୍ରଭ କରିବା ପାଇଁ କାଳେ କାଳେ ଯେପରି ଶ୍ରୀକ୍ଷେତ୍ର ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି, ଜଗନ୍ନାଥ ସେହିପରି କାଳେ କାଳେ ନୀଳଶୈଳର କୋଟି ଐଶ୍ୱର୍ଯ୍ୟକୁ ତୁଚ୍ଛ କରିଦେଇ ଅପରାଜେୟ ଓଡ଼ିଆର ଅଭିମାନ ରକ୍ଷା ପାଇଁ ବହୁ ଦୁର୍ଗମ ଗିରିକାନ୍ତରେ ଆତ୍ମରକ୍ଷା କରିଛନ୍ତି। କିନ୍ତୁ କେବେ ବି ସେ ଅମ୍ଳାନ ଜ୍ୟୋତି ମଳିନ ପଡ଼ି ନାହିଁ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୯୮୫୩୪୫୪୪୯୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆମେରିକାରେ ଅଚ୍ୟୁତ ସାମନ୍ତ ସମ୍ମାନିତ



ଭୁବନେଶ୍ୱର,୫।୭(ସମିସ):ଆମେରିକାନ ଆସୋସିଏସନ୍ ଅଫ୍ ଫିଜିସିଆନ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆପି) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ 'ଆପି ଆୱାର୍ଡ ଫର ଟ୍ରାନ୍ସଫରମେସନାଲ୍ ସୋସିଆଲ୍ ୱାର୍କ ଆଣ୍ଡ ଇଣ୍ଡୋ-ୟୁଏସ୍ ପାର୍ଟନରସିପ୍' ସମ୍ମାନ ପ୍ରଦାନ କରାଯାଇଛି। ଫ୍ଲୋରିଡାର ଟାମ୍ପାରେ ଜୁଲାଇ ୨ରୁ ୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ଆପିର ବାର୍ଷିକ ସମ୍ମିଳନୀ ଆପିକନ୍ ୨୦୨୬ ତଥା ଆପିର ୪୪ତମ କଂଗ୍ରେସ୍ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅସାଧାରଣ ଓ କ୍ରାନ୍ତିକାରୀ ସମାଜସେବା, ଦୂରଦୃଷ୍ଟିସଂପନ୍ନ ମାନବବାଦୀ ପ୍ରୟାସ ଏବଂ 'ଗ୍ଲୋବାଲ୍ ହେଲ୍‌ଥ ସମିଟ୍ ୨୦୨୬' ସମୟରେ ଆପିକୁ ସମର୍ଥନ, ବ୍ୟକ୍ତିଗତ ଭାବେ ଭାରତ-ଆମେରିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସମାଜ ପ୍ରତି ଅଚ୍ୟୁତ ସାମନ୍ତଙ୍କ ସମର୍ପିତ ଜୀବନ, ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରୟାସ ପାଇଁ ସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ଆପି ସଭାପତି ଡ. ଅମିତ ଚକ୍ରବର୍ତ୍ତୀ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆପି ହେଉଛି ୧ଲକ୍ଷ ୨୦ ହଜାର ପ୍ରବାସୀ ଭାରତୀୟ ଡାକ୍ତରଙ୍କୁ ନେଇ ଗଠିତ ଆମେରିକାର ବହୁ ପୁରାତନ ସଂଘ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନୁରୋଧକୁ ସମର୍ଥନ ଜଣାଇ ପ୍ରତିମାସ ୭ରୁ ୧୫ ଦିନ ପର୍ଯ୍ୟନ୍ତ ଭାରତରେ ସ୍ୱାସ୍ଥ୍ୟସେବା ପରାମର୍ଶ ଦେବାକୁ ଆପିର ସଦସ୍ୟମାନେ ସ୍ୱୀକୃତି ଦେଇଛନ୍ତି ।

# ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ସମର୍ପିତ ରାଷ୍ଟ୍ରନେତା: ମୁଖ୍ୟମନ୍ତ୍ରୀ

## ଡ. ମୁଖାର୍ଜୀଙ୍କ ବଳିଦାନ ଦେଶ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି

ଭୁବନେଶ୍ୱର,୫।୭(ସମିସ): ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ । ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ୍ ନ ଥିଲେ, ବରଂ ଜଣେ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁର ବିକାଶ ପାଇଁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସ୍ୱାଧୀନ ଭାରତର ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ହିନ୍ଦୁମାନଙ୍କ ସ୍ୱାର୍ଥରକ୍ଷା ପାଇଁ ହିନ୍ଦୁବହୁଳ ବଙ୍ଗପ୍ରଦେଶର ପଶ୍ଚିମଭାଗକୁ ଭାରତରେ ମିଶ୍ରଣ କରିବା ପାଇଁ ପ୍ରବଳ ଜନମତ ପ୍ରସ୍ତୁତ କରି ଏ ଦିଗରେ ସଫଳ ହୋଇଥିଲେ। ତାଙ୍କ ଗଠିତ ରାଜନୈତିକ ଦଳ ଭାରତୀୟ ଜନସଂଘ ଅନେକ ଉତ୍‌ଥାନ ପତନ ଦେଇ ପରବର୍ତ୍ତୀ ସମୟରେ 'ଭାରତୀୟ ଜନତା ପାର୍ଟି' ନାମରେ ଆଜି ଦେଶର ତଥା ବିଶ୍ୱର ୧ ନମ୍ବର ରାଜନୈତିକ ଦଳ ଭାବେ ଉଭା ହୋଇଛି । ଶ୍ୟାମାପ୍ରସାଦଙ୍କର ସେହି ଅଧୁରା ସ୍ୱପ୍ନକୁ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବିଧାନର ୩୭୦ ଧାରା ଓ ୩୫(କ) ଉଚ୍ଛେଦ କରି ପୂରଣ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । ନାରୀ ଶକ୍ତିର ଅଧିକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଛନ୍ତି । ମୋଦୀଜୀଙ୍କ ନେତୃତ୍ୱରେ ନାରୀ ଶକ୍ତିର ସମ୍ମାନ ଓ ଅଧିକାରକୁ ନିଶ୍ଚିତ ଭାବରେ ସୁରକ୍ଷିତ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।


**AFFIDAVIT**

By Virtue of an affidavit sworn before Executive Magistrate, Balasore, dtd-30/06/2026 by Affidavit Sl No: - 4903. I, Azharuddin Shaikh,Age 42yrs, S/o- Nasiruddin Shaikh, of Resident At-Pijuruddin lane, Po-Sunhat,Phandi Chhak,Goni Pada,Balubazar, P.S.- Town, Dist-Balasore , Odisha - 756002. Declared that. I have changed my name from Azharuddin Nasiruddin Shaikh to Azharuddin Shaikh. Henceforth, I shall be known as **Azharuddin Shaikh** for all future purposes.

**Azharuddin Shaikh**


ଲୋକାଲ୍ ସର୍କଲ୍‌ସ ରିପୋର୍ଟ

# ଇ-୨୦ ପେଟ୍ରୋଲରେ ୫୩% ଗାଡ଼ି ମାଲିକ ନାରାଜ

- ମାଇଲେଜ୍ କମିଛି, ବଢ଼ୁଛି ମରାମତି ଖର୍ଚ୍ଚ
- ସରକାରଙ୍କ ପରିଚାଳନାଗତ ବ୍ୟବସ୍ଥାରେ ଖୁସିନାହାଁନ୍ତି ଲୋକେ
- ଦେଶର ୩୧୬ ଜିଲାରେ ହୋଇଛି ସର୍ଭେ

ନୂଆଦିଲ୍ଲୀ,୫।୭(ଏଜେନ୍ସି): ପେଟ୍ରୋଲ (ଇ-୨୦ ଇନ୍ଧନ) ସହିତ ୨୦% ଇଥାନଲ୍ ମିଶ୍ରଣ ଅର୍ଥାତ୍ ଇ-୨୦ ପେଟ୍ରୋଲକୁ ନେଇ ଦେଶରେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ସରକାର ଯେତେ ସଫେଇ ଦେଲେ ବି ଲୋକେ ଏଥିରେ ଖୁସିନାହାନ୍ତି । ଇ-୨୦ ପେଟ୍ରୋଲ ବ୍ୟବହାର ଯୋଗୁ ଲୋକଙ୍କ ଗାଡ଼ି ଖରାପ ହେଉଥିବା ନିୟମିତ ଅଭିଯୋଗମାନ ଆସୁଛି। ବିଶେଷ କରି ସେହିମାନେ ଅଧିକ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଯେଉଁମାନଙ୍କ ପାଖରେ ପୁରୁଣା ପେଟ୍ରୋଲ ଚାଳିତ ଗାଡ଼ି ଅଛି। ସେମାନଙ୍କ ଗାଡ଼ି ଇଥାନଲରେ ଚାଲିବା ଭଳି ଡିଜାଇନ କରାଯାଇ ନ ଥିବାରୁ ସେମାନଙ୍କୁ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି । ତେଣୁ ସରକାରଙ୍କର ଇ-୨୦ ନୀତି ଉପରେ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସମ୍ପ୍ରତି କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଦେଶର ଅଧିକାଂଶ ଗାଡ଼ି ମାଲିକ ସରକାରଙ୍କ ଇ-୨୦ ପେଟ୍ରୋଲ କାର୍ଯ୍ୟକାରିତାକୁ ଅତ୍ୟନ୍ତ ଖରାପ ବୋଲି ବର୍ଣ୍ଣନା କରିଛନ୍ତି। ବିଶେଷକରି ଏହାକୁ ପ୍ରଭାବହୀନ ବୋଲି କହିଛନ୍ତି । ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜରେ ହ୍ରାସ ଏବଂ ଇଞ୍ଜିନ୍‌ରେ ତ୍ରୁଟିକୁ ନେଇ ଯାନବାହନ ମାଲିକ ଏବେ ହତାଶ। ତେବେ ସର୍ଭେ ଅନୁଯାୟୀ, ଇ-୨୦ ପେଟ୍ରୋଲକୁ ନେଇ ଦେଶର ୫୩% ଗାଡି ମାଲିକ ଅସନ୍ତୁଷ୍ଟ ।




ସରକାର ଆଣିଥିବା ଇ-୨୦ ପେଟ୍ରୋଲକୁ ନେଇ ଲୋକାଲ୍‌ସର୍କଲ୍ସ ନାମକ ଏକ ସଂସ୍ଥା ପକ୍ଷରୁ ଦେଶର ୩୧୬ ଜିଲାରେ ୨୨,୫୬୭ ପେଟ୍ରୋଲ ଗାଡ଼ି ମାଲିକଙ୍କୁ ନେଇ ଏକ ସର୍ଭେ କରାଯାଇଛି। ଏଥିରେ ୫୩% ଲୋକେ କେନ୍ଦ୍ର ସଡ଼କ ପରିବହନ ଏବଂ ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ଇ-୨୦ ପରିଚାଳନାକୁ ଏକଦମ ଖରାପ ଓ ପ୍ରଭାବହୀନ ବୋଲି କହିଛନ୍ତି । ଏମାନଙ୍କ ମଧ୍ୟରୁ ୪୨% ଲୋକ ବହୁତ ଖରାପ କହିଥିବା ବେଳେ କେବଳ ୧୩% ଲୋକ ଏହାକୁ ଭଲ ରେଟିଂ ଦେଇଛନ୍ତି। ସର୍ଭେରେ ଇନ୍ଧନ ଦକ୍ଷତା ଏବଂ ଯାନବାହାନର ରକ୍ଷଣାବେକ୍ଷଣ(ମେଣ୍ଟେନାନ୍ସ) ଉପରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଛି ।୨୦୨୩ ପୂର୍ବରୁ ନିର୍ମିତ ପେଟ୍ରୋଲ ଗାଡ଼ି ବ୍ୟବହାର କରୁଥିବା ମାଲିକମାନଙ୍କ ମଧ୍ୟରୁ ୬୬% କହିଛନ୍ତି ଯେ ଇ-୨୦ ପେଟ୍ରୋଲ ପ୍ରଚଳନ ପରେ ସେମାନଙ୍କ ଯାନଗୁଡ଼ିକ ଏବେ ୧୦% ରୁ ଅଧିକ କମ୍ ମାଇଲେଜ୍ ଦେଉଛି । ସର୍ଭେରେ ଉଠିଥିବା ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଦେଶରେ ଚାଲୁଥିବା ଲକ୍ଷ ଲକ୍ଷ ପୁରୁଣା ଗାଡ଼ି କମ୍ ଇଥାନଲ ମିଶ୍ରଣକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଥିଲା । ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ଅଧିକାଂଶ ପେଟ୍ରୋଲ ଗାଡ଼ି ଇ-୧୦ ପାଇଁ ଉପଯୁକ୍ତ ଥିଲା । ଅନ୍ୟପଟେ ଏପ୍ରିଲ ୨୦୨୫ ପରେ ନିର୍ମିତ ଗାଡ଼ିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଇ-୨୦ ସୁସଙ୍ଗତ ବୋଲି ଧରାଯାଉଛି । ଏହାର ପରିଣାମ ସ୍ୱରୂପ ଅନେକ ପୁରୁଣା ଗାଡ଼ି ମାଲିକ କମ୍ ମାଇଲେଜ୍ ଓ ଅଧିକ ରକ୍ଷଣାବେକ୍ଷଣ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି ।

ଅନ୍ୟପଟେ ସରକାର ଏ ସମସ୍ତ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଖୋଦ୍ ପେଟ୍ରୋଲିୟମ୍ ମନ୍ତ୍ରୀଏବଂ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ମୁଖ୍ୟ ସ୍ୱୀକାର କରୁଛନ୍ତି ଯେ, ଇ-୨୦ ପେଟ୍ରୋଲ ଯୋଗୁ ଗାଡ଼ିର ମାଇଲେଜ୍ କମୁଛି। ଭୁଟାନ୍ ମଧ୍ୟ ଭାରତଠାରୁ ଇ-୨୦ ପେଟ୍ରୋଲ ନେବାକୁ ମନା କରିଦେଇଛି। ହେଲେ ଭାରତଠାରୁ ଭୁଟାନ ଇ-୨୦ ପେଟ୍ରୋଲ ନେବାକୁ ମନା କରିବା ସମ୍ପର୍କିତ ଏହି ରିପୋର୍ଟକୁ ଆଜି କେନ୍ଦ୍ର ସରକାରଙ୍କ ଖଣ୍ଡନ କରିଛନ୍ତି । ଚଳିତମାସ ପହିଲାରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଇଥାନଲ ମିଶ୍ରଣର ଦୀର୍ଘମିଆଦି ପ୍ରଭାବ ୨୦୨୭ ସୁଦ୍ଧା ଅଧିକ ସ୍ପଷ୍ଟ ହେବ । ଇ-୨୦ କାର୍ଯ୍ୟକ୍ରମ ବିରୋଧରେ ଦାଖଲ ହୋଇଥିବା ଆଇନଗତ ଆହ୍ୱାନର ଜବାବ ଦେଇ ସରକାର ଏହି ମତ ରଖିଥିଲେ ।


**AFFIDAVIT**

By virtue of Affidavit No. 93, Dt.25.05.2026 sworn before the Executive Magistrate, Angul, I, Ipsita Agarwal, D/o- Pradeep Agarwal and Sanju Agarwal, Resident of At- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL", "AGARWALLA" in certain previous documents, including my earlier Passport. The surnames "AGRAWAL" , "AGARWALLA" and "AGARWAL" refer to one and the same person, namely myself. Henceforth, I shall be known as IPSITA AGARWAL for all purposes.

**AFFIDAVIT**

By virtue of an affidavit before the Executive Magistrate, Dhamnagar, I, Sri Dillip Kumar Malik, 41 years, S/o-Kanhu Malik, Vill/PO- Kothar, P.S.- Dhusuri, Dist- Bhadrak, Odisha, on behalf of my minor daughter Sibani Malik. In birth certificate, wrongly it has been mentioned as Shivan Malik in Aadhaar Card bearing No. 7217 4462 7832. Sibani Malik and Shivan Malik is one and same. This affidavit is for Aadhaar correction.

**AFFIDAVIT**

By virtue of Affidavit No. 95, Dt.27.05.2026 sworn before the Executive Magistrate, Angul, I, PRADEEP AGARWAL, S/o- Srinibas Agarwal, R/o- Union Bank Pakha, P.O./ P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "PRADEEP AGARWAL" for all purposes.

**AFFIDAVIT**

By virtue of Affidavit No. 94, Dt. 27.05.2026 sworn before the Executive Magistrate, Angul, I, SANJU AGARWAL, W/o- PRADEEP AGARWAL, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "SANJU AGARWAL" for all purposes.

**AFFIDAVIT**

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-03/07/2026, by Affidavit Sl No: - 2994. I, Paresh Mukhi C/o- Gopal Mukhi of permanent Resident Vill - Kamardiha, Po-Khunta, Ps-Rasgobindpur, Dist-Mayurbhanj , Odisha - 757016. Declared that. I have changed the name of my Minor Son from KATIA MUKHI to PAPU MUKHI. Henceforth, He shall be known as **PAPU MUKHI** for all future purposes.

**Paresh Mukhi**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ବାଦ୍...

ଦେଇଛନ୍ତି। ତେବେ ନିର୍ବାଚନ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଭୋଟରତାଲିକାରୁ ନାମ ବାଦକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକାରେ ନାମ ଥିବା ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଥିବା କହୁଥିବାବେଳେ ୮ ଲକ୍ଷରୁ ଊର୍ଦ୍ଧ୍ୱ କଥିତ ମୃତକ ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଅନୁପସ୍ଥିତ ବା ସ୍ଥାନାନ୍ତରିତଙ୍କୁ ପରିଗଣନା ଫର୍ମ କିପରି ବଣ୍ଟନ ହେଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁନଶ୍ଚ କେବଳ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ ପଡ଼ିଥିବା କୁହାଯାଉଥିବାବେଳେ ୭୫ରୁ ଊର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟିବାକୁ ନେଇ ବିରୋଧୀ ସନ୍ଦେହ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ; ଯଦି କେହି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ସେମାନେ ଆପତ୍ତି କରି ନିଜ ନାମ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ କରିପାରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ବାସସ୍ଥାନ ପରିବର୍ତ୍ତନ, ପ୍ରଚଳିତ ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଦୁଇଟି ଇପିଆଇସି ନମ୍ବର କିମ୍ବା ଦିବ୍ୟାଙ୍ଗ ଚିହ୍ନିତକରଣ ପାଇଁ ଭୋଟର ଫର୍ମ-୮ ରେ ଆବେଦନ କରିପାରିବେ। ସେହିପରି ନୂତନ ଭୋଟରଙ୍କ ପାଇଁ ଫର୍ମ-୬ରେ ଆବେଦନ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଫର୍ମ-୭ରେ ପ୍ରଚଳିତ ଭୋଟର ତାଲିକାରେ ନାମ ଯୋଗ କିମ୍ବା ନାମ ବାଦ୍ କରାଯାଇ ପାରିବ। ତେବେ ଚିଠା ଭୋଟର ତାଲିକାରେ ଗୋଟିଏ ଘର ନମ୍ବରରେ ଏକାଧିକ ଭୋଟରଙ୍କ ନାମ, ଭୋଟରଙ୍କ ନାମରେ ତ୍ରୁଟି ତଥା ଅନ୍ୟ ବିବରଣୀ ତ୍ରୁଟିକୁ ନେଇ ସାଧାରଣରେ ଆରମ୍ଭରୁ ଅସନ୍ତୋଷ ଦେଖାଦେଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗଣନାକାରୀଙ୍କ ତ୍ରୁଟି ପାଇଁ ସାଧାରଣ ଲୋକମାନେ କାହିଁକି ସମସ୍ୟାରେ ପଡ଼ିବେ ବୋଲି ପ୍ରଶ୍ନ କରିବା ସହ ପ୍ରତ୍ୟେକ ତ୍ରୁଟି ନିଜଆଡ୍ରୁ ନିର୍ବାଚନ ଅଧିକାରୀ ସଂଶୋଧନ କରିବା ଆବଶ୍ୟକ ବୋଲି ଲୋକମାନେ କହିଛନ୍ତି।

### ରାମ ମନ୍ଦିରରୁ ଲୁଟିନେଲେ...

ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ବିରୋଧୀ ଦଳ ଏବଂ ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆବିଜେଏ) ମଧ୍ୟ ମନ୍ଦିରରୁ ରୁପା ହେରଫେର ହୋଇଥିବା ପ୍ରସଙ୍ଗ ଉଠାଇଛି । ଏଥିମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଦ୍ୱାରା ପ୍ରଦତ୍ତ ୪ କିଲୋଗ୍ରାମର ରୁପା ଇଟା ମଧ୍ୟ ସାମିଲ ରହିଛି। ଏସଂପର୍କରେ ଟ୍ରଷ୍ଟର କୌଣସି କର୍ମକର୍ତ୍ତା ମୁହଁ ଖୋଲୁ ନାହାନ୍ତି । ସେମାନଙ୍କର ରହସ୍ୟମୟ ନିରବତା କୋଟି କୋଟି ଭକ୍ତଙ୍କୁ ମର୍ମାହତ କରିଛି ।

ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ଦଳ ବର୍ତ୍ତମାନ ଏହି ଦାନ ହେରଫେର ମାମଲାର ଯାଞ୍ଚ କରୁଛି। ଧରାପଡ଼ିଯିବା ଭୟରେ ଚୋରି ସୁନା ଓ ରୁପା ଅଳଙ୍କାରଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରିଛନ୍ତି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଦାନ ଗଣତି ପ୍ରକ୍ରିୟା ସହ ଜଡିତ ୮ ଜଣଙ୍କୁ ଗିରଫ କରାଯାଇ ସାରିଛି । ଇତିମଧ୍ୟରେ ରାମ ମନ୍ଦିର ଟ୍ରଷ୍ଟର ଆନ୍ତାକାଳି ବୈଠକ ବସିବ । ଏଥିରେ ଟ୍ରଷ୍ଟ ସଂପାଦକ ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କ ଇସ୍ତଫା ଉପରେ ନିଷ୍ପତ୍ତି ନିଆଯିବ ।

### ଦିନକୁ ଚୋରି ହେଉଥଲା...

ମହାକୁମ୍ଭ ସମୟରୁ ଦିନକୁ ୬ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିଲା । ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଅଭିନାଶ ଶୁକ୍ଳାଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି । ଅଭିଯୁକ୍ତମାନେ ମୋଜା ଓ ପକେଟରେ ଟଙ୍କା ଲୁଚାଇବା ସହ ସିସିଟିଭିକୁ ମଧ୍ୟ ଏଡ଼ାଉଥିବା ପ୍ରମାଣ ମିଳିଛି । ଅଭିନାଶ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଏବଂ ୧୨୦୦ ଡଲାର ଜବତ କରାଯାଇଛି ।

ଦାନ ଟଙ୍କା ଚୋରି ସଂପର୍କରେ ଟ୍ରଷ୍ଟ କର୍ମକର୍ତ୍ତା ଜାଣିଥିଲେ ମଧ୍ୟ ଚୁପ ରହିଥିଲେ । ସମାଜବାଦୀ ପାର୍ଟି ନେତା ଏବଂ କେତେକ ବ୍ୟାଙ୍କ କର୍ମଚାରୀ ଅଭିଯୋଗ କରିବା ପରେ ଏହି ମାମଲା ସାମନାକୁ ଆସିଥିଲା । ଅଭିଯୁକ୍ତମାନେ ଦାନ ଟଙ୍କା ଚୋରି କରୁଥିବାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ଅଛି ।

### ଅବପାତ ଝାଡ଼ଖଣ୍ଡମୁହାଁ..

ଅବପାତର ରୂପ ନେବା ସହିତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ଏହି ଅବପାତଟି ବାଲେଶ୍ୱର ନିକଟରୁ ଉତ୍ତର ଉପକୂଳ ଓଡିଶା ଦେଇ ଝାଡ଼ଖଣ୍ଡ ମୁହାଁ ହୋଇଛି। ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଏହାର ପ୍ରଭାବର ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ତେବେ ସୋମବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇବ।

ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି ଯେ ଅବପାତ ପ୍ରଭାବରେ ୯ ସ୍ଥାନରେ ଅତ୍ୟନ୍ତ ଭାରି ବର୍ଷା (୨୦ସେମି), ୪୬ ସ୍ଥାନରେ ଅତି ଭାରି ବର୍ଷା, (୧୨ରୁ ୨୦ ସେମି) ୫୭ ସ୍ଥାନରେ ଭାରି ବର୍ଷା (୭ ରୁ ୧୧ ସେମି) ରେକର୍ଡ ହୋଇଛି । କନ୍ଧମାଳ ଖଜୁରୀପଦାରେ ସର୍ବାଧିକ ୨୭୬ମିମି, ବଲାଙ୍ଗିର ତୁରେଇକେଲା ଠାରେ ୨୬୪ମିମି ବର୍ଷା ରେକର୍ଡ ହୋଇଛି । ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୧୧୯ ଓ କଟକରେ ୧୨୪ ମିମି ବର୍ଷା ରେକର୍ଡ ହୋଇଛି ।

ମୌସୁମୀ ଅତ୍ୟଧିକ ସକ୍ରିୟ ହେତୁ ଗତ ୨୪ଘଣ୍ଟାର ୬୨.୮ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୮.୪ମିମି ତୁଳନାରେ ୬୪୯ ପ୍ରତିଶତ ଅଧିକ ରହିଛି । ଜୁଲାଇ ମାସର ସ୍ୱାଭାବିକ ବର୍ଷା ୩୪୧.୪ ମିମି ହୋଇଥିବା ବେଳେ ରାଜ୍ୟରେ ପ୍ରଥମ ୫ ଦିନରେ ୧୫୫.୨ ମିମି ବର୍ଷା ରେକର୍ଡ ହୋଇସାରିଛି, ଯାହାକି ପୁରା ମାସର ସ୍ୱାଭାବିକ ବର୍ଷାର ୪୫ ପ୍ରତିଶତ ଭରଣା ହୋଇଛି । ଏପର୍ଯ୍ୟନ୍ତ ଜୁଲାଇରେ ପ୍ରଥମ ୫ ଦିନରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୩୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି । ରବିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ବରଗଡ଼, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ପାଣିପାଗ କେନ୍ଦ୍ର କହିଛି, ଜୁନ ୧ ରୁ ଏଯାବତ ୨୬୫.୫ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୨୫୫.୮ ତୁଳନାରେ ଏବେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି । ୧୧ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ସହ ୧୧ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଏବେ ବି ୬ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି । ୨ଟି ଜିଲ୍ଲା ବୌଦ୍ଧ ଓ କନ୍ଧମାଳରେ ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକା ବର୍ଷା ରେକର୍ଡ କରାଯାଇଛି ।

ଅନ୍ୟପଟେ ଅବପାତ ସ୍ଥଳଭାଗ ଅତିକ୍ରମ କରିବା ପରେ ଜୁଲାଇ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଓଡ଼ିଶାର ସମସ୍ତ ବନ୍ଦରରେ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ ଜାରି କରାଯାଇଛି ।

### ଫୁଲୁଛି ବୈତରଣୀ...

ନଦୀର ଉପର ମୁଣ୍ଡ ସ୍ୱାମପାଟଣାଠାରେ ସର୍ବାଧିକ ୬୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଆନନ୍ଦପୁରଠାରେ ୨୦.୪, ଚମ୍ପୁଆଠାରେ ୬୨.୮, ଭଦ୍ରକଠାରେ ୪୫.୮ ମିମି ବର୍ଷା ରେକର୍ଡ ହୋଇଛି। ନଦୀ ନିକଟସ୍ଥ ଭଣ୍ଡାରିପୋଖରୀଠାରେ ସର୍ବାଧିକ ୧୧୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଧାମନଗରଠାରେ ୪୬, ତିହିଡ଼ିଠାରେ ୪୫, ବାସୁଦେବପୁରଠାରେ ୨୪, ଚାନ୍ଦବାଲିଠାରେ ୭୬ ଓ ବନ୍ତଠାରେ ସର୍ବନିମ୍ନ ୧୩ ମିମି ବର୍ଷା ହୋଇଛି। ବୈତରଣୀ ଉପର ମୁଣ୍ଡ ଓ ତତ୍‌ସଂଲଗ୍ନ ସ୍ଥାନରେ ବର୍ଷା ଜାରି ରହିଥିବା କାରଣରୁ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।

### ଗୋ-ମାଫିଆଙ୍କୁ ସୂଚନା...

ସମ୍ପର୍କିତ ଗୁପ୍ତ ସୂଚନା ଲିକ୍ କରିଥିଲେ। ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାରେ ସମ୍ପୃକ୍ତ ଥିବା ଝାରପୋଖରିଆ ଥାନାର ଏଏସଆଇ ରଞ୍ଜିତ ନାୟକ ଓ କନଷ୍ଟେବଳ ଆଶିଷ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଏଥିସହିତ ଥାନାର କାର୍ଯ୍ୟକଳାପ ବାବଦରେ ଅବଗତ ଥିବା ହୋମଗାର୍ଡ ସୁବ୍ରତ ପାଢ଼ୀଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।

ଏହି ସୂଚନା ପ୍ରଦାନ କରି ଆଡିସନାଲ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ୍ କହିଛନ୍ତି, ଝାରପୋଖରିଆ ଆଇଆଇସି ଶ୍ରୀ ଆଚାର୍ଯ୍ୟ ଓ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆଗକୁ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଜାରି ରହିବ । ଅପରପକ୍ଷରେ ଫେରାର ଥିବା ଗୋ-ମାଫିଆଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ପ୍ରକାଶ ଥାଉକି, ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଶାସକ ବିଜେପି ଦଳର ନେତା ଓ ମନ୍ତ୍ରୀଙ୍କ ସହିତ ଉତ୍ତମ ସମ୍ପର୍କ ଥିବାରୁ ପୁଲିସ ଜାଣିଶୁଣି ତାଙ୍କୁ ଫେରାର ପାଇଁ ସୁଯୋଗ ଦେବା ଓ ଗିରଫ ନ କରିବା ନେଇ ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ଡା ଦେବାଶିଷ ମାରାଣ୍ଡି ଝାରପୋଖରିଆରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ବର୍ଷିଥିଲେ ।


25001/650/2627 E-Mail: eerw_gm1@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**

Government of Odisha e-Procurement Notice

Bid Identification No. Online Tender // 11 // SERWDG-I // 2026-27

Letter No.: 4099 /RWDG-I/BAM/ Date: 18.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 6.72 Lakhs to Rs. 8.40 Lakhs |
| 3 | Period of Completion | As per Annexure Column No. 06 |
| 4 | Date & Time of Availability of Bid Documents in the Portal | From 09.07.2026 at 11.00 AM to 22.07.2026 up to 6.00 PM |
| 5 | Last Date & Time for Receipt of Bids in the Portal | 22.07.2026 up to 6.00 PM |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in

Executive Engineer
R.W. Division-I, Ganjam, Berhampur

OIPR-25001/25085/1/26-27/0017



**OFFICE OF THE MUNICIPALITY : POLASARA**

At/Po/Ps: Polasara, Dist.-Ganjam, Odisha
E-mail: nacpolasara72@gmail.com, Phone No.: (06810) 291235
Letter No.: 2097, Date: 03.07.2026

13001/1075/2627

**QUOTATION CALL NOTICE**

Sealed quotation in prescribe form are invited from the intending reputed registered Company/Firm suppliers/Contractor having a adequate experience with valid GST Registration Certificate, PAN Card for "Supplying, fitting and installation of different odia and English letter box with logo, swacha sarvekhana logo, back drop items for Polasara Municipality, for the year 2026-27." as per the specification which will be received through Tender Box/Speed Post/Courier Post to the Executive Officer Municipality Polasara on or before 14.07.2026 up to 5.00 P.M and the same will be opened on 15.07.2026 at 11.30 AM in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of the Polasara Municipality during working hour from 06.07.2026 to 14.07.2026 up to 5.00 P.M on payment of non refundable cash of Rs. 4000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD of Rs 10000.00 (In shape of Bank Draft/BG/TDR /KVP/ NSC) in favour of Executive Officer Polasara Municipality with their bid, failing which their bid shall not be taken in to consideration.
The authority reserves the right to reject any or all the tenders without assigning any reason thereof.

Executive Officer
Municipality Polasara

OIPR-13001/13214/1/26-27/0003



25001/646/2627 E.Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**

**TENDER CALL NOTICE**

**BID IDENTIFICATION NO. ONLINE-EERKL-17 of 2026-27**

1. **Name of the Work** :- Road Works
2. **Total No. of Works** :- 02 (Two) Nos.
3. **Estimated Cost** :- Rs. 62.37 to 77.12 Lakhs
4. **Class of Contractor** :- "B" Class
5. **Period of Completion** :- 04 (Four) Months
6. **Type of Tender** :- Double Cover
7. **Other details**

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-17 of 2026-27 | 07.07.2026 from 11.00 AM | 14.07.2026 upto 05.00 PM | 13.07.2026 upto 5.00 PM | 15.07.2026 at 11.00 AM | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0032

# ରଥଯାତ୍ରା ପାଇଁ ବାଲେଶ୍ୱର ଦେଇ ଯିବ ୨ଟି ସ୍ପେଶାଲ ଟ୍ରେନ୍

ବାଲେଶ୍ୱର,୫।୭(ସମିସ): ଆସନ୍ତା ରଥଯାତ୍ରା ପାଇଁ ଯାତ୍ରୀଙ୍କ ସୁବିଧା ନିମନ୍ତେ ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ୨ଟି ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ। ଏହି ଦୁଇଟି ଟ୍ରେନ୍ ବାଲେଶ୍ୱର ଷ୍ଟେସନରେ ମଧ୍ୟ ଷ୍ଟପେଜ୍ ଦେବ। ୦୩୧୦୧/୦୩୧୦୨ କୋଲକାତା- ଖୋର୍ଦ୍ଧା ରୋଡ୍ - କୋଲକାତା ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚାଲିବ। ୦୩୧୦୧ କୋଲକାତା ରୁ ଖୋର୍ଦ୍ଧା ରୋଡ୍ ଆସନ୍ତା ୧୨, ୧୪, ୧୫, ୨୧, ୨୨ ଓ ୨୩ ତାରିଖ ରାତି ୧୧.୫୦ ରେ କୋଲକାତା ରୁ ଛାଡି ପର ଦିନ ସକାଳ ୯.୩୫ ମିନିଟ୍‌ରେ ଖୋର୍ଦ୍ଧା ରୋଡ୍ ପହଞ୍ଚିବ। ୦୩୧୦୨ ଖୋର୍ଦ୍ଧା ରୋଡ୍ ରୁ କୋଲକାତା ୧୪, ୧୭, ୧୮, ୨୨, ୨୫ ଓ ୨୬ ରେ ଅପରାହ୍ନ ୩.୪୦ ରେ ଖୋର୍ଦ୍ଧା ରୋଡ୍ ରୁ ଛାଡି ପର ଦିନ ରାତି ୨.୦୦ ରେ କୋଲକାତା ପହଞ୍ଚିବ। ସେହିପରି ୦୩୪୦୩/୦୩୪୦୪ ମାଲଦା ଟାଉନ୍ - ପୁରୀ - ମାଲଦା ଟାଉନ୍ ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚାଲିବ। ୦୩୪୦୩ ମାଲଦା ଟାଉନ୍ ରୁ ପୁରୀ ଆସନ୍ତା ୧୪ ଓ ୨୨ ତାରିଖ ଦିନ ୧.୧୦ ଘଟିକାରେ ମାଲଦା ରୁ ଛାଡି ପର ଦିନ ସକାଳ ୫.୩୦ ରେ ପୁରୀରେ ପହଞ୍ଚିବ। ୦୩୪୦୪ ପୁରୀ ରୁ ମାଲଦା ଟାଉନ୍ ଆସନ୍ତା ୧୭ ଓ ୨୫ ରେ ସନ୍ଧ୍ୟା ୬.୦୦ ରେ ପୁରୀରୁ ଛାଡି ପର ଦିନ ସକାଳ ୯.୨୦ ରେ ମାଲଦା ପହଞ୍ଚିବ। ଏସ୍ ଇ ଆର୍ ଅଧିକାର କ୍ଷେତ୍ରେ ଉପରୋକ୍ତ ଉଭୟ ଟ୍ରେନ୍ ଆଣ୍ଡୁଲ, ଖଡଗପୁର ଓ ବାଲେଶ୍ୱର ରେ ଷ୍ଟପେଜ୍ ଦେବ। ଫଳରେ ରଥଯାତ୍ରା ଦେଖିବାକୁ ଯିବାକୁ ଇଚ୍ଛୁକ ବାଲେଶ୍ୱର ତଥା ଆଖପାଖ ଅଞ୍ଚଳର ଯାତ୍ରୀମାନେ ଏହି ଟ୍ରେନ୍ ରେ ପୁରୀ ଯାତ୍ରା କରିପାରିବେ।

# ନିଖୋଜ ୪ ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

ଜଳେଶ୍ୱର/ଜଳେଶ୍ୱର ବ୍ଲକ୍,୫।୭(ସମିସ)



ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରୁ ୩ ଦିନ ଧରି ନିଖୋଜ ହୋଇଥିବା ୪ଜଣ ନାବାଳିକାଙ୍କୁ ଜଳେଶ୍ୱର ପୁଲିସ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ଗୋପୀବଲ୍ଲଭପୁର ଅଞ୍ଚଳରୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ନିଖୋଜ ନାବାଳିକା ମାନଙ୍କର ମାଆମାନେ ଜଳେଶ୍ୱର ଥାନାରେ ଦୁଇଟି ଅଭିଯୋଗ ଦେଇଥିଲେ। ଯାହାର ଆଧାରରେ ପୁଲିସ କିଛି ସୂଚନା ପାଇଁ ତଦନ୍ତ ଆରମ୍ଭ କରିଥିଲା। ତେବେ ଉଦ୍ଧାର ନାବାଳିକାମାନେ ପରିବାର ଲୋକଙ୍କ ତାଗିଦ ଯୋଗୁଁ ରାଗିଯାଇ ଘର ଛାଡ଼ି ଚାଲିଯାଇଥିବା କହିଛନ୍ତି ବୋଲି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜଳେଶ୍ୱର ଏସ୍‌ଡିପିଓ ସୁରେଶ ତ୍ରିପାଠୀ। ଉଦ୍ଧାର ହୋଇଥିବା ନାବାଳିକାଙ୍କ ମଧ୍ୟରୁ ୩ ଜଣଙ୍କ ଘର ଜଳେଶ୍ୱର ପୌରାଞ୍ଚଳ ମଧ୍ୟରେ ହୋଇଥିବା ବେଳେ ଜଣକ ଘର ରୁପ୍‌ସା ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି। ଉକ୍ତ ନାବାଳିକାଙ୍କୁ ପଶ୍ଚିମବଙ୍ଗ ରାଜ୍ୟ ଝାଡ଼ଗ୍ରାମ ଜିଲ୍ଲା ଗୋପୀବଲ୍ଲଭପୁର ଥାନା ଜାମବଣୀ ଅଞ୍ଚଳର ଜାନକୀ ନାମକ ମହିଳାଙ୍କ ଘରୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ମହିଳାଙ୍କ ସ୍ୱାମୀ ଜଣେ ସେନା କର୍ମଚାରୀ ଯାହାଙ୍କ ନାମ ସନିମ ବୋଲି ଜଣାଯାଇଛି। ତେବେ ବଙ୍ଗୀୟ ମହିଳା ଜାନକୀଙ୍କ ସହିତ ୪ମାସ ପୂର୍ବରୁ ଇନ୍‌ଷ୍ଟାଗ୍ରାମ ଜରିଆରେ ନାବାଳିକାଙ୍କର ବନ୍ଧୁତା ହୋଇଥିଲା ବୋଲି ନାବାଳିକାମାନେ କହିଛନ୍ତି। ଏହି ନାବାଳିକାଙ୍କୁ ଚାଲାଣ କରାଯାଉଥିଲା ନା ଅନ୍ୟ କାରଣ ରହିଛି ସେଥିନେଇ ପୁଲିସ ତଦନ୍ତ କରୁଥିବା ବେଳେ ଚାରିଜଣ ନାବାଳିକା ଗୋଟିଏ ସ୍ଥାନରୁ ଏବଂ ଜଣେ ମହିଳାଙ୍କ ଘରୁ ଉଦ୍ଧାର ହୋଇଥିବାରୁ ସେହି ପରିବାରର ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପୁଲିସ କହିଛି। ତେବେ ରୁପ୍‌ସା ଅଞ୍ଚଳର ଥିବା ନାବାଳିକାଙ୍କ ନାମରେ ପୂର୍ବରୁ କିଛି ଅଭିଯୋଗ ରହିଛି ବୋଲି ପୁଲିସ ସୂଚନା ପାଇଛନ୍ତି। ତେବେ ଜଳେଶ୍ୱର ଝିଅମାନଙ୍କୁ ରୁପ୍‌ସାର ଝିଅ ପଶ୍ଚିମବଙ୍ଗ ନେଇ ଯାଇଥିଲେ ବୋଲି ଜଣାପଡ଼ିଛି। ସେଥିପାଇଁ ନାବାଳିକାମାନେ ପ୍ରଥମେ ନୂଆଗାଁ ମୟୂରଭଞ୍ଜ ରୋଡ୍ ଷ୍ଟେସନ ଯାଇଥିଲେ। ସେଠାରୁ ବସ୍ ଯୋଗେ ରାସଗୋବିନ୍ଦପୁର ଓ ପରେ ବାରପଦା ହୋଇ ଝାଡଗ୍ରାମ ଅଞ୍ଚଳର ଗୋପୀବଲ୍ଲଭପୁର ଅଞ୍ଚଳକୁ ଯାଇଥିବା ଜଣାଯାଇଛି। ବର୍ତ୍ତମାନ ଉଦ୍ଧାର କରାଯାଇଥିବା ନାବାଳିକାମାନଙ୍କୁ ବାଲେଶ୍ୱର ନାରୀ ସଂଘରେ ରଖାଯାଇଛି। ପ୍ରଥମେ ତାଙ୍କର ମେଡିକାଲ ଚେକ୍‌ଅ୍ କରାଯିବ ତାପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇ ସିଡବ୍ଲ୍ୟୁସିଙ୍କ ସମ୍ମୁଖରେ ହଜର କରାଯିବ ତାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ଶ୍ରୀ ତ୍ରିପାଠୀଙ୍କ ସହିତ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ଉପସ୍ଥିତ ଥିଲେ।

# କ୍ରିୟାନୁଷ୍ଠାନ କମିଟିର ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୫।୭(ସମିସ): ଡାକ୍ତରମାନଙ୍କ ଧର୍ମଘଟ ଯୋଗୁଁ ବାଲେଶ୍ୱର ସମେତ ସମଗ୍ର ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାରେ ଏକ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା। ରାଜ୍ୟ ସରକାର ଡାକ୍ତରମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଡାକ୍ତରମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି। ଏନେଇ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟି ସାପ୍ତାହିକ ବୈଠକରେ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ସହ ଡାକ୍ତର ସଂ ସଂଘର ଦ୍ୱିପାକ୍ଷିକ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଥିବାରୁ ଉଭୟ ପକ୍ଷଙ୍କୁ ବୈଠକରେ ଧନ୍ୟବାଦ ଦିଆଯାଇଛି। ଡାକ୍ତରମାନଙ୍କ ନ୍ୟାୟୋଚିତ ଦାବିଗୁଡ଼ିକୁ ରାଜ୍ୟ ସରକାର ପୁନଶ୍ଚ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବାକୁ କ୍ରିୟାନୁଷ୍ଠାନ କମିଟି। ବୈଠକରେ ସରକାରଙ୍କ ଠାରେ ଦାବି କରାଯାଇଛି। ଗତ ମାସ ୨୮ ତାରିଖ ଦିନ କ୍ରିୟାନୁଷ୍ଠାନ କମିଟିର




ଜିଲ୍ଲାସ୍ତରୀୟ ବୈଠକରେ ବହୁ ବିଚାରବିମର୍ଶ ପରେ ବାଲେଶ୍ୱରରେ ସ୍ୱାସ୍ଥ୍ୟ ସେବାରେ ଥିବା ସମସ୍ୟା ଗୁଡ଼ିକୁ ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା। ଏଥିପାଇଁ ଚଳିତ ମାସ ଶେଷ ସପ୍ତାହରେ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣତାନ୍ତ୍ରିକ ପଦ୍ଧତିରେ ଦିନିକିଆ ଗଣଧାରଣା ଓ ଅଗଷ୍ଟ ପହିଲାଦିନ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମସ ସାଟେଲାଇଟ୍ ସେଣ୍ଟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପାଇଁ ବୈଠକରେ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସମସ୍ତ ବ୍ଲକ୍ ଓ ଶାଖା କମିଟିଗୁଡ଼ିକର ବୈଠକ ତୁରନ୍ତ ଆହ୍ୱାନ କରାଯାଇଛି। ଏହି ବୈଠକ ଗୁଡ଼ିକରେ ଜିଲ୍ଲା କମିଟିର କର୍ମକର୍ତ୍ତାମାନେ ଯୋଗଦେବାକୁ ତାଲିକା ପ୍ରସ୍ତୁତ ହୋଇଛି। ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧ ସାଧାରଣ ସଂପାଦକ ପ୍ରଦୀପ ଦାସ ଗତ ବୈଠକର ନିଷ୍ପତ୍ତି ଗୁଡ଼ିକ ଉପସ୍ଥାପନ କରି ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ସୀତାରାମ ପ୍ରଧାନ, ସରସ୍ୱତୀ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ, ଶଚୀନ୍ଦ୍ର ଦାସ, ଶଶାଙ୍କ ଦତ୍ତ, ଡା. ତାରାକାନ୍ତ ନନ୍ଦ, ଶ୍ୟାମସୁନ୍ଦର ଜେନା, ବିଜନ ଦେ, ଶତ୍ରୁଘ୍ନ ମଲ୍ଲିକ, ଅରୁଣ ଜେନା, ଯତୀନ୍ ପାତ୍ର, ନିରଞ୍ଜନ ପୋଥାଳ, ପୁରୁଷୋତ୍ତମ ଜେନା, ଗୋପିକିଶନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ହିସାବ ଆଗତ କରିଥିଲେ। ଶେଷରେ ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ।

# ଶାନ୍ତିଲତାଙ୍କୁ ସହାୟତାର ହାତ ବଢ଼ାଇଲା ବାରିକ ଭାଇ ସେବା ସଙ୍ଘ

ବାଲେଶ୍ୱର,୫।୭(ସମିସ): 'ମାନବ ସେବା ହିଁ ମାଧବ ସେବା'। ଏହାକୁ ପ୍ରମାଣିତ କରିଛନ୍ତି ବାଲେଶ୍ୱର ସୁଏଲପୁରସ୍ଥିତ ବାରିକ ଭାଇ ସେବା ସଂଘର କର୍ମକର୍ତ୍ତାମାନେ। ସେମାନେ କେବଳ ଯେ ନିଜ ବୃତ୍ତିରେ ସୀମିତ ହୋଇ ରହିଛନ୍ତି ତାହା ନୁହେଁ, ସମାଜସେବା କ୍ଷେତ୍ରରେ ନିଜକୁ କିଞ୍ଚିତ ରୂପେ ସାମିଲ କରିବା ସହ ଅନ୍ୟର ଦୁଃଖକୁ ଲାଘବକରି ଆତ୍ମସନ୍ତୋଷ ଲାଭ କରୁଛି ସଂଗଠନ। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନରୁ ଗର୍ଭାଶୟ ଜନିତ ସମସ୍ୟାରେ ପୀଡ଼ିତ ରହି ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବାଲେଶ୍ୱର କ୍ଷୀରକୋଣା ଅଞ୍ଚଳର ଶାନ୍ତିଲତା ବେଜଙ୍କୁ ଚିକତ୍ସାରେ ସହାୟ ହୋଇଛି ବାରିକ ଭାଇ ସେବା ସଂଘ।



ତାଙ୍କୁ ନଗଦ ଅର୍ଥରାଶି ୪ ହଜାର ଟଙ୍କା, ଫଳ, ବିସ୍କୁଟ, ହର୍ଲିକ୍ସ ଆଦି ସଂଘ ପକ୍ଷରୁ ପ୍ରଦାନ କରାଯାଇଛି। ସଂଘର ସଭାପତି ରମାକାନ୍ତ ବେଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ ବାରିକ, କୋଷାଧ୍ୟକ୍ଷ ଯୋଗେଶ୍ୱର ବାରିକ, ଉପଦେଷ୍ଟା କାଶୀନାଥ ବାରିକଙ୍କ ସମେତ ସଦସ୍ୟ ଶ୍ରୀଧର ବାରିକ, ମନୋରଞ୍ଜନ ବାରିକ, ରଞ୍ଜନ ବାରିକ, ସଞ୍ଜୟ କୁମାର ବାରିକ, ବଳରାମ ବାରିକ, ଜୟନ୍ତ ବାରିକ, ଶଙ୍କର ମାନ୍ନା, ମହେଶ୍ୱର ବେଜ, ଖଗେଶ୍ୱର ବାରିକ, ବୁଲୁ ବାରିକ, ମନୋଜ ବାରିକ, ରଞ୍ଜିତା ବେଜ, ଶୁଭଶ୍ରୀ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବାଲେଶ୍ୱରରେ ଲଗାଣ ବର୍ଷା | ୨୪ ଘଣ୍ଟାରେ ୪୨.୬ ମିମି ରେକର୍ଡ

ବାଲେଶ୍ୱର,୫।୭(ସମିସ): ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବାରୁ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହୋଇଛି। ଏଥିସହିତ ବାଲେଶ୍ୱର ସହରରେ ମଧ୍ୟ ଆଜି ଦିନ ତମାମ ବର୍ଷା ଲାଗିରହିଛି। ତୁହାକୁ ତୁହା ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ୮.୩୦ ସୁଦ୍ଧା ବାଲେଶ୍ୱରେ ୪୨.୬ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ଜିଲ୍ଲାରେ ତାତି ମଧ୍ୟ ହ୍ରାସ ପାଇଛି। ଆଜି ସର୍ବାଧିକ ତାପମାତ୍ରା ୩୦.୬ଓ ସେଲସିୟସ୍ ରହିଥିବା ବେଳେ ଏହା ସ୍ୱାଭାବିକ ଠାରୁ ୨.୧ଓ କମ୍। ସେହିପରି ସର୍ବନିମ୍ନ ତାପମାତ୍ରା ୨୫.୬ଓ ସେଲସିୟସ୍ ରହିଛି। ସକାଳ ୮.୩୦ ସୁଦ୍ଧା ବାୟୁରେ ଆର୍ଦ୍ରତାର ପରିମାଣ ୯୪ଧ ରହିଥିଲା। ଆଞ୍ଚଳିକ ପାଣିପାଗ କେନ୍ଦ୍ର



ପୂର୍ବାନୁମାନ କରିଛି ଯେ, ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ବାଲେଶ୍ୱର ସମେତ ଉତ୍ତର ଓଡିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଜାରି ରହିବ। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ଲଗାଣବର୍ଷା ଯୋଗୁଁ ନିମ୍ନଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିପାରେ। ତେଣୁ ସାଧାରଣ ଜନତାଙ୍କୁ ସତର୍କ ରହିବା ସହ ଅତ୍ୟାବଶ୍ୟକ କାମ ବିନା ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଚାଷୀମାନଙ୍କୁ ମଧ୍ୟ ପନିପରିବା ଓ ଧାନ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବାକୁ କୁହାଯାଇଛି।

# ବସ୍ତା ନିର୍ବାଚନମଣ୍ଡଳୀର ଏସ୍‌ଆଇଆର୍ ଡ୍ରାଫ୍ଟ ତାଲିକା ପ୍ରକାଶ

କାଳିପଦା,୫।୭(ସମିସ): ବାଲେଶ୍ୱର ଜିଲ୍ଲା ୩୭ ନମ୍ବର ବିଧାନସଭା ନିର୍ବାଚନ ମଣ୍ଡଳୀ ବସ୍ତାର ସଘନ ପୁନଃ ସଂଶୋଧନ (ଏସ୍‌ଆଇ ଆର) ଡ୍ରାଫ୍ଟ ତାଲିକା ବାଲିଆପାଳ ବ୍ଲକ ପକ୍ଷରୁ ରବିବାର ପ୍ରକାଶ କରାଯାଇଛି। ଏହି ଅବସରରେ ବାଲିଆପାଳ ବ୍ଲକର ବୁଥ ନଂ ୨୧୨ ଚୌଧୁରୀକୁଦ ପ୍ରାଇମେରୀ ସ୍କୁଲକୁ ୩୭ ନମ୍ବର ବସ୍ତା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ



ବିଥିକା ସ୍ୱାଇଁ, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ, ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ଅତିରିକ୍ତ ତହସିଲଦାର ସତ୍ୟବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ମୁଦୁଲି, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ପ୍ରମୁଖ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ଲୋକଙ୍କ ସଚେତନତା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ପରିଦର୍ଶନରେ ଯାଇଥିବା ଅଧିକାରୀ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏସ ଆଇ ଆର ଡ୍ରାଫ୍ଟ ତାଲିକାରେ ପ୍ରକାଶ ପାଇଥିବା ପଞ୍ଜିକରଣ ତଥ୍ୟରେ ଭୁଲ ଥିଲେ ଏହା ଆଜି ଠାରୁ ଏକମାସ ଅର୍ଥାତ ଅଗଷ୍ଟ ୪ତାରିଖ ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରି ପାରିବେ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଏଲଓ ସୁପର ଭାଇଜର ଅଶୋକ କୁମାର ଗିରିଙ୍କ ସହିତ ୨୧୨ ନମ୍ବର୍ ବୁଥ୍‌ର ବିଏଲଓ ଏବଂ ଏସ ଆଇ ଆର କାର୍ଯ୍ୟରେ ଲାଗିଥିବା ଅନ୍ୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ବର୍ଷାରେ ଛତା ବଣ୍ଟନ

ବାଲେଶ୍ୱର,୫।୭(ସମିସ): ବର୍ଷାରେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଛତା ବଣ୍ଟନ କରାଯାଇଛି। ରବିବାର ଦ୍ୱିପ୍ରହରରେ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଦୁଇ କୁନି ପୁଅ ଲିପୁନ, ଜିତୁନଙ୍କ ସହାୟତାରେ ୪୦ ଜଣ ନିରାଶ୍ରୟଙ୍କୁ ଛତା ବଣ୍ଟନ କରାଯାଇଥିଲା। ଷ୍ଟେସନ ବଜାର କାଳୀ ମନ୍ଦିର ନିକଟରେ ଥିବା ଦୋକାନୀ ପବିତ୍ର ଦେବନାଥ ଛତା ଗୁଡ଼ିକ ଦାନ କରିଥିବା ବେଳେ ପ୍ରତିଦିନ ଭଳି ସଂଗଠନ ପକ୍ଷରୁ ମଧ୍ୟାହ୍ନ ଭୋଜନ ପ୍ରଦାନ ହୋଇଥିଲା।

# ବାଲେଶ୍ୱର ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶିତ

ବାଲେଶ୍ୱର,୫।୭(ସମିସ): ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅନୁଯାୟୀ ଆଜି ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏହି ଚିଠା ଭୋଟର ତାଲିକା ଉନ୍ମୋଚିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲ୍ଲାର ସମସ୍ତ ପ୍ରମୁଖ ଓ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ସଭାପତି, ସମ୍ପାଦକ ଏବଂ ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଭୋଟର ତାଲିକାର କପି ସମସ୍ତ ରାଜନୈତିକ ଦଳର ସଭାପତି ଓ ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା। ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଚିଠା ଭୋଟର ତାଲିକାରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଛି। ବିଗତ ଦିନରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଘରକୁ ଘର ବୁଲି କରାଯାଇଥିବା ସର୍ଭେ ଆଧାରରେ ନୂତନ ଭୋଟରଙ୍କ ନାମ ସାମିଲ ଏବଂ ମୃତ ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦିଆଯାଇ ଏହି ଚିଠା ତାଲିକା ପ୍ରସ୍ତୁତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ, ଆଜିଠାରୁ ଏହି ଚିଠା ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ। ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ଏହି ତାଲିକାରେ ସ୍ଥାନ ପାଇନାହିଁ କିମ୍ବା କାହାର ନାମ, ବୟସ, ଠିକଣା ବା ଫଟୋରେ କିଛି ତ୍ରୁଟି ରହିଛି, ତେବେ ସେମାନେ ସଂଶୋଧନ ପାଇଁ ଆବେଦନ କରିପାରିବେ। ଆଗାମୀ ଏକ ମାସ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଡେପୁଟି କଲେକ୍ଟର, ନିର୍ବାଚନ ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ



ବାଲେଶ୍ୱର,୫।୭(ସମିସ) : ସହରର ଆତିଥ୍ୟ ସଭାଗୃହରେ ଜିଲ୍ଲା ପତଞ୍ଜଳି ଯୋଗ ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରୀ କରୁଣାକର ଶିଅଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଭାରତ ସ୍ୱାଭିମାନ ଟ୍ରଷ୍ଟର ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀ ଯୋଗଦେଇ ଯୋଗର ଉପକାରିତା ଉପରେ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କମରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଦସ୍ୟା ସାଧନା ଦାସ, ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ, ମହିଳା ପତଞ୍ଜଳି ଯୋଗ ସମିତି ଜିଲ୍ଲା ପ୍ରଭାରୀ ଯଶମତି ଶିଅଳ, ଜିଲ୍ଲା କିଷାନ ପ୍ରଭାରୀ ଅକ୍ଷୟ କୁମାର ସାହୁ, ସୋସିଆଲ ମିଡିଆ ପ୍ରଭାରୀ ଗୋପ ଗୋବିନ୍ଦ ମଲ୍ଲିକ ଓ ମିଡିଆ ପ୍ରଭାରୀ ଯାମିନିକାନ୍ତ ପାତ୍ରପ୍ରମୁଖ ଯୋଗଦେଇ ଯୋଗ ସମ୍ବନ୍ଧିୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନୋଜ କୁମାର ଦେ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଗୋସେବା ସମିତିର ପ୍ରଶିକ୍ଷଣବର୍ଗ

ଖଇରା,୫।୭(ସମିସ): ଓଡ଼ିଶା ଗୋସେବା ସମିତି ପକ୍ଷରୁ ପ୍ରଶିକ୍ଷଣ ବର୍ଗ ଶନିବାର ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ପତିରାଜପୁର ମିଳନ ପଡ଼ିଆସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱହିନ୍ଦୁ ପରିଷଦର ଖଇରା ପ୍ରଖଣ୍ଡ ସଭାପତି ବାସୁଦେବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୁଳମଣି ଯୋଗଦାନ କରି ଗୋମାତାର ମହିମା, ଜୈବ କୃଷି, ଗୋ ଆଧାରିତ ଔଷଧ, ରାସାୟନିକ ସାର ପ୍ରତ୍ୟାହାର କରିବା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ଶିବପ୍ରସାଦ ବଳ, ବିଶ୍ୱନାଥ ସେଣ୍ଠ, ପ୍ରଭାତ ଦାସ, ଭଗବାନ ଜେନା, ବଜରଙ୍ଗ



ପୁରୀ ବାଲିଘାଇ ହରିହରାନନ୍ଦ ଗୁରୁକୁଳ କ୍ରିୟାଯୋଗ ଆଶ୍ରମର ସନ୍ଥ କୃଷ୍ଣାନନ୍ଦ, ନିର୍ମଳାନନ୍ଦ, ସତସ୍ୱରୂପାନନ୍ଦ ତଥା ଡଃ ଦଳ ସଂଯୋଜକ ବାପି ନାୟକ, ଦମୟନ୍ତୀ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କ ସମେତ ୫୦ ଶିବିରାର୍ଥ ଯୋଗଦାନ କରିଥିଲେ।

# ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ କରିବେ ସୀତାପୁର ଗ୍ରାମବାସୀ

ଖଇରା,୫।୭(ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ କୁରୁଡ଼ା ପଞ୍ଚାୟତ ଅଧୀନ ସୀତାପୁର ଗାଁର ୩୦ ପରିବାର ପାଇଁ ଦୁଃଖ ବଢ଼ିଯାଇଛି। ଗ୍ରାମକୁ ଥିବା ରାସ୍ତାର ଅବସ୍ଥାରେ କିଛି ପରବର୍ତ୍ତନ ହେଉନି। ପାଣି କାଦୁଅରେ ଭର୍ତ୍ତି ଏହି ୧.୫କିମି ରାସ୍ତାରେ ଗାଡ଼ି ତ ଦୂର କଥା, ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ଦୀପତଳ ଅନ୍ଧାର ଭଳି ଜୀବନ ଅତିବାହିତ କରୁଥିବା ଏହି ପରିବାର ପାଇଁ ଯାତାୟାତ ଉପଯୋଗୀ ରାସ୍ତାଟିଏ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଭାସ୍କର ଚନ୍ଦ୍ର ଜେନା, ପ୍ରଭାକର ଜେନା, ରତ୍ନାକର ଜେନା, ଭାସ୍କର ଗିରି, ଯଶୋଦା ପ୍ରଧାନ, ବାସନ୍ତୀ ଜେନା, ସୁଶାନ୍ତ ଜେନା, ସରୋଜ ଜେନା, ରାଜେଶ ଗିରି ଓ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଦାବି କରିଛନ୍ତି।

ଦୀର୍ଘଦିନଧରି ୨ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଭାଗ୍ୟକୁ ଆଦରି କଚ୍ଚା ରାସ୍ତାରେ ଯିବା ଆସିବା କରୁଛନ୍ତି। କଂଗ୍ରେସ ଶାସନ ସମୟରୁ ଗ୍ରାମବାସୀ ବିଭିନ୍ନ ସମୟରେ ରହୁଥିବା ନେତୃବୃନ୍ଦଙ୍କୁ ଭଲ ରାସ୍ତା ଖଣ୍ଡିଏ ପାଇଁ ଗୁହାରି କରି ଆସୁଛନ୍ତି। ହେଲେ ନିର୍ବାଚନ ପୂର୍ବରୁ ବଡ଼ବଡ଼ ପ୍ରତିଶ୍ରୁତି ଦେଇ ଭୋଟ ହାସଲ କରିବା ପରେ ରାସ୍ତା କଥା ଭୁଲିଯାଉଛନ୍ତି। କଂଗ୍ରେସ ପରେ ବିଜେଡି ଶାସନ ପରେ ଏବେ



ବିଜେପିର ୨ବର୍ଷ ଅତିକ୍ରମ କରିସାରିଥିବା ବେଳେ ରାସ୍ତାର ନାଁଗନ୍ଧ ଧରୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷା ପରେ ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇ ଯାଉଥିବାରୁ ଗାଁଲୋକେ ନିଜର ସାଇକଲ ଓ ବାଇକ୍‌କୁ ମୁଖ୍ୟରାସ୍ତା ସଂଲଗ୍ନ ଘରେ ରଖି ଘରକୁ ଚାଲି ଚାଲି ଯିବାକୁ ବାଧ୍ୟ ହୋଇଥାନ୍ତି। ଯଦି ବର୍ତ୍ତମାନ ମରାମତି ସହ ଚଳିତ ଆର୍ଥିକ ବର୍ଷରେ ରାସ୍ତାପ୍ରତି ଦୃଷ୍ଟି ଦିଆନଯାଏ ତେବେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବକ

ଲଙ୍ଗଳେଶ୍ୱର,୫।୬(ସମିସ): ଅସ୍ତି ଗ୍ରାମପଞ୍ଚାୟତ ବଡ଼ାପାଳ ଗାଁର ଯୁବନେତା ରୂପକ କୁମାର ପାତ୍ର ତାଙ୍କ ଜନ୍ମଦିନ ଅବସରରେ କେକ୍ ନ କାଟି ଇଡ୍‌କୋ ହସ୍ପିଟାଲରେ ୨୦୦ ଲୋକଙ୍କୁ ରନ୍ଧା ଖାଦ୍ୟ ଓ ଡଗରାସ୍ଥିତ



ମଦର ଟେରେସା ଅନ୍ଧ ମୂକ ବଧିର ବିଦ୍ୟାଳୟରେ ମଧ୍ୟ ସମସ୍ତ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ କରି ଜନ୍ମଦିନ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ସୁଶାନ୍ତ ବେହେରା, ବିନୋଦ ବିହାରୀ ପଣ୍ଡା, ମାନସ ଜେନା, ନିଗମ କୃଷ୍ଣ ଜେନା ଯୋଗଦେଇଥିଲେ। ଏଥିପାଇଁ ତାଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଭଞ୍ଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା

ଶୁଳିଆପଦା, ୫।୭ (ସମିସ): ଶିମିଳିପାଳର ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟ ନେଇ ଲୋକଙ୍କ ମଧ୍ୟରେ ସଚେତନତା ଆଣିବା ସହିତ ସରକାରଙ୍କୁ ଅବଗତ କରାଇବା ନିମନ୍ତେ 'ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ଚଳିତ ଗତ ମାସ ୧୭ରୁ



ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଭଞ୍ଜସେନା ପକ୍ଷରୁ ମଶାଲ ରାଲି ଆୟୋଜନ ଚାଲିଥିବାବେଳେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ସଂଗଠନ ପକ୍ଷରୁ ଶୁଳିଆପଦା ବ୍ଲକରେ ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା କଣ୍ଟିସାହି ପଞ୍ଚାୟତ ଛକରୁ ବାହାରି ମୁଖ୍ୟ ବଜାର ରାସ୍ତା ଅତିକ୍ରମ କରି ବ୍ଲକ ସମ୍ମୁଖରେ ସମାପ୍ତ ହୋଇଥିଲା। ବ୍ଲକ ସଭାପତି ପ୍ରଦୀପ ତୁଙ୍ଗଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭଞ୍ଜସେନାର ଜିଲ୍ଲା ଅଧ୍ୟକ୍ଷ ସଞ୍ଜୀବ ରାଉତ, ଜିଲ୍ଲା ଆବାହକ ରାକେଶ ବେହେରା ପ୍ରମୁଖ ଯୋଗଦେଇ ଅନ୍ୟମାନଙ୍କ ମଧ୍ୟରେ ସୁନୀଲ ମହାନ୍ତ, ଧୂରଡ଼ ମହାନ୍ତ, ରାଜକୁମାର ମହାନ୍ତ, ଅଞ୍ଜନ ପାତ୍ର, ବସନ୍ତ କୁମାର ନାୟକ, ବିଜୟ ବିନ୍ଧାଣି, ପରିଦର୍ଶନ ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବର୍ଷାରେ ଉବୁଟୁବୁ ଉଦଳା ଚିକେନ ମାର୍କେଟ

ଉଦଳା, ୫।୭ (ସମିସ): ବର୍ଷାରେ ବେହାଲ ହୋଇଛି ଚିକେନ ମାର୍କେଟ। ତିନିଦିନ ହେବ ଲଗାଣ ବର୍ଷା ଲାଗିବା ଦ୍ୱାରା ଉଦଳା ଏନଏସିର ୧୨ ନମ୍ବର ୱାର୍ଡରେ ଥିବା ଚିକେନ ଓ ମଟନ ମାର୍କେଟରେ ପାଣିର ଲହଡି ଭାଙ୍ଗୁଛି। ଯଦ୍ୱାରା କି ଦୋକାନୀମାନେ



ନାହିଁ ନ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଗ୍ରାହକ ଅସୁବିଧାରେ ପଡୁଛନ୍ତି। ଦୋକାନ ଭିତରେ ବର୍ଷା ପାଣି ପଶିବା ଦ୍ୱାରା କିଛି ଦୋକାନୀ ଦୋକାନ ବନ୍ଦ ରଖିଥିବା ଦେଖିବାକୁ ମିଳିଛି। ଏପରିକି ଦୋକାନକୁ ଗ୍ରାହକ ଯିବା ପାଇଁ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କୃଷକ ବଜାରରେ ଚିକେନ ମାର୍କେଟ ଥିବାବେଳେ ପ୍ରଶାସନ ପକ୍ଷରୁ ଚିକେନ ମାର୍କେଟକୁ ୧୨ ନମ୍ବର ୱାର୍ଡକୁ ସ୍ଥାନାନ୍ତରିତ କରାଇଥିଲା। ତେବେ ଏହି ମାର୍କେଟରେ ଅନୁସଙ୍ଗିକ ବ୍ୟବସ୍ଥା ଓ ଡ୍ରେନେଜର ବ୍ୟବସ୍ଥା ନ ଥିବା ଯୋଗୁଁ ଦୋକାନୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ଏହି ଚିକେନ ମାର୍କେଟର ସମସ୍ୟାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଗ୍ରାହକ କହିଛନ୍ତି।

## ରଜାବସା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ଖୁଣ୍ଟ, ୫।୭ (ସମିସ): ଶୁକୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ରଜାବସା ସରକାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଦାଶରଥି ଗିରିଙ୍କ ପୌରୋହିତ୍ୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶୈକ୍ଷିକ କାର୍ଯ୍ୟକ୍ରମ ଅବସରରେ କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ (ଏଫ୍‌ଏଲ୍‌ଏନ୍) ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିଶୁ ବାଟିକାଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଦାନ ପ୍ରଣାଳୀ ଓ ବୌଦ୍ଧିକ ବିକାଶ ନିମନ୍ତେ ସରକାରଙ୍କ ପ୍ରଣିତ ବହୁବିଧ ଶୈକ୍ଷିକ କାର୍ଯକ୍ରମ ଓ ଯାଦୁପେଡ଼ିରେ ଥିବା ଶିକ୍ଷଣ ସାମଗ୍ରୀର ବ୍ୟବହାର ସମ୍ପର୍କରେ ଅବଗତ ହୋଇଥିଲେ।

## ମଣଦା ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ



ବିଶୋଇ, ୫।୭ (ସମିସ): ମଣଦା ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ବିଶୋଇ ବ୍ଲକ ମଣଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୭ତମ ବନ ମହୋତ୍ସବ ଦିବସ ପାଳିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ବନପାଳ ମାନସ ରଞ୍ଜନ ମହାକୁଡ଼ଙ୍କ ସଂଯୋଜନାରେ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜୀବଲୋଚନ ଗିରିଙ୍କ ସଭାପତିତ୍ୱରେ ମା' ପାଇଁ ଗଛଟିଏ ସଭା କାର୍ଯ୍ୟକ୍ରମ ପ୍ରଥମେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏସିଏଫ ତଥା ଭାରପ୍ରାପ୍ତ ମଣଦା ବନାଞ୍ଚଳ ଅଧିକାରିଣୀ ଧରିତ୍ରୀ ମୁର୍ମୁ ଉପସ୍ଥିତ ରହି ପରିବେଶ ସନ୍ତୁଳିତ ରଖିବା ପାଇଁ ସମସ୍ତଙ୍କୁ ଗଛଟିଏ ଲଗାଇବା ପାଇଁ ଅନୁରୋଧ କରିଥିଲେ। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ବୃକ୍ଷର ଗୁରୁତ୍ୱ ସମ୍ପର୍କରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ ତାରାକାନ୍ତ ପଣ୍ଡା ଓ ସଂଯୋଜକ ରାଜୀବଲୋଚନ ପଲେଇ ଆଲୋକପାତ କରିଥିଲେ। ମଣଦା ଗୋଷ୍ଠୀ ମ୍ୟାଲେରିଆ ପ୍ରୋଗ୍ରାମ ସଂଯୋଜକ ସୁମନ୍ତ ବିଶ୍ୱାଳ, ବନରକ୍ଷୀ ମେଘରାୟ ମାରାଣ୍ଡି, ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ମାଝୀ, ରଘୁନାଥ ଟୁଡୁ, ଯଶୋଦା ସେଠୀ, ଅଂଶୁମାନ ଗିରି, ରିଚା ପାତ୍ର, ଅଭିଶେଖ ପ୍ରହରାଜ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ପାଇଁ ସଚେତନ କରାଇଥିଲେ। ପରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ବନ କର୍ମଚାରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ୫୨୦ଟି ବୃକ୍ଷ ଚାରା ରୋପଣ କରାଯାଇଥିଲା।

### ସମସ୍ୟା ଘେରରେ ପଦ୍ମପୋଖରୀ ଉପେନ୍ଦ୍ରନାଥ ଉଚ୍ଚବିଦ୍ୟାଳୟ

# ଶ୍ରେଣୀ ଗୃହ ବିପଦସଂକୁଳ, ଛାତ୍ରଛାତ୍ରୀଙ୍କୁ ମିଳୁନି ୟୁନିଫର୍ମ

ଶରତ, ୫।୭ (ସମିସ)

- ୩୧ ବର୍ଷ ପରେ ମଧ୍ୟ ଦରମା ପାଇନାହାନ୍ତି ଶିକ୍ଷକ/ଶିକ୍ଷୟିତ୍ରୀ
- ଭିତ୍ତିଭୂମିର ଅଭାବ ସତ୍ତ୍ୱେ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ସଫଳତା
- ନାହିଁ ପାନୀୟଜଳ ବ୍ୟବସ୍ଥା, ମିଳୁନି ମଧ୍ୟାହ୍ନଭୋଜନ



କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଉପେନ୍ଦ୍ରନାଥ ଉଚ୍ଚବିଦ୍ୟାଳୟ ପ୍ରତି ସରକାରଙ୍କ ଦୃଷ୍ଟି ପଡ଼ି ନ ଥିବାରୁ ଭିତ୍ତିଭୂମିର ଉନ୍ନତି ହୋଇପାରିନାହିଁ। ବିପଦସଂକୁଳ ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀ ବସି ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏଥିସହ ବିଦ୍ୟାଳୟରେ ମୌଳିକ ସୁବିଧା ଉପଲବ୍ଧ ନ ଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ୩୧ ବର୍ଷ ପରେ ମଧ୍ୟ ଉକ୍ତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦରମା ମିଳିନାହିଁ। ଉକ୍ତ ବିଦ୍ୟାଳୟ ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

୧୯୯୫ରେ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ଆଦିବାସୀ ଅଧ୍ୟୁଷିତ ଶରତ ଅଞ୍ଚଳ ଓ କପ୍ତିପଦା ବ୍ଲକରେ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ତେବେ ସରକାରୀ ସ୍ତରରେ ଉଦାସୀନତା ପାଇଁ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଆଜି ପର୍ଯ୍ୟନ୍ତ ସ୍କୁଲ ୟୁନିଫର୍ମ ମିଳିପାରୁନାହିଁ। ବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସ୍କୁଲ ପିଲା ୟୁନିଫର୍ମ ପାଇପାରିନାହାନ୍ତି। ୨୦୨୫-୨୬ ଶିକ୍ଷାବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ପାସ ହାର ୧୦୦ ପ୍ରତିଶତ ରହିଛି। ବିଦ୍ୟାଳୟର ସମୀର ମହାନ୍ତ ୫୨୨ ନମ୍ବର ରଖି କପ୍ତିପଦା ବ୍ଲକରେ ଚତୁର୍ଥ ସ୍ଥାନରେ ରହି ଅଞ୍ଚଳ ପାଇଁ ଗୌରବ ଅର୍ଜନ ଆଣିଥିଲେ। ପ୍ରତିବର୍ଷ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଦୁଇଜଣ ଛାତ୍ରଛାତ୍ରୀ ବ୍ଲକରେ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରି ଶରତ ଅଞ୍ଚଳ ତଥା ସମଗ୍ର କପ୍ତିପଦା ବ୍ଲକରେ ସୁନାମ ଅର୍ଜନ କରିପାରୁଛନ୍ତି। ତତସହିତ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଦ୍ୟାଳୟକୁ ୨୦୨୨ରେ ମିଳିଛି ପ୍ରକୃତି ମିତ୍ର ପୁରସ୍କାର। ୨୦୨୩ରେ ମିଳିଛି ପ୍ରକୃତି ବନ୍ଧୁ ପୁରସ୍କାର। ବିଗତ ପାଞ୍ଚବର୍ଷ ମଧ୍ୟରେ ବିଦ୍ୟାଳୟର ମାଟ୍ରିକ ପାସ ହାର ୧୦୦ ପ୍ରତିଶତ ଥିବା ଦେଖିବାକୁ ମିଳିଛି। ଶରତ ଭଳି ଅନ୍ଧାରୀ ମୁଲକରେ ଅବସ୍ଥିତ ଥିବା ବିଦ୍ୟାଳୟରେ ଶତପ୍ରତିଶତ ପାସହାର ନିଶ୍ଚିତ ଭାବେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ପ୍ରତି ସମର୍ପଣ ମନୋଭାବର ବଳିଷ୍ଠ ଉଦାହରଣ। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ୩୧ ବର୍ଷ ଧରି ଚାକିରି କରୁଥିଲେ ମଧ୍ୟ ସେମାନେ ଆଜି ପର୍ଯ୍ୟନ୍ତ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି।

୨୦୨୩ ନଭେମ୍ବର ୨୩ରୁ ୨୦୨୬ ନଭେମ୍ବର ୨୬ ତାରିଖ ମଧ୍ୟରେ ୧୭ ବର୍ଷରୁ କମ୍ ବାଳକ/ବାଳିକା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତା ମାଲକାନଗିରି ଜିଲ୍ଲାର ପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଉପେନ୍ଦ୍ରନାଥ ବିଦ୍ୟାଳୟର ସୁନୀଲ ପୂର୍ତ୍ତି, ଶିବ ଟୁଡୁ ଓ କୌଶଲ୍ୟା ଟୁଡୁ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କପ୍ତିପଦା ବ୍ଲକ ଓ ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟ ସ୍ତରରେ ଗୌରବାନ୍ୱିତ କରିଥିଲେ। ୨୦୧୦ରେ ଉକ୍ତ ବିଦ୍ୟାଳୟର ୫ ଜଣ ଛାତ୍ର ମିଥୁନ ମହାନ୍ତ, ନିର୍ମଳ ନାୟକ, କୁଶଳ ହେମ୍ବ୍ରମ, ଗୋବିନ୍ଦ ମୁଣ୍ଡାରୀ ଓ ସଞ୍ଜୀବ କୁମାର ସିଂ ଯୋଗ୍ୟ ବିବେଚିତ ହୋଇଥିଲେ। କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ୨୦୧୪ରେ ଉକ୍ତ ବିଦ୍ୟାଳୟର ଛାତ୍ର ଦୁର୍ଗାଚରଣ ମାରାଣ୍ଡି ରାଜ୍ୟସ୍ତରୀୟ ଖୋଖୋରେ ଅଂଶଗ୍ରହଣ କରି ଶିକ୍ଷାନୁଷ୍ଠାନ ପାଇଁ ଗର୍ବ ଅର୍ଜନ କରିଥିଲେ।

ଉପେନ୍ଦ୍ରନାଥ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ୩୧ ବର୍ଷରେ ପଦାର୍ପଣ କରିଥିଲେ ସୁଦ୍ଧା ଭିତ୍ତିଭୂମିର ବିକାଶ ହୋଇପାରି ନ ଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ପ୍ରାଙ୍ଗଣରେ ପାନୀୟ ଜଳର ସୁବିଧା ନିମନ୍ତେ ନଳକୂପର ମଧ୍ୟ ବ୍ୟବସ୍ଥା ନାହିଁ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବ୍ୟବହାର ନିମନ୍ତେ ୧୨ ବର୍ଷ ପୂର୍ବେ ଖୋଳାଯାଇଥିବା ନଳକୂପ ଏବେ ଅଚଳ ହୋଇପଡ଼ିଥିବାରୁ ଛାତ୍ରଛାତ୍ରୀ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ନିମନ୍ତେ ସରକାରଙ୍କ ତରଫରୁ କୌଣସି ଅନୁଦାନ ନାହିଁ। ବିଦ୍ୟାଳୟକୁ ଅଣ୍ଡା, ଚାଉଳ ଦିଆଯାଉନାହିଁ। ଛାତ୍ରଛାତ୍ରୀ ଭୋକ ଉପାସରେ ରହୁଥିବା ଦେଖିବାକୁ ମିଳୁଛି। ହାଫ୍ ଟାଇମ ପରବର୍ତ୍ତୀ କ୍ଲାସ ଭୋକ ଉପାସରେ ବସୁଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯିବା ନିମନ୍ତେ ଦାବି ହେଉଛି। ବିଦ୍ୟାଳୟରେ ରହିଛି ସ୍ୱୀକୃତିପ୍ରାପ୍ତ ଛାତ୍ରାବାସ ଓ ଏଠାରେ ୧୦୦ ଜଣ ଛାତ୍ର ରୁହନ୍ତି। ଛାତ୍ରାବାସରେ ରହୁଥିବା ପିଲା ମଧ୍ୟ ୧ କିଲୋମିଟର ଦୂରତରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଗାଧୋଇବାକୁ ଛାତ୍ରାବାସ ପିଲା ବିଦ୍ୟାଳୟଠୁ ଅଧ କିଲୋମିଟର ଦୂରରେ ଥିବା ପୋଖରୀକୁ ବିପଦପୂର୍ଣ୍ଣ ଅବସ୍ଥାରେ ଯାଉଛନ୍ତି। ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ଉକ୍ତ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ୪୦ ଜଣ, ନବମ ଶ୍ରେଣୀରେ ୭୦ ଜଣ ଓ ଦଶମ ଶ୍ରେଣୀରେ ୩୦ ଜଣ ମିଶାଇ ୧୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ପାଇଖାନାର ଟିଣ ଛପର ୨୦୨୧ ୟାସ ବାତ୍ୟାରେ ଉଡ଼ି ଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ତେଣୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଫଳରେ ଛାତ୍ରଛାତ୍ରୀ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏ ଅଞ୍ଚଳର ବହୁ ଛାତ୍ରଛାତ୍ରୀ ପଢ଼ିବା ନିମନ୍ତେ ଇଚ୍ଛା କରୁଥିଲେ ମଧ୍ୟ ହଷ୍ଟେଲର ରହଣି ସୁବିଧା ନ ଥିବାରୁ ଅଧାରୁ ପଢ଼ା ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଉକ୍ତ ବିଦ୍ୟାଳୟ ନିମନ୍ତେ ଏକ ୨୦୦ ସଂଖ୍ୟା ବିଶିଷ୍ଟ ଛାତ୍ରାବାସ ଓ ୨୦୦ ସଂଖ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଖୋଲାଯିବାକୁ ଦାବି ହୋଇଛି। ନିର୍ବାଚିତ ଜନପ୍ରତିନିଧିଙ୍କଠାରୁ ଜିଲ୍ଲା ପ୍ରଶାସନ ସମସ୍ତେ ଏହି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ତତ୍ପରତା ପ୍ରକାଶ କରିବା ନିମନ୍ତେ ଅଭିଭାବକ ମହଲରେ ଦାବି ହୋଇଛି। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନ କରାଯିବା ସହିତ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯିବା ନିମନ୍ତେ ନଳକୂପ ଖନନ, ନୂତନ ଗୃହ, ପାଇଖାନା ନିର୍ମାଣ, ବିଦ୍ୟାଳୟର ପାଚେରି ନିର୍ମାଣ, ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ସହିତ ଉକ୍ତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ସରକାରୀକରଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଗାମାଏ ରିମିଲ ସିଂ ଗୋଇପାଇ ନିବେଦନ କରିଛନ୍ତି।

## ସୁନାମୁହିଁ ଗ୍ରାମଦେବତୀ ପୀଠରେ ବନ ମହୋତ୍ସବ

ବାରିପଦା, ୫।୭ (ସମିସ): ପରିବେଶ ପତ୍ରିକା ନବ ସବୁଜିମା ଓ ନିଖିଳ ଉତ୍କଳ ଗୋଲା ସମାଜର ମିଳିତ ଆନୁକୂଲ୍ୟରେ ସୁନାମୁହିଁ ଗ୍ରାମଦେବତୀ ପୀଠରେ ବନ ମହୋତ୍ସବ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଭ



ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ବନଜା ମହାନ୍ତି ମୁଖ୍ୟବକ୍ତା, ପ୍ରକୃତି ବନ୍ଧୁ ଡଃ ଶ୍ୟାମସୁନ୍ଦର ଦାସ, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ଝାନସୀରାଣୀ କଲେଜ ଅଧ୍ୟକ୍ଷ ଅନନ୍ତ କୁମାର ବେହେରା, ସମାଜସେବୀ ଗୀତା ସ୍ୱାଇଁ, ଡ ରଜନୀକାନ୍ତ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ନିଖିଳ ଉତ୍କଳ ଗୋଲା ସମାଜର ସଭାପତି ହରିହର ଦାସ ବନ ମହୋତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ବୃକ୍ଷ ରୋପଣ ତଥା ପରିବେଶ ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନାମୁହିଁ ଉପ୍ର ବିଦ୍ୟାଳୟ, ବିଦ୍ୟାବିହାର ହାଇସ୍କୁଲ, ଶ୍ରୀଶ୍ରୀ ହରିବଳଦେବଜୀଉ ଶିଶୁ ମନ୍ଦିର, ସେଣ୍ଟ ଆନିଜ୍ କନଭେଣ୍ଟ ସ୍କୁଲ, ସେଣ୍ଟ ଜାଭିଏର ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ଏ ଅବସରରେ ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କିତ ଏକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଆଦ୍ୟାଶା ଦାଶ, ଲିଲି ରାଉତ, ସାଇକୃଷ୍ଣା ସାହୁ, ସାଇ ଶୁଭମ ଦାସ, ଭବ୍ୟରାଜ ବେହେରା କୃତିତ୍ୱ ଅର୍ଜନ କରି ପୁରସ୍କୃତ କରିଥିଲେ। ତତ୍‌ସହିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଦେଇ ପ୍ରୋତ୍ସାହିତ କରାଯାଇଥିଲା। ସମାଜସେବୀ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘୋଳମୁହାଁରେ ଆଇନ ସଚେତନତା ଶିବିର

ମୋରଡା, ୫।୭ (ସମିସ): ଓଡ଼ିଶା ସୂଚନା ଅଧିକାର ଅଭିଯାନ, ମୟୂରଭଞ୍ଜ ଜିଲ୍ଲା ଶାଖା ଆନୁକୂଲ୍ୟରେ ମୋରଡା ବ୍ଲକର ଘୋଳମୁହାଁ ପଞ୍ଚାୟତ ଅଧୀନସ୍ଥ ଆଣୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର



ଜିଲ୍ଲା ଆବାହକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ମହେଶ୍ୱର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ମୋରଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଣାକର ନାୟକ ଏକ ସୁସ୍ଥ ସମାଜ ଗଠନରେ ଜନସାଧାରଣଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମୋରଡା ଥାନା ସବଇନ୍ସପେକ୍ଟର ନିବେଦିତା ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ମାନବାଧିକାର କର୍ମୀ ସଚିନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଘୋଳମୁହାଁ ସରପଞ୍ଚ ବିରୁଆ ମୁର୍ମୁ, ଓସାର ସଦସ୍ୟ ଆଶିଷ କୁମାର ବଶା, ସମାଜସେବୀ ସୋମନାଥ ସିଂହ, ଜୟ ପ୍ରକାଶ ରାଉଳ, ଗୟା ପ୍ରସାଦ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପାଳ ଓ ଅଶ୍ୱନୀ କୁମାର ସେନାପତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାର ମିତ୍ର ରବୀନ୍ଦ୍ର ମହାନ୍ତି, ନିଶାମୁକ୍ତ କେନ୍ଦ୍ର ଅଧ୍ୟକ୍ଷ ସୁବ୍ରତ ତରେଇ ପ୍ରମୁଖ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ସମେତ ମାନବାଧିକାର, କିଶୋର ଓ କିଶୋରୀଙ୍କ ପାଇଁ ଆଇନ, ଶିଶୁ ସୁରକ୍ଷା ଆଇନ, ଭିଡ଼ ମଧ୍ୟରେ ହିଂସା ନିୟନ୍ତ୍ରଣ, ସାଇବର ଅପରାଧ, ଗୁଜବ ଓ ସାମାଜିକ କୁସଂସ୍କାର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ବିଶ୍ୱବିଦ୍ୟାଳୟରେ ମେଗା ବୃକ୍ଷରୋପଣ

ବାରିପଦା, ୫।୭ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବ୍ୟୁରୋ ଓ ଏନ୍‌ଏସ୍‌ଏସ୍ ପିଜି ୟୁନିଟ୍ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବାରିପଦାସ୍ଥ ଏକଲବ୍ୟ ମଡେଲ୍ ରେସିଡେନ୍ସିଆଲ୍ ସ୍କୁଲ୍ ପରିସରରେ 'ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। 'ଦି ଫ୍ରେଣ୍ଡସ୍, ବାରିପଦା' ଓ 'ବ୍ଲେସ୍ଡ୍ ଏମ୍‌ପିସିଆନ୍‌ସ୍ ୭୬୮୦ର ସହଯୋଗରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଓ ପରିବେଶ ସଂରକ୍ଷଣର ଅପରିହାର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଛାତ୍ରଛାତ୍ରୀ ଓ ଉପସ୍ଥିତ ସମସ୍ତଙ୍କୁ ଅଧିକରୁ ଅଧିକ ବୃକ୍ଷରୋପଣ କରିବାକୁ ଆହ୍ୱାନ ଜଣାଇବା ସହ ବୃକ୍ଷ ହିଁ ପରିବେଶର ସନ୍ତୁଳନ ରକ୍ଷା ଓ ଏକ ସ୍ଥାୟୀ ଭବିଷ୍ୟତ ଗଠନର ମୂଳ ଆଧାର ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ପ୍ରତି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡ. ପ୍ରିୟରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳ, ପ୍ରୋଗ୍ରାମ ଅଧିକାରୀ ଡ. ଯତୀନ୍ଦ୍ର ନାଥ ବେଶ୍ରା, ଡ. ପ୍ରିୟଙ୍କା ଦାସ, ଅଜୟ କୁମାର ବଳ, ସୁସ୍ମିତା ପାତ୍ର, ସୁନେଲିକା ପ୍ରହରାଜ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଲଗାଣ ବର୍ଷା, ଚାଷୀ ଚଳଚଞ୍ଚଳ

ମୋରଡା, ୫।୭ (ସମିସ): ଲଗାଣ ବର୍ଷା ହେବାପରେ ଖରିଫ ଧାନଚାଷ ପାଇଁ ଏବେ ଚଳଚଞ୍ଚଳ ଚାଷୀ। ମୋରଡା ବ୍ଲକର ପ୍ରତ୍ୟେକ ଚାଷ ଜମିରେ ଏବେ ହଳ ଲଙ୍ଗଳ ଦେଖିବାକୁ ମିଳୁଛି। ଧାନ ଚାଷ ସହ ମାଣ୍ଡିଆ ଚାଷ ପାଇଁ ମଧ୍ୟ ନିଜର ଡଙ୍ଗର ଜମିକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ



କରିବାରେ ଲାଗିପଡ଼ିଛନ୍ତି କିଛି ଲୋକ। ତେବେ ମୋରଡା ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକ ଭାଗରେ ଚାଷ ଜମି ନେଇ ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି।

### ଜଙ୍ଗଲରେ ମିଳୁନି ଖାଦ୍ୟ, ଗାଁ ମୁହାଁ ହାତୀ

# ଫଳ ଗଛ ପର୍ଯ୍ୟାପ୍ତ ପରିମାଣର ରୋପଣ ଦାବି

ମୋରଡା, ୫।୭ (ସମିସ)



ମୋରଡା ବ୍ଲକରେ ହାତୀ-ମଣିଷ ସଂଘର୍ଷ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ପ୍ରତ୍ୟେକ ଦିନ ହାତୀ ଆକ୍ରମଣରେ ମଣିଷର ଜୀବନ ହାନୀ ଅଞ୍ଚଳ ପାଇଁ ଏକ ସାଧାରଣ ଘଟଣା ପାଲଟିଛି। ହାତୀ ଗାଁ ମୁହାଁ ହୋଇ ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ତେବେ ଏହାକୁ ରୋକିବା ପାଇଁ ବନ ବିଭାଗର ସମସ୍ତ ଯୋଜନା ଫେଲ୍ ମାରିଛି। ଯାହା ପ୍ରକୃତିପ୍ରେମୀ, ଚାଷୀ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଜଙ୍ଗଲରେ ଖାଦ୍ୟ ମିଳୁ ନ ଥିବାରୁ ହାତୀ ଗାଁ ମୁହାଁ ହେଉଛନ୍ତି। ଏହାକୁ ରୋକିବାକୁ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣର ଫଳ ଗଛ ରୋପଣ କରାଯିବାକୁ ସାଧାରଣରେ ହେଉଛି।

ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ନେଇ ବନ ବିଭାଗ ପ୍ରତିବର୍ଷ କୋଟି କୋଟି ଟଙ୍କା ଚାରା ରୋପଣରେ ଖର୍ଚ୍ଚ କରୁଛି। ତେବେ ପୂର୍ବରୁ ଅଧିକ ଲାଭ ଆଶାରେ ଜଙ୍ଗଲରେ ଶାଗୁଆନ ଚାରାରୋପଣ କରାଯାଉଥିଲା। ଯାହାକି ବଡ଼ ହୋଇଯାଇଥିବାରୁ ହାତୀ ଓ ବନ୍ୟ ପ୍ରାଣୀଙ୍କ ବାସସ୍ଥଳି ପାଇଁ ସମସ୍ୟା ଦେଖାଦେଉଛି। ଶାଗୁଆନ ମୂଳରେ ଅନ୍ୟକୌଣସି ଗୁଳ୍ମ ଲତା ଓ ଅନ୍ୟାନ୍ୟ ଗଛ ତିଷ୍ଠି ପାରେନାହିଁ। ଫଳରେ ଜୈବ ବିବିଧତାରେ ରକ୍ଷା ସୁରକ୍ଷା ଦିଗରେ ଶାଗୁଆନ ଗଛର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ତେଣୁ ଶାଗୁଆନ ଗଛ ଥିବା ଜଙ୍ଗଲରେ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ବସତି ସ୍ଥାପନ ଓ ଜୀବନ ଧାରଣର ଅନୁକୂଳ ପରିବେଶ ନୁହେଁ। ଫଳରେ ହାତୀ ସମେତ ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି ହେଉଛି। ଗ୍ରାମବାସୀ ଜୀବନଜୀବିକା ପାଇଁ ଆମ୍ବ, ପିଜୁଳି, ପଣସ, କଦଳୀ ଚାଷ କରୁଥିବାବେଳେ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ପାଇଁ ଆଦୌ ଖାଦ୍ୟ ନାହିଁ। ତେବେ ବର୍ତ୍ତମାନ ରାସଗୋବିନ୍ଦପୁର ରେଞ୍ଜ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲରେ ଶାଗୁଆନ ସହିତ ଆକାଶିଆ, ଚାକୁଣ୍ଡା, ଶାଳ, ସାଗୁଆନ ଆଦି ଗଛ ଭରପୁର ରହିଛି। ବନ୍ୟଜନ୍ତୁଙ୍କ ଖାଦ୍ୟ ପାଇଁ କୌଣସି ଚାରାରୋପଣ କରାଯାଉ ନ ଥିବାରୁ ବନ୍ୟଜନ୍ତୁ ଗାଁ ମୁହାଁ ହେଉଥିବା ଜଣାପଡ଼ିଛି। ତେଣୁ ସଂରକ୍ଷିତ ଜଙ୍ଗଲରେ ଆମ୍ବ, ବେଲ, କଇଥ, ବଣ କଦଳୀ, ଜଙ୍ଗଲୀ ପଣସ ଆଦି ଫଳ ଗଛ ଲଗାଇବା ସହିତ ଶାଳୀୟ ବାଉଁଶ ବଣ ସୃଷ୍ଟି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଏମ୍‌ସିଏମ୍‌ରେ ବନ ମହୋତ୍ସବ

# ମାସ ବ୍ୟାପୀ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ

ବାରିପଦା, ୫।୭ (ସମିସ): ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ୟୁନିଟ୍ ପକ୍ଷରୁ ବନମହୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରି ବୃକ୍ଷ କେବଳ ପରିବେଶର ସନ୍ତୁଳନ ରକ୍ଷା କରେ ନାହିଁ, ବରଂ




ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସବୁଜ ପୃଥିବୀ ଗଠନରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରତିବର୍ଷ ଅତି କମ୍‌ରେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ। ଏ ଅବସରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଡ. ବନଜା ମହାନ୍ତି, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ ପୁଷ୍ପା ପାତ୍ର, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ସମ୍ପର୍କ ନିର୍ଦ୍ଦେଶକ ଡ ରାଜେନ୍ଦ୍ର କୁମାର ଦାସ, କିଟ୍ ବିଶ୍ୱବିଦ୍ୟାଳୟର ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗର ନିର୍ଦ୍ଦେଶକ ଡ ଚିନ୍ମୟ କୁମାର ପାଣିଗ୍ରାହୀ ଓ ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଡ ସୁନୀଲ କୁମାର ଜେନା ଯୋଗଦେଇ କ୍ୟାମ୍ପସରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ କରିଥିଲେ। ଅତିଥିମାନଙ୍କ ସହିତ ୫୦ରୁ ଅଧିକ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ ସୂଚନା ଦେଇଥିଲେ ଯେ, ବନ ମହୋତ୍ସବକୁ କେବଳ ଗୋଟିଏ ଦିନରେ ସୀମିତ ନ ରଖି ଆଗାମୀ ଏକ ମାସ ଧରି ବୃକ୍ଷରୋପଣ ଓ ସଚେତନତା ଅଭିଯାନ ଚାଲିବ। ଏହି ଅଭିଯାନ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଗ୍ରାମାଞ୍ଚଳରେ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

### ଚୁହାଟ ପଞ୍ଚାୟତରେ ଅନିୟମିତତା

# ଆବାସ ହିତାଧିକାରୀଙ୍କ ଶ୍ରମିକ ଟଙ୍କା ଲୁଟ୍ ଅଭିଯୋଗ

ଶୁଳିଆପଦା,୪।୭ (ସମିସ)



ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାର ହିତାଧିକାରୀଙ୍କ ଶ୍ରମିକ ଟଙ୍କା ଜାଲ୍ ଆକାଉଣ୍ଟରେ ଉଠାଇ ହରିଲୁଟ୍ କରାଯାଇଥିବା ନେଇ ଗୁରୁତର ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ଚୁହାଟ ପଞ୍ଚାୟତରୁ ଆସିଛି। ମନରେଗା ୱେବସାଇଟ୍‌ରେ ଉଠାଣ ତଥ୍ୟ ଦେଖି ହିତାଧିକାରୀ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଛନ୍ତି। ସରକାରୀ ନିୟମ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୯୫ ଶ୍ରମ ଦିବସର ମଜୁରୀ ଟଙ୍କା ବିଭିନ୍ନ ପର୍ଯ୍ୟାୟରେ ତାଙ୍କ ବ୍ୟାଙ୍କ ଖାତାକୁ ଦିଆଯାଏ। ହେଲେ ଚୁହାଟ ପଞ୍ଚାୟତରେ ବହୁ ହିତାଧିକାରୀଙ୍କ ଏହି ଟଙ୍କା ଅନ୍ୟ ଲୋକଙ୍କ ଆକାଉଣ୍ଟକୁ ଉଠାଇ ନିଆଯାଇଛି। ଭୋଲଘାଟି ଗ୍ରାମର ରତନ ମାରାଣ୍ଡି ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ପାଇଥିଲେ। ସେ ୨୦୨୧ରେ ମୃତ୍ୟୁବରଣ କରିଥିଲେ। ହେଲେ ତାଙ୍କ ଘର ୮୪ ଶ୍ରମ ଦିବସର ୨,୯୩୨ ଟଙ୍କା ୨୦୨୫ ନଭେମ୍ବର ୧୫ରେ ଅନ୍ୟ ଗ୍ରାମର ଲୋକଙ୍କ ଆକାଉଣ୍ଟକୁ ଉଠାଣ ହୋଇଥିବା ଜଣାପଡ଼ିଛି। ମୃତ୍ୟୁର ତିନିବର୍ଷ ପରେ ଏପରି ଉଠାଣ ହେବା ନେଇ ପରିବାର ଲୋକେ ଅନ୍ଧାରରେ ଅଛନ୍ତି। ସେହିପରି ବଡ଼ନାଚଣା ଗ୍ରାମର ଜ୍ୟୋସ୍ନା ମଙ୍ଗଲଙ୍କ ଘର ସମ୍ପୂର୍ଣ୍ଣ ହୋଇଥିଲେ ବି ତାଙ୍କୁ ଶ୍ରମିକ ଟଙ୍କା ମିଳିନାହିଁ। ମନରେଗା ୱେବସାଇଟ୍‌ରୁ ଜଣାପଡ଼ିଛି ଚୁହାଟ, ଭୋଲଘାଟି ଓ ହାଣ୍ଡିଭଙ୍ଗା ଗ୍ରାମର ଅନ୍ୟ ଲୋକଙ୍କ ବ୍ୟାଙ୍କ୍ ଖାତାରେ ୯୪ ଶ୍ରମ ଦିବସର ୨୩,୮୭୬ ଟଙ୍କା ଉଠାଣ ହୋଇଛି। ଭୋଲା ଗ୍ରାମର ଗଙ୍ଗାଧର ମାରାଣ୍ଡିଙ୍କ ଘର କାମ ସରିଥିଲେ ବି ତାଙ୍କୁ ଗୋଟିଏ ଟଙ୍କା ବି ମିଳିନାହିଁ। ହେଲେ ତାଙ୍କ ଘର ୮୪ ଶ୍ରମ ଦିବସର ୨୨,୯୩୨ ଟଙ୍କା ଅନ୍ୟ ଗ୍ରାମର ଲୋକଙ୍କ ଖାତାରେ ଉଠାଣ ହୋଇଛି। ଜାଲଘାଟି ଗ୍ରାମର ସାନଭକ୍ତ ସୋରେନ ଘର କାମ ଆରମ୍ଭ କରି ନ ଥିଲେ ବି ତାଙ୍କ ଘର ସମ୍ପୂର୍ଣ୍ଣ ଶ୍ରମିକ ଟଙ୍କା ୨୫,୯୩୫ ଟଙ୍କା ଅନ୍ୟ ଖାତାକୁ ଉଠାଣ ହୋଇଛି। ସେହିଭଳି ଶାଲୁଆଡହର ଗ୍ରାମର ସୁଶାନ୍ତ ପାତ୍ରଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୫୯୩୫, ସାନନାଚଣା ଗ୍ରାମର ସନାତନ ହେମ୍ବ୍ରମଙ୍କ ଆବାସ୍ ଗୃହର ଶ୍ରମିକ ଟଙ୍କା ୨୪୧୩୦, ଶାଲୁଆଡହର ଗ୍ରାମର ଦୁର୍ଗାମଣି ନାଏକଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬, ଭୋଲଘାଟି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, ଭୋଲା ଗ୍ରାମର ସଲମା ମାରାଣ୍ଡିଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୨୯୩୨, କାଠ ଶିରିଶି ଗ୍ରାମର ଲାଲମୋହନ କିସ୍କୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୩୮୭୬, ଧାମଣ ଗ୍ରାମର ଧ୍ରୁବେନ୍ଦ୍ର ମୁର୍ମୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬, କାଠଶିରିଶି ଗ୍ରାମର ଡୁମୁଣି ଟୁଡୁଙ୍କ ଆବାସ ଗୃହର ଶ୍ରମିକ ଟଙ୍କା ୨୧୩୩୬ ଅନ୍ୟ ଗ୍ରାମର ଲୋକଙ୍କ ବ୍ୟାଙ୍କ ଖାତାରେ ଉଠାଣ ହେଇଛି। ଏଭଳି ଅନେକ ହିତାଧିକାରୀଙ୍କ ଆବାସ ଶ୍ରମିକ ଟଙ୍କା ହରିଲୁଟ କରାଯାଇଛି। ହିତାଧିକାରୀ ପ୍ରଶ୍ନ ଉଠାଇଛନ୍ତି, ସେମାନଙ୍କ ଅଜାଣତରେ କିପରି ଟଙ୍କା ଅନ୍ୟ ଖାତାକୁ ଗଲା? କିଏ ଏହାକୁ ଅନୁମୋଦନ କଲା? ସେମାନଙ୍କ ଅଭିଯୋଗ ଅନୁଯାୟୀ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବିକାଶ ସିଂ, ସହାୟକ ବିକାଶ ସମ୍ପ୍ରସାରଣ ଅଧିକାରୀ ଡମ୍ବୁରୁଧର ଦାସ ଓ ସରପଞ୍ଚ ହିତଉସି ଟୁଡୁଙ୍କ ମିଳିଭଗତରେ ଏହି ହରିଲୁଟ୍ ହୋଇଛି। ସରପଞ୍ଚଙ୍କ ସ୍ୱାମୀ ରବୀନ୍ଦ୍ର ନାଥ ଟୁଡୁ ସରପଞ୍ଚଙ୍କ ଅନୁପସ୍ଥିତିରେ ଚୌକିରେ ବସି ସରକାରୀ ଫାଇଲ୍ ଦେଖାଶୁଣା, ଭତ୍ତା ବଣ୍ଟନ ଓ କନିଷ୍ଠ ଯନ୍ତ୍ରୀଙ୍କ ମାପ କାର୍ଯ୍ୟ ମଧ୍ୟ କରୁଥିବା ଅଭିଯୋଗ ହୋଇଛି। ହିତାଧିକାରୀ କହିଛନ୍ତି, ଏହି ଟଙ୍କା ହଡ଼ପର ସୂତ୍ରଧର ହେଉଛନ୍ତି ରବୀନ୍ଦ୍ର ନାଥ ଟୁଡୁ। ଏ ନେଇ ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀ ଓ ଚୁହାଟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚରାଯିବାରୁ ସେମାନେ କହିଛନ୍ତି, ଏହାର ତଦନ୍ତ ଚାଲିଛି। ତଦନ୍ତରେ ଯିଏ ଦୋଷୀ ସାବ୍ୟସ୍ତ ହେବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ବଡ଼ ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ଜିଲ୍ଲାପାଳ ଉଚ୍ଚସ୍ତରୀୟ ତଦନ୍ତ କରିବେ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବର୍ଷାରେ ସ୍କୁଲ ପରିସର ଜଳାର୍ଣ୍ଣବ



**ଶିକ୍ଷାଦାନ ବାଧାପ୍ରାପ୍ତ**

ହାଟଡ଼ିହୀ,୫।୭ (ସମିସ): ଲଘୁଚାପଜନିତ ବର୍ଷାରେ ହାଟଡ଼ିହୀ ନୋଡାଲ ବିଦ୍ୟାଳୟ ପରିସର ଜଳାର୍ଣ୍ଣବ ପାଲଟିଛି। ସ୍କୁଲର ମୁଖ୍ୟ ଫାଟକଠାରୁ ଶ୍ରେଣୀ ଓ କାର୍ଯ୍ୟାଳୟଗୃହଯାଏଁ ପାଖାପାଖି ଏକ ଫୁଟ୍ ଉଚ୍ଚରେ ବର୍ଷାଜଳ ଦେଖାଯାଇଛି। ହାଟଡ଼ିହୀ ପଞ୍ଚାୟତର ସର୍ବପୁରାତନ ଭାବେ ଏହି ନୋଡାଲ ବିଦ୍ୟାଳୟଟି ବେଶ୍ ନାମ ଅର୍ଜନ କରିଥିବା ବେଳେ ବର୍ତ୍ତମାନ ମଧ୍ୟ ଅନ୍ୟ ବିଦ୍ୟାଳୟ ଅପେକ୍ଷା ଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ରହିଛି। ତେବେ ଗାଁ ସହ ଆଖପାଖ ଗାଁରୁ ଅନେକ କୁନି କୁନି ଛାତ୍ରଛାତ୍ରୀ ଏହି ବିଦ୍ୟାଳୟକୁ ଆସୁଥିବା ବେଳେ ଏହି ବିଦ୍ୟାଳୟ ପରିସରରେ ଏକ ଅଙ୍ଗନବାଡି ଶିକ୍ଷାକେନ୍ଦ୍ର ମଧ୍ୟ ରହିଛି। ବର୍ଷାଦିନରେ ଏହିଭଳି ପରିସ୍ଥିତି ଉପୁଜିଲେ ପିଲାଙ୍କ କ୍ଷେତ୍ରରେ ଶିକ୍ଷାଲାଭ କରିବା ଅସୁବିଧାର କାରଣ ସାଜିପାରେ ବୋଲି କିଛି ଅଭିଭାବକ ମତ ବ୍ୟକ୍ତ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ସ୍ଥାନୀୟ ହାଟଡିହୀ ବିଡ଼ିଓ ସ୍ଥାୟୀ ସମାଧାନ କରିବାକୁ ଅଭିଭାବକଙ୍କ ମହଲରେ ଦାବି ହୋଇଛି।

**• ପ୍ରବଳ ବର୍ଷାରେ ପ୍ରତିବାଦ ତାତି;**

## ଷ୍ଟିଲ ପ୍ଲାଣ୍ଟ ବିରୋଧରେ ରାଲି



ଡୁରୁମୁଙ୍ଗା, ୫।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଯମୁନାପଶି ଓ ଚେମେଣା ପଞ୍ଚାୟତର ୧୨ଟି ଗ୍ରାମରେ ବାର୍ଷିକ ୫ ନିୟୁତ ଟନ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ସ୍ଥାପନ ପାଇଁ ରାଜ୍ୟ ସରକାର ଜିନ୍ଦଲ ଓ ପୋସ୍କୋ ସହ ଚୁକ୍ତି କରିଥିବା ବେଳେ ଏହାକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ ଜୋରଦାର ହୋଇଛି। ପ୍ରକଳ୍ପ ପାଇଁ ଚିହ୍ନଟ ୧୨ଟି ଗ୍ରାମ ମଧ୍ୟରୁ ୧୦ଟି ଗ୍ରାମରେ ଗ୍ରାମସଭା ସମ୍ପନ୍ନ ହୋଇଥିବା ବେଳେ ଯମୁନାପଶି ଓ ଚିଲିଦା ଗ୍ରାମରେ ଏପର୍ଯ୍ୟନ୍ତ ଗ୍ରାମସଭା ବାକି ରହିଛି। ରବିବାର ଲଘୁଚାପଜନିତ ପ୍ରବଳ ବର୍ଷା ସତ୍ତ୍ୱେ ଜିନ୍ଦଲ–ପୋସ୍କୋ ପ୍ରତିରୋଧ ମଞ୍ଚର ଆହ୍ୱାନକ୍ରମେ ବହୁସଂଖ୍ୟକ ମହିଳା ଓ ପୁରୁଷ ଛତା ଧରି ପ୍ରତିବାଦ ରାଲିରେ ସାମିଲ ହୋଇଥିଲେ। ଯମୁନାପଶି ଗ୍ରାମ କମିଟିର ସଦସ୍ୟମାନେ ଗୁଡାସାହିରୁ ଶୋଭାଯାତ୍ରାରେ ବାହାରି ଭୂମିଜସାହି ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଦୋ ଫସଲି ଚାଷଜମି ଅଧିଗ୍ରହଣ ନ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଆନନ୍ଦପୁର ୫।୭ (ସମିସ): ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତ ବାରିଗାଁର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରାଣନାଥ ଜେନାଙ୍କ ସହଧର୍ମିଣୀ ତଅପୋଇ ଜେନା (୬୫)ଙ୍କର ପରଲୋକ ହୋଇଯାଇଛି। ଗତକାଲି ରାତି ଗୋଟାଏ ସମୟରେ ସେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ପ୍ରଶାନ୍ତ, ଅଜିତ, ଜିତେନ୍ଦ୍ର, ନାତି ବୋଲଗଡ ଅତିରିକ୍ତ ତହସିଲଦାର ରାଜକିଶୋର ଜେନା ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଅଜିତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

## ବେତନଟୀରେ ଭଞ୍ଜସେନାର ମଶାଲ ଶୋଭାଯାତ୍ରା



ବେତନଟୀ,୫।୭ (ସମିସ): ରତ୍ନଗର୍ଭା ଶିମିଳିପାଳର ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ ଲକ୍ଷ୍ୟ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରାଇବା ନିମନ୍ତେ "ଦାଦନ ହଟିବ ମୟୂରଭଞ୍ଜ ହସିବ' ସ୍ଲୋଗାନ ନେଇ ସାରା ଜିଲ୍ଲାରେ ଭଂଜସେନା ପକ୍ଷରୁ ମଶାଲ ଶୋଭାଯାତ୍ରା ଜାରି ରହିଛି। ଏ ପରିପ୍ରେକ୍ଷୀରେ ବେତନଟୀ ବ୍ଲକସ୍ଥ ମୁଖ୍ୟ ବଜାରଠାରେ ଭଞ୍ଜସେନା ଯୁବନେତା ନୀଳକଣ୍ଠ ମହାନ୍ତଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପ୍ରୁଷ୍ଟି, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ସଞ୍ଜୟ ମହାନ୍ତ, ଲଲାଟ୍ କେଶରୀ ରାଉତ, ମନୋଜ୍ ସାହୁ, ସମ୍ବିତ ମହାନ୍ତ, ଗୌରବ ମହାନ୍ତି, ପ୍ରଦୀପ ପଣ୍ଡା, ସୁମିତ ରାଉଳ, ବାପୁନ ଦାସ୍, ପ୍ରକାଶ ଦାସ, ସନ୍ଦୀପ ନାୟକ, ତପନ ପାତ୍ର, ରାଜେନ୍ଦ୍ର ମହାନ୍ତ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ଜିଲ୍ଲାପାଳଙ୍କ ଶୋଭା ଓ ଏଫପିଓ କ୍ୟାମ୍ପସ ପରିଦର୍ଶନ**

## ଗ୍ରାମୀଣ ଜୀବିକା ଓ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା

ଗୋପବନ୍ଧୁନଗର, ୫।୭ (ସମିସ)



ଜିଲ୍ଲାପାଳ ହେମକାନ୍ତ ସଏ ଉଦଳା ବ୍ଲକ ଅନ୍ତର୍ଗତ ବୃନ୍ଦାଗାଡ଼ିସ୍ଥ ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ (ଏମଡିପିସିଏଲ) କ୍ୟାମ୍ପସ ପରିଦର୍ଶନ କରି ଶୋଭା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜୀବିକା ଓ ଗ୍ରାମୀଣ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ନାବାର୍ଡ ଜିଲ୍ଲା ବିକାଶ ପ୍ରବନ୍ଧକ ସ୍ମାରକ ମହାନ୍ତି ଉପସ୍ଥିତ ଥିଲେ। ସେ ଜିଲ୍ଲାରେ ନାବାର୍ଡ ଦ୍ୱାରା ଚାଷୀ ଉତ୍ପାଦକ ସଂଗଠନ ଗଠନ ଓ ସୁଦୃଢ଼ୀକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ବିଶେଷକରି ଶୋଭା ଦ୍ୱାରା ପ୍ରୋତ୍ସାହିତ ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍ ଓ ହିଙ୍ଗୁଳା ଆଗ୍ରି ପ୍ରୋଡ୍ୟୁସର କମ୍ପାନୀ ଲିମିଟେଡ୍‌ର ସଫଳତା ଓ ଅଗ୍ରଗତିକୁ ସେ ଉଲ୍ଲେଖ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ କାରିଗର, ଉତ୍ପାଦକ ସଦସ୍ୟ ଓ ଏଫ୍‌ପିଓ ପ୍ରତିନିଧିଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଶାଳପତ୍ର ଥାଳି ଉତ୍ପାଦନ, ମହୁ ପ୍ରକ୍ରିୟାକରଣ ଓ ଖାଦ୍ୟ ପ୍ରକ୍ରିୟାକରଣ କାର୍ଯ୍ୟରେ ନିୟୋଜିତ କାରିଗରଙ୍କ ସହ ବିସ୍ତୃତ ଆଲୋଚନା କରି ସେମାନଙ୍କର ଉତ୍ପାଦନ ପ୍ରକ୍ରିୟା, ଆୟ ବୃଦ୍ଧି, ରୋଜଗାର ସୃଷ୍ଟି, ବଜାର ସଂଯୋଗ, ସମବାୟ ଉଦ୍ୟମ ମାଧ୍ୟମରେ ମିଳୁଥିବା ସାମାଜିକ ଓ ଆର୍ଥିକ ଲାଭ ସମ୍ପର୍କରେ ପଚାରି ବୁଝିଥିଲେ। ସଦସ୍ୟମାନେ ଏଫ୍‌ପିଓ ମାଧ୍ୟମରେ ସେମାନଙ୍କର ଆୟ ବୃଦ୍ଧି, ଦକ୍ଷତା ବିକାଶ ଓ ଉନ୍ନତ ବଜାର ସଂଯୋଗ ସମ୍ପର୍କରେ ନିଜ ଅନୁଭୂତି ବାଣ୍ଟିଥିଲେ। ଜିଲ୍ଲାପାଳ ଶୋଭାର ସମ୍ପାଦକ ରଞ୍ଜନ କୁମାର ମିଶ୍ରଙ୍କ ସହ ମା' ଦୁର୍ଗାଦେବୀ ପ୍ରୋଡ୍ୟୁସର କମ୍ପାନୀ ଓ ହିଙ୍ଗୁଳା ଆଗ୍ରି ପ୍ରୋଡ୍ୟୁସର କମ୍ପାନୀର ଗଠନ, ବିକାଶ ଓ ସଫଳତାର ଯାତ୍ରା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ନାବାର୍ଡ, ଏମ୍‌ଏସ୍‌ଏମଇ ମନ୍ତ୍ରଣାଳୟର ସେଫୁଟ୍ରି ଯୋଜନା, ହେଫିଅର ଇଣ୍ଟରନ୍ୟାସନାଲ ଜିଓ ରିଲିଆନ୍ସ ଫାଉଣ୍ଡେସନ ସହଯୋଗରେ ଶୋଭା ଦ୍ୱାରା ଉତ୍ପାଦକ ସଂଗଠନ ସୁଦୃଢ଼ୀକରଣ, ମୂଲ୍ୟ ସଂଯୋଜନ, ବଜାର ସଂଯୋଗ, ଗ୍ରାମୀଣ ଉଦ୍ୟୋଗ ବିକାଶ ଓ ଜଳବାୟୁ ସହନଶୀଳ ଜୀବିକା ମଡେଲ୍ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ହୋଇଥିଲା। ସେ ମହିଳା କାରିଗର ଓ ସଦସ୍ୟଙ୍କ ସହ ମଧ୍ୟ ଆଲୋଚନା କରି ସମବାୟ ମାଧ୍ୟମରେ ନିଜସ୍ୱ ଉଦ୍ୟମକୁ ଆହୁରି ବିସ୍ତାର କରିବାକୁ ଉତ୍ସାହିତ କରିଥିଲେ। ଶୋଭା ଦ୍ୱାରା ବିକଶିତ ସମନ୍ୱିତ ଜୀବିକା ବିକାଶ ମଡେଲ୍ ପ୍ରତି ସନ୍ତୋଷ ପ୍ରକାଶ କରିଥିଲେ। ସେ ସରକାରୀ ଯୋଜନା ଓ ବିଭିନ୍ନ ବିକାଶ ସହଯୋଗୀ ସଂସ୍ଥାର ସମନ୍ୱୟ ମାଧ୍ୟମରେ ଶକ୍ତିଶାଳୀ ସମୁଦାୟ ଭିତ୍ତିକ ଉତ୍ପାଦକ ସଂସ୍ଥା ଗଠନ କରିଥିବାରୁ ଶୋଭାର ପ୍ରଶଂସା କରିଥିଲେ। ଶେଷରେ ଜିଲ୍ଲାପାଳ ଉତ୍ପାଦକ କମ୍ପାନୀର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ମଡେଲ୍ ମୟୂରଭଞ୍ଜ ଜିଲ୍ଲାରେ ଗ୍ରାମୀଣ ଜୀବିକା ବିକାଶ ଓ ଉତ୍ପାଦକ ନେତୃତ୍ୱାଧୀନ ଉଦ୍ୟୋଗ ବିକାଶ ପାଇଁ ଏକ ଆଦର୍ଶ ଭାବେ ପ୍ରତିଷ୍ଠିତ ହେବ ବୋଲି ଆଶା ପ୍ରକାଶ କରିଥିଲେ।

# ଘଷିପୁରା ବସଷ୍ଟାଣ୍ଡରୁ ମିଳିଲା ସୁନା; ୧୫ ଦିନ ପରେ ପୁଲିସ ଜିମାନେଲା



**ମହିଳା କର୍ମଚାରୀ ସନ୍ଦେହ ଘେରରେ**

ଆନନ୍ଦପୁର, ୫।୭ (ସମିସ): କେନ୍ଦୁଝର ଜିଲ୍ଲାର ଅନ୍ୟତମ ପ୍ରମୁଖ ଘଷିପୁରା ବସଷ୍ଟାଣ୍ଡ। ଏଠାରେ ଗତ କିଛି ଦିନ ହେବ ଯାତ୍ରୀଙ୍କ ଆସବାବପତ୍ର ଓ ସୁନାଗହଣା ହଜିବା ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବସଷ୍ଟାଣ୍ଡର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା ମହିଳା କର୍ମଚାରୀଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ନିକଟରେ ଶୌଚାଳୟରୁ ସଫେଇ କର୍ମଚାରୀ କିଛି ଅଳଙ୍କାର ପାଇଥିଲେ। ସଫେଇ କର୍ମଚାରୀ ଉକ୍ତ ଅଳଙ୍କାରକୁ ବସଷ୍ଟାଣ୍ଡ ପରିଚାଳନା ଦାୟିତ୍ୱରେ ଥିବା ଜଣେ ମହିଳା କର୍ମଚାରୀଙ୍କୁ ଦେଇଥିଲେ; କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ ସେସବୁକୁ ଥାନା ଜିମା ଦିଆ ଯାଇ ନଥିଲା। ଏପରିକି ଅଳଙ୍କାର ମିଳିବା ଘଟଣାର କିଛି ଦିନ ପୂର୍ବରୁ ସ୍ଥାନୀୟ ଆତାସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ସୁନା ଅଳଙ୍କାର ଏହି ବସଷ୍ଟାଣ୍ଡରେ ହଜି ଯାଇଥିଲା। ଏନେଇ ଘଷିପୁରା ପୁଲିସ ପକ୍ଷରୁ ବସଷ୍ଟାଣ୍ଡରେ ପଚରାଉଚରା କରି ତଦନ୍ତ କରିବା ସହ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସିସିଟିଭି ଭିଡିଓ ମାଗିଥିଲେ। କିନ୍ତୁ ସିସିଟିଭି କାମ କରୁନାହିଁ କହି ସମ୍ପୃକ୍ତ କର୍ମଚାରୀ ଦାୟିତ୍ୱ ଖସାଇ ଦେଇଥିଲେ। ତେବେ ଏହାପରେ ଶୌଚାଳୟରୁ ମିଳିଥିବା ଅଳଙ୍କାର ସଂପର୍କରେ କାହିଁକି ସେ ସ୍ଥାନୀୟ ପୁଲିସକୁ ସୂଚନା ଦେଇ ନଥିଲେ ସେନେଇ ସନ୍ଦେହ ଘନୀଭୂତ ହୋଇଥିଲା। ସୁନା ଅଳଙ୍କାର ମିଳିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଆଜି ପୁଲିସ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ଥାନାକୁ ଡକାଇ ପଚରାଉଚରା କରିବା ସହ ତାଙ୍କଠାରୁ ସୁନା ଅଳଙ୍କାର ଜିମା ନେଇଥିବା ଜଣାପଡ଼ିଛି। ଏହି ଘଟଣା ସଂପର୍କରେ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଲୋକେ ଜିଲ୍ଲା ପରିବହନ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ ମହିଳା କର୍ମଚାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ତାହା ମଧ୍ୟ ସନ୍ଦେହ ଘେରରେ। ଜିଲ୍ଲା କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ସଲସୁତୁରାରେ ଘଷିପୁରା ବସଷ୍ଟାଣ୍ଡରେ ବହୁ ଅନିୟମିତତା ଚାଲିଥିବା ସାଧାରଣରେ ଅଭିଯୋଗ ହୋଇଛି। ରାଜ୍ୟର କୋଣ ଅନୁକୋଣକୁ ଯାତ୍ରା ପାଇଁ ଏହି ବସଷ୍ଟାଣ୍ଡ ଉପରେ ଦୈନିକ ହଜାର ହଜାର ଯାତ୍ରୀ ନିର୍ଭର କରୁଛନ୍ତି। ବସଷ୍ଟାଣ୍ଡରେ ସରକାରଙ୍କ ପକ୍ଷରୁ ଥିବା ଉନ୍ନତ ଭିତ୍ତିଭୂମି ଆନୁଷଙ୍ଗିକ ସୁବିଧା ସୁଯୋଗ ଯାତ୍ରୀଙ୍କୁ ବେଶ୍ ଆକୃଷ୍ଟ କରୁଛି। କିନ୍ତୁ କିଛି ଦାୟିତ୍ୱହୀନ କର୍ମଚାରୀଙ୍କ ପାଇଁ ଏହି ବସଷ୍ଟାଣ୍ଡରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


**ରକ୍ଷଣାବେକ୍ଷଣ ଅଭାବ**

# ବିପଦସଂକୁଳ ଅବସ୍ଥାରେ ଭଞ୍ଜପୁର ମାର୍କେଟ୍ କମ୍ପ୍ଲେକ୍ସ

ବାରିପଦା,୫।୭ (ସମିସ)

ବାରିପଦା ପୌରପରିଷଦ ପରିଚାଳିତ ଭଞ୍ଜପୁର ମାର୍କେଟ୍ କମ୍ପ୍ଲେକ୍ସ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ଯାହାକି ଛାତ ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

**ଛାତ ଭୁଶୁଡ଼ିବା ଆଶଙ୍କା, ବ୍ୟବସାୟୀଙ୍କ ଅଭିଯୋଗ ସତ୍ତ୍ୱେ ଫଳ ଶୂନ୍**





ଉକ୍ତ ମାର୍କେଟ୍ କଂପ୍ଲେକ୍ସରେ ବ୍ୟବସାୟ କରୁଥିବା ଦୋକାନୀ ବାରିପଦା ପୌରନିର୍ବାହୀ ଅଧିକାରୀଙ୍କ ନିକଟରେ ଏ ନେଇ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହା ତଦନ୍ତ ସାପେକ୍ଷ। ତେବେ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ଭଞ୍ଜପୁର ମାର୍କେଟ କମ୍ପ୍ଲେକ୍ସରେ ୨୦୦୭ରୁ ୧୦୦ଟି ଗୃହ ଦୋକାନୀଙ୍କୁ ଆବଣ୍ଟନ ହୋଇଛି। ତେବେ ରକ୍ଷଣାବେକ୍ଷଣ ଅଭାବ ପାଇଁ ଛାତରେ ଦୀର୍ଘଦିନ ଧରି ଜମା ହୋଇଥିବା ଆବର୍ଜନା ସଫା ନ ହେବା, ବର୍ଷାପାଣି ନିର୍ଗତ ପାଇପ ମୁହଁ ଜାମ ହେବା ଫଳରେ ଛାତରେ ଜଳାଶୟ ଭ୍ରମ ସୃଷ୍ଟି ହେଉଛି। ଏଥିଯୋଗୁଁ ପାଣି ଘର ଭିତରକୁ ଲିକ୍ କରି ଦୋକାନୀଙ୍କ ବହୁ କ୍ଷତି ଘଟାଉଛି। ଛାତରେ ବିଦ୍ୟୁତ୍ ୱାରିଂ ନଷ୍ଟ ହେତୁ ସିଲିଂ ଫ୍ୟାନ୍ କାମ କରୁନି। ଛାତରେ ପାଣି ଜମିବା ଫଳରେ ନାନା ଗଛ ଉଠି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବିଷାକ୍ତ କୀଟ ଓ ଜନ୍ତୁ ଦୋକାନ ଗୃହରୁ ବାହାରୁଛନ୍ତି। କଟକଣା ନ ଥିବାରୁ କେତେକ ଲୋକ ଛାତକୁ ଶୌଚାଳୟ ଭାବେ ବ୍ୟବହାର କରୁଛନ୍ତି। ମଦ ବୋତଲ ଓ ଅନ୍ୟାନ୍ୟ ଜିନିଷ ଫିଙ୍ଗିବା ଫଳରେ ଜଳ ନିର୍ଗତ ପାଇପ୍ କାର୍ଯ୍ୟ କରୁନାହିଁ। ଦୋକାନୀମାନେ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ଯେ, ତୁରନ୍ତ ଛାତ ପରିଷ୍କାର ସହ ଗ୍ରେଡିଂ କରାଯାଉ। ଛାତରେ ଥିବା ପାଣି ଟାଙ୍କି ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉ ଓ ସୁରକ୍ଷା ପାଇଁ ଗାର୍ଡ କିମ୍ବା ପୁଲିସ୍ କନଷ୍ଟେବଳ ନିୟୋଜିତ କରାଯାଉ। ୨ନଂ ୱାର୍ଡର କାଉନସିଲର ଅନୁରାଧା ମହାନ୍ତିଙ୍କ ସହ ଦୋକାନୀମାନେ ଉପରୋକ୍ତ ଅଭିଯୋଗ କରିବା ସହିତ ଅଭିଯୋଗର ଏକକିତା ନକଲ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ସମସ୍ତେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ନୂତନ ବ୍ୟବସାୟ ପାଇଁ ବନ୍ଧୁଙ୍କ ସହଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିପାରେ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାନ ଧର୍ମ କରିବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେଇପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୧- ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍‌ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ହେଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।



# ଆଶୁତୋଷ-ଅମିର୍‌ଙ୍କ 'ଲଲକାର୍'

ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର ଖାନ୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର ଦୀର୍ଘଦିନ ପରେ ପୁଣି ଥରେ ଏକାଠି କାମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଲଗାନ' ଭଳି କଲ୍ଟ କ୍ଲାସିକ୍ ଫିଲ୍ମ ଭେଟି ଦେବାର ୨୫ ବର୍ଷ ପରେ, ଦୁହେଁ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ ଏକ ପିରିୟଡ୍ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ନେଇ ଆସୁଛନ୍ତି। ଏଥିରେ ୧୯୪୭ ଭାରତ ପାକିସ୍ତାନ ବିଭାଜନ ସ୍ଥିତିକୁ ମଧ୍ୟ ଦେଖାଯିବ। ଇତିମଧ୍ୟରେ ଫିଲ୍ମର ଟାଇଟଲ୍ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ ରହିଛି 'ଲଲକାର'। ଏହାର ସୁଟିଂ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। 'ଲଗାନ' ଭଳି, ଏହା ମଧ୍ୟ କ୍ରିକେଟ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ହେବ। ଅମିରଙ୍କ ବ୍ୟତୀତ, ଫିଲ୍ମ ନିର୍ମାତା ସେକେଣ୍ଡ ଲିଡ୍ ପାଇଁ ଅନ୍ୟ ଜଣେ ଅଭିନେତାଙ୍କୁ ସାମିଲ କରିବା ପାଇଁ ଚିନ୍ତା କରୁଛନ୍ତି। ଏହି ଅଭିନେତାଙ୍କ ନାମ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ରାଜକୁମାର ହିରାନୀ ଏବଂ ଅଭିଜାତ ଯୋଶୀ ଏହାର କାହାଣୀ ଲେଖିଛନ୍ତି। ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। 'ସିତାରେ ଜମିନ୍ ପର୍' ପରେ ଅମିର୍ କୌଣସି ଫିଲ୍ମର ସୁଟିଂ ଆରମ୍ଭ କରି ନାହାନ୍ତି। ଦାଦାସହେବ ଫାଲ୍‌କେଙ୍କ ବାୟୋପିକ୍ ଓ 'ଥ୍ରୀ ଇଡିଅଟସ୍ ୨'ସେ ନଜର ଆସିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି।

# ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ମୁଖଗହ୍ୱର କର୍କଟ

ତମାଖୁ ସେବନ ଯୋଗୁଁ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ ହରାଉଛନ୍ତି। ଏହାସତ୍ତ୍ୱେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କରୁଛନ୍ତି। ଚିନ୍ତାର ବିଷୟ ଏହା ଯେ, ତମାଖୁ ଜନିତ କ୍ଷତି କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମୁଖ କର୍କଟ ଭଳି ମାରାତ୍ମକ ରୋଗର କାରଣ ମଧ୍ୟ ସାଜିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାଟିରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ ଅନେକ ସମୟରେ କର୍କଟ ରୋଗର ପ୍ରାଥମିକ ଚେତାବନୀ ହୋଇପାରେ, କିନ୍ତୁ ଲୋକେ ପ୍ରାୟତଃ ଏହାକୁ ଅଣଦେଖା କରିଦିଅନ୍ତି। ଆଜି ବି ବହୁତ ଲୋକ ପାଟିରେ ଛାଲ ପଡ଼ିଯିବା, ମାଢ଼ିରୁ ରକ୍ତ ଆସିବା ତଥା ପାଟି ଭିତରେ ଦେଖାଯାଉଥିବା ଅନ୍ୟାନ୍ୟ ସମସ୍ୟାକୁ ସାମାନ୍ୟ ଭାବି ଅଣଦେଖା କରିଥାନ୍ତି। ହେଲେ ପାଟି ଭିତରେ ଘା' ବା ଛାଲ ପଡ଼ିବା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଠିକ୍ ନହେଲେ ଏହାକୁ ଅଣଦେଖା କରିବା ଅନୁଚିତ। କାରଣ ଏହି ଲକ୍ଷଣ ମୁଖ ଗହ୍ୱର କର୍କଟ ସହିତ ଜଡ଼ିତ ହୋଇପାରେ। ତେଣୁ ସଠିକ୍ ସମୟରେ ଏହାର ପରୀକ୍ଷା ନ କଲେ ସ୍ଥିତି ଗମ୍ଭୀର ହୋଇପାରେ। ପାଟି ଭିତରେ ଧଳା କିମ୍ବା ଲାଲ୍ ଦାଗ ଦେଖାଯିବା, ଖାଦ୍ୟ ଚୋବାଇବାରେ ଯନ୍ତ୍ରଣା, କଥା କହିବା କିମ୍ବା ଖାଦ୍ୟ ଢୋକିବାରେ ସମସ୍ୟା, ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା, ପାଟିର କୌଣସି ଅଂଶରେ ଝିମ୍‌ଝିମ୍ ଅନୁଭବ କରିବାକୁ ମଧ୍ୟ ଅଣଦେଖା କରିବା ଅନୁଚିତ। ବିଶେଷ କରି ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପରୋକ୍ତ ଲକ୍ଷଣ ଦେଖିବାକୁ ମିଳିଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସବୁ ପାଟି ଘା' କର୍କଟ ନୁହେଁ, ସାଧାରଣତଃ ଫୋଟକାଗୁଡ଼ିକ ତିନିରୁ ଚାରି ଦିନ ମଧ୍ୟରେ ଠିକ୍ ହୋଇଯାଏ। ହେଲେ ଛାଲ ବା ଘା ଯଦି ଲଗାତାର ବୃଦ୍ଧି ପାଇ ଯନ୍ତ୍ରଣା ହେଉଥାଏ, ଉକ୍ତ ସ୍ଥାନରୁ ରକ୍ତ ବାହାରିବା ସହ ଖାଇବା ପିଇବା, କଥା କହିବାରେ ସମସ୍ୟା ସୃଷ୍ଟି ହେଉଥାଏ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ପୂର୍ବରୁ ମୁଖ ଗହ୍ୱର କର୍କଟ ମୁଖ୍ୟ ରୂପେ ୫୦ରୁ ୭୫ ବର୍ଷ ବୟସରେ ହେଉଥିଲା। ହେଲେ ବିଗତ କିଛି ବର୍ଷ ହେବ ୨୫ରୁ ୪୫ ବର୍ଷ ତଥା ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହି ମାମଲା ବଢ଼ି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଧୂମପାନ, ତମାଖୁ ସେବନ, ମଦ୍ୟପାନ ମୁଖ ଗହ୍ୱର କର୍କଟ ଆଶଙ୍କାକୁ ବଢ଼ାଇଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଲେ ଚିକିତ୍ସା ଫଳାଫଳ ଭଲ ହୁଏ। ଡାକ୍ତର ଅମିତ ଚକ୍ରବର୍ତ୍ତୀଙ୍କ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ହେଉଥିବା ରୋଗୀଙ୍କର ବଞ୍ଚିବାର ସମ୍ଭାବନା ୮୦ରୁ ୯୦ ପ୍ରତିଶତ ଥାଏ।

ପ୍ରେମ ଦେଖେନି ବୟସ

# ୯୬ ବର୍ଷ ବୟସରେ ଖୋଜୁଛନ୍ତି ସାଥୀ



ପ୍ରେମ କେବଳ ବାହ୍ୟ ରୂପ ନୁହେଁ, ବରଂ ଏହା ମନ ଓ ଆତ୍ମାର ମିଳନ। ତେଣୁ ଏହା ସବୁ ବୟସରେ ସମାନ ଭାବେ ଅନୁଭୂତ ହୋଇଥାଏ। ଜୀବନର ଯେକୌଣସି ମୋଡ଼ରେ ଯୁବାବସ୍ଥା ହେଉ କିମ୍ବା ବୃଦ୍ଧାବସ୍ଥା ମଣିଷ ସାଥୀଟିଏ ଲୋଡ଼ିଥାଏ। ନ୍ୟୁୟର୍କରେ ରହୁଥିବା ୯୬ ବର୍ଷୀୟ ସୋଲେମନ ରୋସେନବାଲ୍‌ଟଙ୍କ କାହାଣୀ ଏକପ୍ରକାର ଏହି କଥାକୁ ପ୍ରମାଣିତ କରୁଛି। ସୋଲେମନ୍ ତାଙ୍କ ଜୀବନର ସାତ ଦଶନ୍ଧି ନିଜ ପତ୍ନୀ ଭିକିଙ୍କ ସହିତ ଅତିବାହିତ କରିଥିଲେ। ୨୦୨୩ ମସିହାରେ ସୋଲେମନଙ୍କୁ ଏକାକରି ତାଙ୍କ ପତ୍ନୀ ଆଖି ବୁଝିଲେ। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଗଲା। ଏବେ ସେ ପୁଣି ଥରେ ଜୀବନସାଥୀର ସନ୍ଧାନ କରୁଛନ୍ତି। ସୋଲେମନ କୁହନ୍ତି, ମଣିଷକୁ ପ୍ରତି ବୟସରେ ଜଣେ ନିଜର ଲୋକ ଦରକାର। ସୋଲେମନଙ୍କ ପାଇଁ ତାଙ୍କ ପତ୍ନୀ କେବଳ ଜୀବନସାଥୀ ନ ଥିଲେ, ବରଂ ତାଙ୍କର ସବୁଠୁ ବଡ଼ ସାଙ୍ଗ ଓ ବଳ ଥିଲେ। ଦୁହେଁ ୬୯ ବର୍ଷ ପର୍ଯ୍ୟନ୍ତ ବୈବାହିକ ଜୀବନର ଅନେକ ଉତ୍‌ଥାନପତନକୁ ସାମ୍ନା କରିଥିଲେ। ତେବେ ପତ୍ନୀଙ୍କ ବିୟୋଗ ପରେ ସୋଲେମନ୍ ଘରେ ଏକୁଟିଆ ଅନୁଭବ କଲେ। ଏହାସହ ସେ ଅନୁଭବ କଲେ ଯେ, ଜୀବନରେ କେବଳ ସ୍ମୃତି ଯଥେଷ୍ଟ ନୁହେଁ। ସମୟ ସହିତ ମଣିଷର ସାଥ୍ ଦେବା ଲାଗି କେହି ଜଣେ ନିଜର ବି ଦରକାର। ଯଦିଓ ସେ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ଥାନ ଆଉ କାହାକୁ ଦେବାକୁ ଚାହୁଁ ନାହାନ୍ତି, ହେଲେ ଜୀବନର ବଳକା ସମୟକୁ ସେ ଏକାକି ଅତିବାହିତ କରିବାକୁ ଚାହାନ୍ତି ନାହିଁ ବୋଲି ସୋଲେମନ କହିଛନ୍ତି। ତାଙ୍କ ପାଇଁ ପ୍ରେମର ଅର୍ଥ ହେଉଛି, କାହା ସହିତ ବସି ଚା' ପିଇବା, କଥା ହେବା, ଛୋଟ ମୋଟ ଖୁସି ସେୟାର କରିବା, ପରସ୍ପରର ଯତ୍ନ ନେବା। ଏହି ଚିନ୍ତାଧାରାକୁ ନେଇ ସେ ୯୬ ବର୍ଷ ବୟସରେ ପ୍ରେମର ସନ୍ଧାନ କରୁଛନ୍ତି। ଏ ଲାଗି ସେ ଜଣେ ପ୍ରଫେସନାଲ ମ୍ୟାଚ୍‌ମେକରଙ୍କ ସାହାଯ୍ୟ ନେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ଶୁଣି ଅନେକ ଆଶ୍ଚର୍ଯ୍ୟ ବି ହୋଇଛନ୍ତି। ହେଲେ ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାର ପ୍ରଶଂସା କରିଛନ୍ତି। ସୋଲେମନ ଏକଥା ପ୍ରମାଣିତ କରିଛନ୍ତି ଯେ, ଖୁସିରେ ରହିବା ଏବଂ ପ୍ରେମ ପାଇଁ ବୟସ ନ ଥାଏ। ତାଙ୍କର ଏ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୋଲେମନଙ୍କ କାହାଣୀ ଜୀବନକୁ ମନଖୋଲା ଭାବେ ଜିଇଁବାକୁ ଦର୍ଶାଇଛି। ନିଜର ଲୋକଙ୍କୁ ହରାଇବା ଦୁଃଖ ବହୁତ ଯନ୍ତ୍ରଣାଦାୟକ ହେଲେ ବି ଏହାର ଅର୍ଥ ନୁହେଁ ଯେ, ଜୀବନର ସମସ୍ତ ଖୁସି ଶେଷ ହୋଇଯାଏ। ୯୬ ବର୍ଷ ବୟସରେ ଏକ ନୂଆ ଆରମ୍ଭ କରିବାର ସାହସ ଦେଖାଇଛନ୍ତି ସୋଲେମନ। ତାଙ୍କର ଏ କାହାଣୀ ପ୍ରତିଫଳିତ କରିଛି ଯେ, ଜୀବନରେ କେବେ ବି ଆଶାର ଅନ୍ତ ନାହିଁ। କାରଣ ପ୍ରେମ, ବନ୍ଧୁ ଏବଂ ସାଥୀଟିଏର ଆବଶ୍ୟକତା ମଣିଷକୁ ପ୍ରତ୍ୟେକ ବୟସରେ ଲୋଡ଼ା ପଡ଼େ।

## ସ୍ୱସ୍ତି



# ଅନବସର

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି। ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର। ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର। ସାଧାରଣ ଅଣସର ୧୫ ଦିନ ପାଳିତ ହୁଏ। ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ। ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ।

# ପୂଜା ଆସନର ମହତ୍ତ୍ୱ

**ବାସ୍ତୁ ଓ ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, ପୂଜା ସମୟରେ ଆସନରେ ବସିବା ଉଚିତ। ପୂଜା ହେଉ ଅବା ମନ୍ତ୍ର ଜପ ଆସନରେ ବସି କରିବା ଉଚିତ। ବେଳେବେଳେ ଲୋକେ ତଳେ ବସି ପୂଜା ଓ ମନ୍ତ୍ର ଜପ କରନ୍ତି। ବିନା ଆସନରେ ପୂଜା କରିବା ଭଲ ନୁହେଁ।**

- ଶାସ୍ତ୍ର ଅନୁସାରେ, ପୂଜା ତଥା ମନ୍ତ୍ର ଜପ ଲାଗି କୁଶ ଆସନ ସବୁଠୁ ଶୁଭ ଓ ପବିତ୍ର। ଏହି ଆସନ ସମସ୍ତ ନକାରାତ୍ମକତା ଦୂର କରି ଅନୁଷ୍ଠାନକୁ ପୂରା କରିବାରେ ସାହାଯ୍ୟ କରେ।
- ଆସନରେ ବସି ପୂଜା କରିବା ଅର୍ଥ ଦେବୀଦେବତାଙ୍କ ପ୍ରତି ସମ୍ମାନ ଦେଖାଇବାର ଏକ ଉପାୟ। ଏଭଳି ପୂଜାକୁ ପୂର୍ଣ୍ଣ ଏବଂ ଶୁଭଫଳଦାୟୀ ବୋଲି କୁହାଯାଏ।
- ଆସନରେ ବସି ପୂଜା ତଥା ମନ୍ତ୍ର ଜପ କରିବା ଦ୍ୱାରା ଜ୍ଞାନ, ଶାନ୍ତି, ସୌଭାଗ୍ୟ, ଧନ ପ୍ରାପ୍ତି ହୁଏ।
- ଆସନରେ ବସି ପୂଜା କରିବା ଦ୍ୱାରା ଶରୀର ଆରାମଦାୟକ ସ୍ଥିତିରେ ରହେ। ଏହା ଦ୍ୱାରା ମନ ପୂଜାରେ ଲାଗେ। ଧ୍ୟାନ କେନ୍ଦ୍ରିତ ରହେ।
- ଆସନରେ ବସି ପୂଜା କଲେ ଶାରୀରିକ ଓ ଆଧ୍ୟାତ୍ମିକ ସ୍ୱଚ୍ଛତା ବଜାୟ ରହେ।
- ଶୀତ ଦିନେ ଉଲ୍ ଆସନରେ ବସି ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ।



# ସବୁଜ ରକ୍ଷାସୂତ୍ର

**ରକ୍ଷାସୂତ୍ର ନାଲି ଓ ହଳଦିଆ ରଙ୍ଗ ଥିବା ସମସ୍ତେ ଜାଣନ୍ତି। ହେଲେ ବିଶେଷ ପରିସ୍ଥିତିରେ ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବନ୍ଧା ଯାଏ। ଜ୍ୟୋତିଷ ଶାସ୍ତ୍ରରେ ସବୁଜ ରକ୍ଷାସୂତ୍ର ବୁଧ ଗ୍ରହ ସହ ଜଡ଼ିତ। ଏହାକୁ ହାତରେ ବାନ୍ଧିବାର ଲାଭ କ'ଣ, ସେ ସମ୍ପର୍କରେ ଜାଣିବା।**



- ମାନ୍ୟତାନୁସାରେ, ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବାନ୍ଧିଲେ ମସ୍ତିଷ୍କ ସକ୍ରିୟ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜାତକରେ ବୁଧ ଗ୍ରହ ମଜଭୁତ ହୁଏ। ଏହା ଦ୍ୱାରା ବ୍ୟବସାୟ ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଲାଗି ଏହା ଲାଭକାରୀ। ଏହାକୁ ହାତରେ ବାନ୍ଧିଲେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ଏବଂ କାମ ପୂରା ହୁଏ। ମନ ଶାନ୍ତ ରହେ, ଅବସାଦ ଦୂର ହୁଏ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ହାତରେ ସବୁଜ ରକ୍ଷାସୁତ୍ର ବାନ୍ଧିଲେ ବ୍ୟବସାୟ ଏବଂ ଚାକିରି ସମ୍ବନ୍ଧିତ କାର୍ଯ୍ୟ କଲେ ଉନ୍ନତି ଶୀଘ୍ର ହୁଏ। ନୂଆ ଅବସର ସୃଷ୍ଟି ହୁଏ। ଜୀବନ ଜିଇଁବା ସହଜ ହୁଏ।
- ଏହାକୁ ପିନ୍ଧିବାର ଭଲଦିନ ହେଉଛି ବୁଧବାର। ଏହିଦିନ ସକାଳୁ ଉଠି ସ୍ନାନ ସାରି ଗଣେଶଙ୍କ ପୂଜା କରି ଏହାକୁ ହାତରେ ବାନ୍ଧିବା ଭଲ।
- ଏହାକୁ ତିନିଟି ଗଣ୍ଠି ପକାଇ ବାନ୍ଧିବା ଉଚିତ। ପୁରୁଷ ଡାହାଣ ଓ ମହିଳା ବାମ ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିବା ଉଚିତ। ସେହିପରି ଏହାକୁ ଠିକ୍ ନିୟମରେ ବାନ୍ଧିଲେ ଜୀବନରେ ସକାରାତ୍ମକତା ଆସେ।

# ସ୍କୁଲ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ବାସ୍ତୁଶାସ୍ତ୍ର ନିୟମ ଅନୁସାରେ, ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ରଖାଯାଉଥିବା ଜିନିଷ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଏ। ତେବେ ବ୍ୟାଗ୍‌ରେ କେଉଁ ଜିନିଷ ରଖିବା ଭଲ ନୁହେଁ, ସେ ସମ୍ପର୍କରେ ଜାଣିବା।**

- ବ୍ୟାଗ୍‌ରେ ଭଙ୍ଗା ପେନସିଲ, କଲମ ରଖିବା ଭଲ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ଦ୍ୱାରା ପିଲାଙ୍କ ମନ ବିଚଳିତ ରହେ।
- ପିଲାଙ୍କ ବ୍ୟାଗ୍‌ରେ ପୁରୁଣା ନୋଟ୍, ଚିରା ବହି, ଖାତା ତଥା ଅନାବଶ୍ୟକ କାଗଜ ଥିଲେ ବାହାର କରି ଦିଅନ୍ତୁ। ଏହା ଦ୍ୱାରା ନକାରାତ୍ମକତା ବୃଦ୍ଧି ପାଏ। ପଢ଼ାରେ ମନ ଲାଗେ ନାହିଁ।
- ବ୍ୟାଗ୍‌ରେ ଧାରୁଆ ଜିନିଷ ରଖିବା ଅନୁଚିତ। କଇଁଚି, କମ୍ପାସ, କଟର ଆଦିକୁ ଖୋଲା ଖୋଲି ଭାବେ ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ପାଉଚ୍ କିମ୍ବା ବାକ୍ସରେ ରଖନ୍ତୁ।
- ସେହିପରି ସ୍କୁଲ ବ୍ୟାଗ୍‌ରେ ଚକଲେଟ୍ ଜରି କିମ୍ବା ଗିଫ୍ଟ ର୍‍ୟାପ୍‌ର ରଖିବା ଭଲ ନୁହେଁ। ଏହାଦ୍ୱାରା ବ୍ୟାଗ୍ ଅପରିଷ୍କାର ହୁଏ ଏବଂ ନକାରାତ୍ମକତା ବୃଦ୍ଧି ପାଏ।
- ଏହାବାଦ୍ ଭୟଭୀତ କରୁଥିବା ଜିନିଷ ତଥା ଷ୍ଟିକରକୁ ବ୍ୟାଗ୍ କିମ୍ବା ପେନ୍‌ସିଲ ବକ୍ସରେ ରଖନ୍ତୁ ନାହିଁ।
- ବାସ୍ତୁ ଶାସ୍ତ୍ର ଅନୁସାରେ ପିଲାଙ୍କ ବ୍ୟାଗ୍‌ରେ ମୟୂର ପୁଚ୍ଛ ରଖିବା ଭଲ। ନଚେତ ଚନ୍ଦନ କାଠ ଛୋଟ ଖଣ୍ଡେ ରଖିପାରିବେ। ଏହାଦ୍ୱାରା ସକାରାତ୍ମକତା ବଜାୟ ରହେ।






# କ୍ୱାର୍ଟରରେ ଫ୍ରାନ୍ସ-ମରୋକ୍କୋ ଲଢ଼େଇ

ଫିଲାଡେଲଫିଆ/ଡଲାସ,୫।୭ (ଏଜେନ୍ସି)

ଦୁଇଥରର ଚାମ୍ପିଅନ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ଫିଫା ବିଶ୍ୱକପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ହଷ୍ଟନରେ ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବ। ଏଠାରେ ଖେଳାଯାଇଥିବା ରାଉଣ୍ଡ ଅଫ୍-୧୬ ମୁକାବିଲାରେ ଟାଇଟଲର ଦୃଢ଼ ଆଶାୟୀ ଫ୍ରାନ୍ସ ସଂଘର୍ଷ କରି ୧-୦ ଗୋଲ୍‌ରେ ପାରାଗୁଏକୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି କିଲିୟାନ୍ ଏମ୍‌ବାପେ ପେନାଲ୍ଟିରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ପୂର୍ବରୁ ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ-୧୬ ମୁକାବିଲାରେ କାନାଡାକୁ ୩-୦ ଗୋଲରେ ପରାସ୍ତ କରି ମରୋକ୍କୋ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଆଜେଡାଇନ୍ ଓଉନାହି ୨ଟି ଓ ଓ ସୌଫିଆନେ ରହିମି ଗୋଟିଏ ଗୋଲ ସ୍କୋର କରିଥିଲେ।

ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଗୁଏକୁ



ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇପଡ଼ିଥିଲା। ରାଉଣ୍ଡ ଅଫ୍ ୩୨ରେ ନେଦରଲାଣ୍ଡସକୁ ପେନାଲ୍ଟି ସୁଟ୍‌ଆଉଟରେ ହରାଇଥିବା ପାରାଗୁଏ ଫ୍ରାନ୍ସ ବିପକ୍ଷରେ ଅତ୍ୟନ୍ତ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲା। ଏପରିକି ବିଶ୍ୱର ଦୁଇ ସୁପରଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେଙ୍କୁ ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିବାକୁ ବିଶେଷ ସୁଯୋଗ ଦେଇ ନ ଥିଲେ। ଯଦିବି କିଛି ସୁଯୋଗ ମିଳିଥିଲା ତାହାକୁ ପାରାଗୁଏର ଗୋଲକିପର ଅର୍ଲାଣ୍ଡୋ ଗିଲ୍ ବ୍ୟର୍ଥ କରିଦେଇଥିଲେ।

ଖେଳର ୬୯ତମ ମିନିଟ୍‌ରେ ପାରାଗୁଏର ଡିଫେଣ୍ଡର ପ୍ରତିପକ୍ଷ ଏମ୍‌ବାପେଙ୍କୁ ଫାଉଲ ମାରିଥିବା ଭିଏଆରଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ଫ୍ରାନ୍ସକୁ ପେନାଲ୍ଟି କିକ୍‌ର ସୁଯୋଗ ମିଳିଥିଲା। ଏମ୍‌ବାପେ ଏହି ପେନାଲ୍ଟିକୁ ଅତି ସହଜରେ ଗୋଲ ପୋଷ୍ଟକୁ ମାରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଗୋଲ ପରେ ଉଭୟ ପାରାଗୁଏ ଅଧିକ ଆକ୍ରମଣ କରିଥିଲାବେଳେ ଫ୍ରାନ୍ସ ରକ୍ଷଣାତ୍ମକ ଖେଳିଥିଲା। ଫଳରେ ମ୍ୟାଚ୍‌ର ରୋମାଞ୍ଚ କମିଯାଇଥିଲା। ପାରାଗୁଏ ଗୋଲ ଶୁଝାଇବାରେ ବିଫଳ ହୋଇଥିଲା।



| |
|---|
| ଫିଫା ବିଶ୍ୱକପ୍ |
| ପ୍ରି-କ୍ୱାର୍ଟର ମୁକାବିଲା |
| ସୋମବାର ରାତି |
| ପର୍ତ୍ତୁଗାଲ-ସ୍ପେନ୍ |
| ଡଲାସ, ରାତି ୧୨ଟା ୩୦ |
| ମଙ୍ଗଳବାର ସକାଳ |
| ଆମେରିକା-ବେଲଜିୟମ୍ |
| ସିଆଟଲ, ସକାଳ ୫ଟା୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |



## ଗୋଲ୍ଡେନ ବୁଟ୍ ଦୌଡ଼ରେ ଏମ୍‌ବାପେ

ଫିଲାଡେଲ୍‌ଫିଆ,୪।୭ (ଏଜେନ୍ସି): ଫ୍ରାନ୍ସ ଫରୱାର୍ଡ କିଲିୟାନ୍ ଏମ୍‌ବାପେ ଚଳିତ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ ବୁଟ୍ ଦୌଡ଼ରେ ସମସ୍ତଙ୍କ ଆଗରେ ରହିଛି। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ଏହା ୭ମ ଗୋଲସ୍କୋର ଥିଲା। ଫଳରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୭ଟି ଗୋଲ ଦେବାରେ ସମକକ୍ଷ ହୋଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା କରିଥିବାରୁ ସେ ପ୍ରଥମ ଓ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ସୁଦ୍ଧା ମେସି ୨୦ଟି ଗୋଲ ଦେଇ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସ୍କୋରର ହୋଇଛନ୍ତି। ଅନ୍ୟ ପକ୍ଷରେ ଏମ୍‌ବାପେ ୧୯ଟି ଗୋଲ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି ଗୋଲ ଦେଇ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଏମ୍‌ବାପେ ଓ ମେସିଙ୍କ ପଛକୁ ଦୁଇ ଫରୱାର୍ଡ ଖେଳାଳି ନରୱେର ଏର୍ଲିଙ୍ଗ ହଲାଣ୍ଡ ଓ ଇଂଲଣ୍ଡର ହ୍ୟାରୀ କେନ୍ ୫ଟି ଲେଖାଏଁ ଗୋଲ ସ୍କୋର କରି ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

## ୯ .୫୨ କୋଟି ଟଙ୍କାର ଘଣ୍ଟା ଫେରାଇଲେ ମେକ୍ସିକୋ ଖେଳାଳି

ମେକ୍ସିକୋ ସିଟି, ୫।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପର ସହ-ଆୟୋଜକ ମେକ୍ସିକୋ ପ୍ରି-କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମେକ୍ସିକୋ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଜଣାଶୁଣା ୟୁଟ୍ୟୁବର ଷ୍ଟିଫେନ୍ ଡେଲିଓନାର୍ଡିସ୍‌ଙ୍କ ଦ୍ୱାରା ବିଳାସପୂର୍ଣ୍ଣ ରୋଲେକ୍ସ ଘଣ୍ଟା ଉପହାର ଆକାରରେ ପ୍ରଦାନ କରାଯାଇଥିଲା। ନିଜ ଉଦ୍ୟମରେ ଷ୍ଟିଫେନ ପ୍ରଦାନ କରିଥିବା ଏହି ଏହି ସମସ୍ତ ଘଣ୍ଟାର ମୋଟ୍ ମୂଲ୍ୟ ଏକ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯ କୋଟି ୫୨ ଲକ୍ଷ) ହେବ। ତେବେ ଫିଫାର ଆଚାର ସଂହିତା ଅନୁଯାୟୀ, ଉପହାର ପ୍ରଦାନ ଓ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ରହିଛି। ଖେଳାଳିମାନେ କେବଳ 'ପ୍ରତୀକାତ୍ମକ' ଉପହାର ଗ୍ରହଣ କରିପାରିବେ। ତେଣୁ ମେକ୍ସିକୋ ଖେଳାଳି ଶେଷରେ ବାଧ ହୋଇ ଏହି ସମସ୍ତ ମୂଲ୍ୟବାନ ଘଣ୍ଟା ଫେରାଇବାକୁ ନିଷ୍ପତ୍ତି ନେଇଥିଲେ।

## ଗିଲ୍‌ଙ୍କ ସହ ହାତ ମିଳାଇଲେନି ଏମ୍‌ବାପେ

ଫିଲାଡେଲଫିଆ,୪।୭ (ଏଜେନ୍ସି): ଫୁଟବଲ ଭଳି ଖେଳରେ ବିବାଦ ଲାଗି ରହିବା ଏକ ସାଧାରଣ ଘଟଣା। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ଏଠାରେ ଅନୁଷ୍ଠିତ ଫ୍ରାନ୍ସ ପାରାଗୁଏ ମ୍ୟାଚ୍‌ରେ। ଏହି ମ୍ୟାଚ୍‌ରେ ସଂଘର୍ଷ କରି ଫ୍ରାନ୍ସ ୧-୦ ଗୋଲରେ ଜିତିବା ପରେ ପାରାଗୁଏର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ପ୍ରତିପକ୍ଷ ଅଧିନାୟକ କିଲିଆନ୍ ଏମ୍‌ବାପେଙ୍କ ସହ ହାତ ମିଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏମ୍‌ବାପେ ଏହାକୁ ଅଣଦେଖା କରି ଚାଲିଯାଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗିଲ୍ ଧରିଥିବା ବଲ୍‌କୁ ଏମ୍‌ବାପେଙ୍କ ଉପରକୁ ଫିଙ୍ଗିଥିଲେ। ତାଙ୍କ ଦେହରେ ବଲ ବାଜିଥିଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ଏମ୍‌ବାପେ ଚାଲିଯାଇଥିଲେ। ଏମ୍‌ବାପେ ତାଙ୍କ ସହ ହାତ ନ ମିଳାଇବାରୁ ରାଗିଯାଇ ବଲ ଫିଙ୍ଗିଥିଲେ ବୋଲି ଗିଲ୍ ପରେ ସ୍ୱୀକାର କରିଥିଲେ। ଏହି ଘଟଣାରେ କୌଣସି ବିବାଦ ସୃଷ୍ଟି ହୋଇ ନ ଥିଲା।



■ କେପ୍ ଭର୍ଡର ସଫଳତା

## ଫିଫାର ଟିମ୍ ବଢ଼ାଇବା ନିଷ୍ପତ୍ତି ଯଥାର୍ଥ

ନ୍ୟୁୟର୍କ,୫।୭ (ଏଜେନ୍ସି): ବିଶ୍ୱ ଫୁଟବଲ ର୍ୟାଙ୍କିଙ୍ଗରେ ୬୪ତମ ସ୍ଥାନ, ପ୍ରାୟ ୬ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଦେଶ କେପ ଭର୍ଡ ଚଳିତ ବିଶ୍ୱକପ୍‌ରେ ଯେପରି ଖେଳ ପ୍ରଦର୍ଶନ କରିଛି, ସେଥିରେ କିଂବଦନ୍ତି ଖେଳାଳି ଲିଓନେଲ ମେସି ଓ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପାଣି ପିଇଛି। ଏହି ଛୋଟିଆ ଦେଶ ପଦାର୍ପଣରେ ନକ୍‌ଆଉଟକୁ ଉନ୍ନୀତ ହେବା ଓ ଆର୍ଜେଣ୍ଟିନା ପରି ଦେଶ ବିପକ୍ଷରେ ଲଢୁଆ ଖେଳିବା ନିଶ୍ଚିତ ଭାବେ ଫିଫାର ଟିମ୍ ସଂଖ୍ୟା ବୃଦ୍ଧି ଯେଉଁ ମହତ୍ୱାକାଂକ୍ଷା ନେଇ କରାଯାଇଥିଲା ତାହା ଯଥାର୍ଥ ବିବେଚିତ ହୋଇଛି। ଆର୍ଜେଣ୍ଟିନା ବିପକ୍ଷ ମୁକାବିଲାରେ କେପ୍ ଭର୍ଡ ଯେପରି ଖେଳିଥିବା ସେଥିରୁ ଫଳାଫଳ ଯେ କୌଣସି ଦେଶ ସପକ୍ଷରେ ଯାଇପାରିଥାନ୍ତା। କିନ୍ତୁ ନିଜର ରଣନୀତି ଲାଗି ପ୍ରସିଦ୍ଧି ଲାଭ କରିଥିବା ଚାମ୍ପିଅନ ଆର୍ଜେଣ୍ଟିନା ଶେଷରେ ବିଜୟୀ ହୋଇ ଏକ ବଡ଼ ବିପର୍ଯ୍ୟୟ ଟଳିଯାଇଥିଲା। ଫିଫା ଯେତେବେଳେ ବିଶ୍ୱକପ୍‌ରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରିଥିଲା, ତାହାକୁ ତୀବ୍ର ସମାଲୋଚନା କରାଯାଇଥିଲା। ଟିମ୍ ସଂଖ୍ୟା ବୃଦ୍ଧି ପ୍ରତିଯୋଗିତାମୂଳକ ଫୁଟବଲ ଉପରେ କୌଣସି ପ୍ରଭାବ ପକାଇବନି। ବରଂ ମ୍ୟାଚ୍ ସଂଖ୍ୟା, ରେଟିଂ ଓ ରାଜସ୍ୱ ବୃଦ୍ଧିରେ ଏହା ସହାୟକ ହେବ। ଫିଫାକୁ ବିପୁଳ ପରିମାଣରେ ରାଜସ୍ୱ ମିଳିବ। ଏହାକୁ ଅନେକ ସମାଲୋଚନା କରିଥିଲେ।

ଚଳିତ ବିଶ୍ୱକପ୍‌ରେ ୩୪ତମ ମାନ୍ୟତାପ୍ରାପ୍ତ ଟିମ୍ ପାରାଗୁଏ ଦ୍ୱାଦଶ ମାନ୍ୟତାପ୍ରାପ୍ତ ଟିମ୍ ନେଦରଲ୍ୟାଣ୍ଡକୁ ପରାସ୍ତ କରି ଓ ଫ୍ରାନ୍ସ ସହ ମ୍ୟାଚ୍‌କୁ ୬୯ ମିନିଟ୍ ଯାଏ ଗୋଲଶୂନ୍ୟ ରଖିବା ବିଜୟଠାରୁ ମଧ୍ୟ ଅଧିକ ସଫଳତା ପାଇଥିବା ବିବେଚନା କରାଯାଉଛି। ପର୍ତ୍ତୁଗାଲ ସହ ୪୧ତମ ମାନ୍ୟତାପ୍ରାପ୍ତ ଟିମ୍ କଙ୍ଗୋ ମ୍ୟାଚ୍‌କୁ ଗୋଲଶୂନ୍ୟ ଡ୍ର ରଖିବା ଓ ଚତୁର୍ଥ ମାନ୍ୟତାପ୍ରାପ୍ତ ଟିମ୍ ଇଂଲଣ୍ଡକୁ ନାକେଦମ୍ କରିବା କିଛି ଛୋଟିଆ କଥା ନୁହେଁ। ୮୨ତମ ମାନ୍ୟତାପ୍ରାପ୍ତ ଟିମ୍ କ୍ୟୁରାସିଓ ୨୫ତମ ମାନ୍ୟତାପ୍ରାପ୍ତ ଟିମ୍ ଇକ୍ୱେଡର ସହ ମ୍ୟାଚ୍ ଡ୍ର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୮୮ତମ ମାନ୍ୟତାପ୍ରାପ୍ତ ଟିମ୍ ହାଇତି ୬ଷ୍ଠ ମାନ୍ୟତାପ୍ରାପ୍ତ ଟିମ୍ ମରୋକ୍କୋ ସହ ଆଶାଠାରୁ ଅଧିକ ସମୟ ଗୋଲଶୂନ୍ୟ କରିବା ଉଲ୍ଲେଖନୀୟ ସଫଳତା ମଧ୍ୟରେ ଅନ୍ୟତମ। ଏହି ସବୁ ସଫଳତାକୁ ଦେଖିଲେ ବିଶ୍ୱକପ୍‌ରେ ଟିମ୍ ସଂଖ୍ୟା ବୃଦ୍ଧି ଯଥାର୍ଥ ବୋଲି ବିବେଚନା କରାଯାଉଛି।

## ୱିମ୍ବଲଡନ୍ କ୍ୱାର୍ଟର ଫାଇନାଲରେ ପେଗୁଲା

ଲଣ୍ଡନ, ୫।୭ (ଏଜେନ୍ସି): ଆମେରିକା ଟେନିସ ତାରକା ଜେସିକା ପେଗୁଲା ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ରହିଥିବା ପେଗୁଲା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ୪-୬, ୬-୩, ୬-୧ ସେଟରେ ସାଥୀ ଆମେରିକୀୟ ଖେଳାଳି ଇଭା ଜୋଭିକଙ୍କୁ ହରାଇଥିଲେ। ୨୦୨୩ ପରେ ପେଗୁଲାଙ୍କ ଏହା ପ୍ରଥମ ୱିମ୍ବଲଡନ କ୍ୱାର୍ଟର ଫାଇନାଲ ହେବ। କୋକୋ ଗଫ୍ ଓ ବେଲିଣ୍ଡା ବେନସିକ୍‌ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତା



ସହ ପେଗୁଲା କ୍ୱାର୍ଟର ଫାଇନାଲ ଖେଳିବେ। ଓପନ୍ ଏରା ଇତିହାସରେ ପେଗୁଲା ଦ୍ୱିତୀୟ ଖେଳାଳି ଭାବେ ୨୬ ବର୍ଷ ପୂରଣ ହେବାପରେ ୧୦ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିବେ। ତାଙ୍କ ପୂର୍ବରୁ ଜର୍ମାନୀର ହେଲଗା ମାସଥୋଫ ଏହି ସଫଳତା ପାଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ନୋଭାକ ଜୋକୋଭିଚ ଓ ରୁଷିଆର ରୋମାନ ସାଫିଉଲ୍ଲିନ ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚର ଶେଷ ଖବର ସୁଦ୍ଧା ଜୋକୋଭିଚ ପ୍ରଥମ ଦୁଇଟି ସେଟ୍‌କୁ ଜିତି ଅଗ୍ରଣୀ ରହିଛନ୍ତି।

## ବିଶ୍ୱକପ୍‌ରୁ ଏସିଆ ମହାଦେଶର ବିଦାୟ

ନୂଆଦିଲ୍ଲୀ,୫।୭ (ଏଜେନ୍ସି): ଇଜିପ୍ଟଠାରୁ ୪-୨ ପେନାଲ୍ଟି ଗୋଲରେ ଅଷ୍ଟ୍ରେଲିଆର ପରାଜୟ ସହ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ରୁ ଏସିଆ ମହାଦେଶ ରାଉଣ୍ଡ-୩୨ରୁ ବିଦାୟ ନେଇଛି। ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟରୁ ଏସିଆ ମହାଦେଶ ବିଦା ହେବା ଫଳରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦେଶ ନିରାଶ ହୋଇଛି। ଫୁଟବଲର ମାନ ବଢ଼ାଇବା ସକାରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦେଶକୁ ଏସିଆ ମହାଦେଶରେ ସାମିଲ କରାଯାଇଛି। ଏହି ଦେଶକୁ ମିଶାଇ ୪୮ଟି ମଧ୍ୟରୁ ମୋଟ ୯ଟି ଦେଶ ଏଥର ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଏହା ମଧ୍ୟରୁ କେବଳ ଦୁଇଟି ଦେଶ ଯଥା ଗ୍ରୁପ୍-ଡି'ରୁ ଅଷ୍ଟ୍ରେଲିଆ ଓ ଗ୍ରୁପ୍-ଏଫ୍'ରେ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୩୨'କୁ ଉନ୍ନୀତ ହୋଇଥିଲେ। ଉଭୟ ଦଳ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ହାରିଯାଇଥିଲେ। ବ୍ରାଜିଲଠାରୁ ଜାପାନ ଓ ଇଜିପ୍ଟଠାରୁ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଅନ୍ୟ ୭ଟି ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିଲେ। ଏହି ୭ଟି ଦଳ ମଧ୍ୟରେ ଇରାନ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଅନ୍ୟ ୬ଟି ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିଲେ। ଦକ୍ଷିଣ କୋରିଆ, ଜାପାନ ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଇରାକ, ଜୋର୍ଡାନ ଓ ଉଜବେକିସ୍ତାନ ସେମାନଙ୍କ ଗ୍ରୁପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲେ କିମ୍ବା ଡ୍ର କରି ନ ଥିଲେ। ଏହି ବିଶ୍ୱକପ୍‌ରେ ଏସିଆ ମହାଦେଶର ୯ଟି ଦେଶ ଦୁଇଟି ନକ୍‌ଆଉଟ ମ୍ୟାଚ୍‌କୁ ମିଶାଇ ମୋଟ ୨୯ଟି ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରୁ ମାତ୍ର ୩ଟି ମ୍ୟାଚ୍‌ରୁ ବିଜୟ ହୋଇଥିଲା।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

## ଗୁରନୁର୍‌ଙ୍କ କମାଲ; ଭାରତ-ଏ ୧୦ ୱିକେଟରେ ବିଜୟୀ

ଗଲ୍, ୫।୭ (ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍ ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ୧୦ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ'କୁ ପରାସ୍ତ କରିଛି। ଶ୍ରୀଲଙ୍କା-ଏ ମାତ୍ର ୩୩ ରନର ଛୋଟିଆ ଲକ୍ଷ୍ୟ ଭାରତ-ଏ ସାମ୍ନାରେ ରଖିଥିଲା। ଯାହାକୁ ରବିବାର ଅନ୍ତିମ ଦିବସରେ ଭାରତ-ଏ କୌଣସି ୱିକେଟ ନ ହରାଇ ୬.୨ ଓଭରରେ ହାସଲ କରିନେଇଥିଲା। ଏହି ମ୍ୟାଚରେ ଶ୍ରୀଲଙ୍କା-ଏ'ର ପ୍ରଥମ ପାଳି ସ୍କୋର ୩୭୬ ରନ ଜବାବରେ ଭାରତ-ଏ ୯ ୱିକେଟରେ ୫୪୩ ରନ କରି ଘୋଷଣା କରିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ସାଇ ସୁଦର୍ଶନ ୧୬୮ ରନ କରିଥିଲେ। ଜବାବରେ ୧୭୭ ରନ ପଛରେ ଥାଇ ଘରୋଇ ଶ୍ରୀଲଙ୍କା-ଏ ଦ୍ୱିତୀୟ ପାଳିରେ ମାତ୍ର ୨୦୯ ରନ



କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ-ଏ ପକ୍ଷରୁ ଦ୍ରୁତ ବୋଲର ଗୁରନୁର୍ ବ୍ରାର୍ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ଫଳରେ ପ୍ରଥମ ପାଳିରେ ୪ଟି ସଫଳତା ପାଇଥିବା ଗୁରନୁର ମ୍ୟାଚରେ ମୋଟ୍ ୧୦ ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ଫଳରେ ଭାରତ-ଏ ୧-୦ରେ ସିରିଜ ବିଜୟୀ ହୋଇଛି।

## ବାବର ପୁଣିଥରେ ଅଧିନାୟକ ପଦକୁ ଫେରିଲେ

କରାଚି, ୫।୭ (ଏଜେନ୍ସି): ବରିଷ୍ଠ ବ୍ୟାଟର୍ ବାବର ଆଜମ ପୁଣିଥରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ପଦକୁ ଫେରିଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ବାବରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ସନ୍ ମାସୁଦଙ୍କ ସ୍ଥାନରେ ୩୧ ବର୍ଷୀୟ ବାବରଙ୍କୁ ନେତୃତ୍ୱ ଭାର ମିଳିଛି। ମାସୁଦଙ୍କ ନେତୃତ୍ୱରେ ପାକିସ୍ତାନ ୧୬ଟି ଟେଷ୍ଟରୁ ୧୨ ହାରିଥିଲା। ଯେଉଁଥି ପାଇଁ ତାଙ୍କୁ ଅଧିନାୟକ ପଦ ହରାଇବାକୁ ପଡ଼ିଥିଲା। ଅପରପକ୍ଷରେ ବାବର ଶେଷଥର ଲାଗି ୨୦୨୧ରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ଭାର ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦ଟି ଟେଷ୍ଟରୁ ୧୦ଟି ବିଜୟୀ ହୋଇଥିଲା।

## ମୁକୁନ୍ଦ ବରାଳ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବେ ନିକିତା

ଭୁବନେଶ୍ୱର, ୫।୭ (ସମିସ): ଉଦୀୟମାନ ହକି ଖେଳାଳି ନିକିତା ଟପ୍ପୋ ଚଳିତ ବର୍ଷ ଲାଗି ମକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ନିକିତା ଜୟପୁରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସେହିଭଳି ଖେଲୋ ଇଣ୍ଡିଆ ଆଦିବାସୀ କ୍ରୀଡାରେ ଓଡିଶାର ବିଜୟରେ ନିକିତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ୪ଜଣ ଖେଳାଳିଙ୍କୁ ମଧ୍ୟ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନେ ହେଲେ ଆନିକା ପଟ୍ଟନାୟକ (ମିନିଗଲ୍ଫ), ଅଜିତ ଭୂୟାଁ (କୁସ୍ତି), ହରିଶଙ୍କର ନାୟକ (ଫୁଟବଲ) ଓ ମଞ୍ଜୁ ମୁଣ୍ଡା (ଉଷୁ)। ପୁରୀର କୁସ୍ତି ଗୁରୁ ନରସିଂହ ଲେଙ୍କାଙ୍କୁ 'ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ଗୁରୁ' ସମ୍ମାନରେ ସମ୍ମାନିତ କରାଯିବ।

ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ଫାଇନାଲ

## ନାଟାଲୀ-କେମ୍ପଙ୍କ ଲଢୁଆ ବ୍ୟାଟିଂ

ଲଣ୍ଡନ, ୫।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଆଇସିସି ମହିଳା ଟି-୨୦ ବିଶ୍ୱକପର ଫାଇନାଲ ମ୍ୟାଚ୍ ଖେଳାଯାଇଛି। ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ହାଇଭୋଲଟେଜ ଫାଇନାଲ ମୁକାବିଲାରେ ଟସ୍ ଜିତି ଅଷ୍ଟ୍ରେଲିଆ ଅଧିନାୟିକା ସୋଫି ମୋନିଲେକ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେବେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୨୦ ଓଭରରେ ୪ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଛି। ଅଧିନାୟିକା ନାଟାଲୀ ସ୍କିଭର ବ୍ରଣ୍ଟ ୫୮ ଓ ଫ୍ରେୟା କେମ୍ପ ୪୪ ରନର ଦ୍ରୁତ ପାଳି ଖେଳ ଦଳର ସମ୍ମାନ ରଖିଥିଲେ। ଦୁଇ ଇନଫର୍ମ ଓପନର୍ ଆଜି ଜୋନ୍ସ (୬ ରନ) ଓ ଡାନିଏଲ୍ ୱେଟ୍ (୮ ରନ)ଙ୍କୁ ପାୱାର-ପ୍ଲେ ମଧ୍ୟରେ ଆଉଟ୍ କରି ଇଂଲଣ୍ଡକୁ ଆରମ୍ଭରୁ ଡବଲ୍ ଝଟକା ଦେଇଥିଲା ଅଷ୍ଟ୍ରେଲିଆ। ତେବେ



ବ୍ୟାଟିଂ ଅବସରରେ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର

ଏହାପରେ ତୃତୀୟ ୱିକେଟ ଯୋଡ଼ିରେ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟଙ୍କ ସହ ଆଲିସେ କାପ୍ସି ଯୋଗ ଦେଇ ସ୍ଥିତି ସମ୍ଭାଳିଥିଲେ। ଉଭୟ ତୃତୀୟ ୱିକେଟ ଭାଗୀଦାରିରେ ୨୯ ବଲରୁ ୩୫ ରନ ସଂଗ୍ରହ କରିଥିଲେ। କିନ୍ତୁ ୩ ରନ ମଧ୍ୟରେ କାପ୍ସି ଓ ହେଥର ନାଇଟଙ୍କୁ ଆଉଟ୍ କରି ଅଷ୍ଟ୍ରେଲିଆ ପୁଣିଥରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। କାପ୍ସି ୨୦ ବଲରେ ୨୩ ରନ କରିଥିଲେ। ସେହିଭଳି ନାଇଟ୍ ମାତ୍ର ୨ ରନ କରି କିମ୍ ଗାର୍ଥଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ନାଟାଲୀ ଓ କେମ୍ପ ଅସମାପ୍ତ ୫ ୱିକେଟ ଭାଗୀଦାରିରେ ୫୫ ବଲରୁ ୮୦ ରନ ସଂଗ୍ରହ କରି ଦଳର ସମ୍ମାନ ରଖିଥିଲେ। ଫଳରେ ଇଂଲଣ୍ଡ ସ୍କୋର ଦେଢ଼ଶ ରନ ଛୁଇଁପାରିଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ମହିଳା ଦଳ ରେକର୍ଡ ୬ଥର ଲାଗି ଚାମ୍ପିଅନ ହୋଇଛି। ଯଦି ଏଠାରେ ଇଂଲଣ୍ଡକୁ ପରାସ୍ତ କରେ ତେବେ ୭ମଥର ଲାଗି ଟାଇଟଲ୍ ଜିତିବ।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS